

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୯ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 29 DECEMBER 2021

Vol.No. 32 ■ No. 333 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଓମିକ୍ରନ୍ ଯୋଗୁଁ ଦିଲ୍ଲୀରେ ଲାଗିଲା କଟକଣା




ନୂଆଦିଲ୍ଲୀ,୨୮/୧୨: ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ଓ ସଂକ୍ରମଣ ବଢ଼ିବା ପରେ ଏହାକୁ ରୋକିବାକୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଦିଲ୍ଲୀ ସରକାର । ୟୋଲୋ ଆଲର୍ଟ ଘୋଷଣା କରିବା ସହ ବିଭିନ୍ନ କଟକଣା ଲଗାଯାଇଛି । ସେଗୁଡ଼ିକ ହେଲା.. ସିନେମା, ମଲ୍ଟିପ୍ଲେକ୍ସ ଓ ଜିମ୍ ବନ୍ଦ ରହିବ, ସ୍କୁଲ ଓ କଲେଜ ଗୁଡ଼ିକ ବନ୍ଦ ରଖାଯିବ, ରାଜନୈତିକ, ଧାର୍ମିକ କିମ୍ବା କୌଣସି ସମାବେଶକୁ ଅନୁମତି ମିଳିବ ନାହିଁ, ଧାର୍ମିକ ସ୍ଥଳ ଖୋଲାରହିବ, ହେଲେ ଭକ୍ତଙ୍କୁ ଯିବାକୁ ବାରଣ କରାଯାଇଛି, ସାଧାରଣ ପାର୍କ ଖୋଲା ରହିବ, ହେଲେ ପିକନିକ କିମ୍ବା ସମାବେଶ କରିପାରିବେ ନାହିଁ, ଅତ୍ୟାବଶ୍ୟକ ସେବାକୁ ଛାଡ଼ି ଅନ୍ୟ ଘରୋଇ ଅଫିସ୍ ୫୦% କର୍ମଚାରୀରେ ଚାଲିବ, ରାତି ୧୦ଟାରୁ ସକାଳ ୫ଟା ଯାଏଁ ନାଇଟ କର୍ଫ୍ୟୁ, ବାହାଘର ଓ ଶେଷକୃତ୍ୟରେ ସବୁଠୁ ଅଧିକ ୨୦ ଜଣ ଭାଗ ନେଇପାରିବେ, ବିବାହ କାର୍ଯ୍ୟକ୍ରମ କେବଳ ଘରେ କିମ୍ବା କୋର୍ଟରେ ହୋଇପାରିବ, ମଲ୍ ଓ ଦୋକାନ ଅଡ୍-ଇଭିନ୍ ଅନୁସାରେ ଖୋଲିବ, ଅର୍ଥାତ୍ ସବୁ ଦୋକାନ ଏକାବେଳେ ଖୋଲିବ ନାହିଁ, ବରଂ ଦିନେ ଛାଡ଼ି ଦିନେ ଖୋଲିବ, ଦିନ ୧୦ଟାରୁ ରାତି ୧୦ଟା ମଧ୍ୟରେ ଦୋକାନ ଖୋଲିବାକୁ ଅନୁମତି, ରେଷ୍ଟୁରାଂଟ ଓ ବାର୍ ୫୦% କ୍ଷମତାରେ ରାତି ୧୦ଟା ଯାଏଁ ଖୋଲିପାରିବ, ଦିଲ୍ଲୀ ମେଟ୍ରୋ ଅଧା ଯାତ୍ରୀଙ୍କୁ ନେଇ ଚଳାଚଳ କରିବ । ଦିଲ୍ଲୀରେ ସୋମବାର ଗୋଟିଏ ଦିନରେ ୬୩ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହେବା ପରେ ଭୟ ବଢ଼ିଛି । ଏହାସହ ୬ ମାସ ମଧ୍ୟରେ ସବୁଠୁ ଅଧିକ ଦୈନିକ ସଂକ୍ରମଣ ୩୩୧ ଚିହ୍ନଟ ହୋଇଥିଲା । ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇ ସପ୍ତାହରେ ୨-୩ ପ୍ରତିଶତରୁ ବଢ଼ି ୨୫-୩୦ ପ୍ରତିଶତରେ ପହଂଚିଛି । ଦେଶରେ ଓମିକ୍ରନ ସଂଖ୍ୟା ବଢୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟ କଟକଣା ବଢ଼ାଇ ସାରିଛନ୍ତି । ମହାରାଷ୍ଟରେ ରାତି ୯ଟାରୁ ସକାଳ ୬ ପର୍ଯ୍ୟନ୍ତ ନାଇଟ୍ କର୍ଫ୍ୟୁ ସହ ଜିମ୍, ସ୍ପା, ହୋଟେଲ, ଥିଏଟର ପୂର୍ଣ୍ଣ କ୍ଷମତାର ୫୦ ପ୍ରତିଶତରେ ଚାଲିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି ଉଦ୍ଧବ ଠାକରେ ସରକାର । ଅନ୍ୟପଟେ ମଧ୍ୟପ୍ରଦେଶ ସରକାର ପୁରା ରାଜ୍ୟରେ ନାଇଟ କର୍ଫ୍ୟୁ ଲଗାଇଛନ୍ତି । ରାତି ୧୧ରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ପାଇଁ ଘୋଷଣା କରିଛି ଶିବରାଜ ସିଂହ ସରକାର । ଗୁଜରାଟର ସରକାର ମଧ୍ୟ ବିଭିନ୍ନ ସହରରେ ନାଇଟ କର୍ଫ୍ୟୁ ଜାରି କରିଛନ୍ତି । ଅହମଦାବାଦ, ବରୋଦରା, ସୁରଟ, ରାଜକୋଟ, ଭାବନଗର, ଜାମନଗର, ଗାନ୍ଧୀନଗର ଏବଂ ଜୁନାଗଡ଼ରେ ଏହି କର୍ଫ୍ୟୁ ରାତି ୧୧ଟାରୁ ସକାଳ ୫ଟା ଯାଏଁ ବଳବତର ରହିଛି । ପୂର୍ବରୁ ହରିୟାଣା ସରକାର ଘୋଷଣା କରିସାରିଛନ୍ତି ଯ, ଟିକାର ଦୁଇଟି ଯାକ ଡୋଜ୍ ନେଇନଥିବା ବ୍ୟକ୍ତିଙ୍କୁ ସର୍ବସାଧାରଣ ଜାଗାକୁ ଯିବାକୁ ଅନୁମତି ଦିଆଯିବ ନାହିଁ । ଜାନୁଆରୀ ୧ରୁ ଏହି କଟକଣା ଲାଗୁ ହେବ । ଚଣ୍ଡିଗଡ଼ରେ ମଧ୍ୟ ଟିକାର ଦୁଇଟି ଡୋଜ୍ ନେଇନଥିଲେ ଜାନୁୟାରୀ ୧ରୁ ପ୍ରବେଶ ଅନୁମତି ମିଳିବ ନାହିଁ ବୋଲି ଘୋଷଣା ହୋଇଛି ।

## ୨୦୦୭ ଜାନୁଆରୀ ୧ ପୂର୍ବରୁ ଜନ୍ମ ହୋଇଥିବା କିଶୋର ନେଇପାରିବେ ଟିକା



ଭୁବନେଶ୍ୱର,୨୮/୧୨(ନି.ପ୍ର): ୧୫ ରୁ ୧୮ ବର୍ଷ ପିଲା ଯେଉଁମାନଙ୍କ ଜନ୍ମ ୨୦୦୭ ଜାନୁଆରୀ ୧ ପୂର୍ବରୁ ହୋଇଥିବ ସେହିମାନେ ଟୀକା ନେଇପାରିବେ । ଟିକା ନେବା ପାଇଁ ଅନଲାଇନ ଓ ଅନସାଇଟ ପଞ୍ଜିକରଣ କରିହେବ । ଟିକାକରଣ ପାଇଁ ଦୁଇ ପ୍ରକାରର ବ୍ୟବସ୍ଥା କରାଯିବ । ପରିସ୍ଥିତି ଅନୁଯାୟୀ କିଶୋରଙ୍କ ଟିକା କରଣ ଲାଗି ସ୍ଥାନ ବଛାଯିବ । ଯେଉଁଠି ସୁବିଧା ହେବ କିଶୋରଙ୍କ ଟୀକା ଅଲଗା କରାଯିବ ନ ହେଲେ ଯେଉଁ ସ୍ଥାନରେ ବର୍ତମାନ ଟୀକା କରଣ ଚାଲିଛି ସେହି ଠାରେ ଅଲଗା ଲାଇନ କରି ଟିକା ଦିଆଯିବ । କିଶୋରଙ୍କ ଟିକା କ୍ଷେତ୍ରରେ ପ୍ରଥମ ଡୋଜ ରୁ ଦ୍ୱିତୀୟ ଡୋଜ ମଧ୍ୟରେ ବ୍ୟବଧାନ ୨୮ ଦିନ ରହିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ତେବେ ବରିଷ୍ଠ ନାଗରିକ ମାନେ କେଉଁ ଟୀକା ଦିଆଯିବ ତାହା ସ୍ପଷ୍ଟ ହୋଇନି । ବରିଷ୍ଠ ନାଗରିକ ମାନେ ପ୍ରଥମେ ଡାକ୍ତରଙ୍କ ସହ ପରାମର୍ଶ କରି ପ୍ରିକସନ ଡୋଜ୍ ନେବାକୁ ଆସିବେ । ବରିଷ୍ଠ ନାଗରିକ କ୍ଷେତ୍ରରେ ଦ୍ୱିତୀୟ ଡୋଜର ୯ ମାସ ପରେ ପ୍ରିକ୍ୟୁସନ ଡୋଜ ଦିଆଯିବ ।

## ୨୦୨୧ରେ ୭୦ ପ୍ରତିଶତରୁ ଅଧିକ ହତ୍ୟା ମାମଲାରେ ସରିନି ତଦନ୍ତ, ଧରାପଡି ନାହାନ୍ତି ଅପରାଧୀ



ଭୁବନେଶ୍ୱର,୨୮/୧୨(ନି.ପ୍ର): ଚଳିତବର୍ଷ ରାଜଧାନୀରେ ବଢିଛି ଅପରାଧ । ଭୁବନେଶ୍ୱରରେ ଲୋକଙ୍କୁ ଅଣନିଶ୍ୱାସୀ କରି ଦେଇଛି ହତ୍ୟା, ଚୋରୀ ଓ ଠକେଇ ଭଳି ଅପରାଧ । କମିଶନରେଟ ପୁଲିସର ଅପରାଧ ସମୀକ୍ଷା ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ସବୁଠାରୁ ବଡ କଥା ହେଲା, ଚଳିତ ବର୍ଷ ୮୪୭୩ଟି ମାମଲା ରୁଜୁ ହୋଇଛି । ତା ଭିତରୁ ୫୩୯୮ଟି ମାମଲାର ତଦନ୍ତ ଶେଷ ହୋଇଛି ଆଉ ଅଧିକାଂଶ ମାମଲାରେ ଅପରାଧୀଙ୍କ ପାଖରେ ପହଞ୍ଚିପାରୁନାହିଁ ପୁଲିସ । କମିଶନରେଟ ପୁଲିସର ଅପରାଧ ସମୀକ୍ଷା ରିପୋର୍ଟକୁ ଦେଖିଲେ ଡର ଲାଗୁଛି । ଏଠାରେ ଅପରାଧୀ, ବିନା ଭୟରେ ଅପରାଧ କରୁଥିଲେ ବି ଅଧିକାଂଶ କ୍ଷେତ୍ରରେ ଅପରାଧୀଙ୍କ ପାଖରେ ପହଞ୍ଚିପାରୁନାହିଁ ପୁଲିସ । ୨୦୨୧ରେ ରାଜଧାନୀରେ ଅପରାଧ ବଢିଛି । ଭୁବନେଶ୍ୱରରେ ଲୋକଙ୍କୁ ଅଣନିଶ୍ୱାସୀ କରି ଦେଇଛି ହତ୍ୟା, ଚୋରୀ ଓ ଠକେଇ ଭଳି ମାମଲା । କମିଶନରେଟ ପୁଲିସର ଅପରାଧ ସମୀକ୍ଷା ରିପୋର୍ଟ ଏଭଳି ଚମକାଇଦେଲା ଭଳି ତଥ୍ୟ ସାମ୍ନାକୁ ଆଣିଛି । ସବୁଠାରୁ ବଡ କଥା ହେଲା, ଅଧିକାଂଶ ମାମଲାର ତଦନ୍ତ ଶେଷ ହୋଇପାରୁନାହିଁ । ଚଳିତ ବର୍ଷ ନଭେମ୍ବର ୩୦ ସୁଦ୍ଧା ୮୪୭୩ଟି ମାମଲା ରୁଜୁ ହୋଇଛି । ୫ହଜାର ୩୯୮ଟି ମାମଲାର ତଦନ୍ତ ଶେଷ ହୋଇଛି । ତଦନ୍ତ ନ'ସରି ପଡି ରହିଛି ୩ ହଜାରରୁ ଅଧିକ ମାମଲା । ଏସବୁରେ ରହିଛି ହତ୍ୟା, ଧର୍ଷଣ, ଚୋରୀ, ଡକାୟତି ଭଳି ଅପରାଧ । ▶▶ପୃଷ୍ଠା ୭

## କନିଷ୍ଠ ଯନ୍ତ୍ରୀ ବଂଶୀଧର ସେଠୀଙ୍କ ଘରେ ଭିଜିଲାନ୍ସ ରେଡ୍

ବ୍ରହ୍ମପୁର, ୨୮/୧୨ (ନି.ପ୍ର): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଦିଗପହଣ୍ଡି ଗ୍ରାମ୍ୟ ଉନ୍ନୟନ ସେକ୍ସନ-୧ର କନିଷ୍ଠ ଯନ୍ତ୍ରୀ ବଂଶୀଧର ସେଠୀଙ୍କ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । ବଂଶୀଧରଙ୍କ ବ୍ରହ୍ମପୁର ଶକ୍ତିନଗର ଘର ସହିତ ପୋଲସରା ଚିରିକିପଦା ସ୍ଥିତ ପୈତୃକ ଘରେ ଚଢ଼ାଉ କରାଯାଇଛି । ସେହିପରି ବ୍ରହ୍ମପୁର ଲୋଚାପଡ଼ା ସ୍ଥିତ ତାଙ୍କ ସଂପର୍କୀୟଙ୍କ ଘର ସହିତ ଦିଗପହଣ୍ଡି ସ୍ଥିତ ତାଙ୍କ ଅଫିସ୍‌ରେ ଏକକାଳୀନ ଚଢ଼ାଉ କରାଯାଇଛି । ତାଙ୍କର ଶକ୍ତିନଗରର ଲେନ୍-୨ ସ୍ଥିତ ଘରଟି ତିନି ମହଲା ବିଶିଷ୍ଟ । ଦୁଇ ଜଣ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି । ଖବର ଲେଖାଯିବା ସୁଦ୍ଧା ଚଢ଼ାଉ ଜାରି ରହିଛି । ତାଙ୍କର କେତେ ସଂପତ୍ତି ରହିଛି, ତାହା ସନ୍ଧ୍ୟା ସୁଦ୍ଧା ଜଣାପଡ଼ିଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ବଂଶୀଧର ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ନେଇ ବିଶେଷ ସୂତ୍ରରୁ ସୂଚନା ପାଇବା ପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବ୍ରହ୍ମପୁରର ସ୍ପେଶାଲ ଭିଜିଲାନ୍ସ କୋର୍ଟରେ ସର୍ଚ୍ଚ ୱାରେଣ୍ଟ ପାଇଁ ଆବେଦନ କରାଯାଇଥିଲା । କୋର୍ଟଙ୍କ ଅନୁମତି ପାଇବା ପରେ ଆଜି ଭିଜିଲାନ୍ସ ପକ୍ଷରୁ ରେଡ୍ କରାଯାଇଛି ।

## ଜାନୁଆରୀ ୩ରୁ ଖୋଲିବ ପ୍ରାଥମିକ ସ୍କୁଲ



ଭୁବନେଶ୍ୱର, ୨୮/୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୩ ତାରିଖରୁ ଖୋଲିବ ପ୍ରାଥମିକ ସ୍କୁଲ । ସାରା ରାଜ୍ୟରେ ପ୍ରଥମରୁ ପଂଚମ ଶ୍ରେଣୀ ଯାଏଁ ଥିବା ପ୍ରାୟ ୨୭,୦୦୦ ବିଦ୍ୟାଳୟ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ତେବେ ଯେଉଁଠି ଜାନୁଆରୀ ୫ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ସମେଟିଭ୍ ପରୀକ୍ଷା ଅନୁଷ୍ଠିତ ହେବ ସେହି ସ୍କୁଲ ଗୁଡ଼ିକ ଜାନୁଆରୀ ୧୦ ତାରିଖରୁ ଖୋଲିବ । ଏନେଇ ସୂଚନା ଦେଇଛନ୍ତି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ । ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟାରୁ ପର୍ଯ୍ୟନ୍ତ ସ୍କୁଲ ଚାଲିବ । କ୍ଲାସ୍ ମଧ୍ୟରେ ଖାଇବା ଛୁଟି ରହିବ ନାହିଁ । ସ୍କୁଲରେ ମଧ୍ୟାହ୍ନ ଭୋଜନ ଦିଆଯିବ ନାହିଁ । ପୂର୍ବ ପରି ଶୁଖିଲା ରାସନ୍ ଦିଆଯିବ । ଉଲ୍ଲେଖନୀୟ ଯେ କୋଭିଡ୍ ପାଇଁ ୨ ବର୍ଷ ଧରି ପ୍ରାଥମିକ ସ୍କୁଲ ଗୁଡିକ ବନ୍ଦ ରହିଥିଲା । ସ୍କୁଲ ଖୋଲିବା ପାଇଁ ବିଭାଗ ପକ୍ଷରୁ ଏସଓପି ଜାରି କରାଯାଇଛି । ଏସଓପିରେ କୁହାଯାଇଛି ଯେ ରାଜ୍ୟରେ ପ୍ରାଥମିକ ସ୍କୁଲ ଖୋଲିବା ପରେ ମଧ୍ୟ ଅନଲାଇନରେ କ୍ଲାସ୍ ଜାରି ରହିବ । ଯେଉଁ ପିଲାମାନେ ସ୍କୁଲ ଆସିବାକୁ ଚାହିଁବେନି, ସେମାନେ ଅନଲାଇନ୍‌ରେ ମଧ୍ୟ ପାଠପଢା ଜାରି ରଖିପାରିବେ । ଅଭିଭାବକଙ୍କ ଅନୁମତି ନେଇ ପିଲାମାନେ ସ୍କୁଲ ଆସିପାରିବେ । କଂଟେନମେଂଟ ଜୋନ୍ ଅଂଚଳରେ ଥିବା ସ୍କୁଲ ଗୁଡିକ ଖୋଲିବ ନାହିଁ । କେବଳ କଂଟେନମେଂଟ ଜୋନ୍ ବାହାରେ ଥିବା ସ୍କୁଲ ଖୋଲିବାକୁ ଅନୁମତି ରହିଛି । ▶▶ପୃଷ୍ଠା ୭

## ଫେବୃଆରୀରେ ପିକ୍ ନେଇପାରେ ତୃତୀୟ ଲହର

ଭୁବନେଶ୍ୱର,୨୮/୧୨(ନି.ପ୍ର): ଫେବୃଆରୀ ଶେଷ ଆଡକୁ ପିକ୍ ନେଇପାରେ ତୃତୀୟ ଲହର । ଦେଶର ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାରେ ପ୍ରଥମ ଓ ଦ୍ୱିତୀୟ ଲହର ଦୁଇ ମାସ ବିଳମ୍ବରେ ଆସିଥିଲା । ଆଇସିଏମଆର ଆକଳନ ଅନୁଯାୟୀ, ଯଦି ତୃତୀୟ ଲହର ଆସେ ଖୁବଶୀଘ୍ର ଓଡ଼ିଶା ଆସିବ । ଫେବୃଆରୀ ମାସ ଶେଷ ବେଳକୁ ଏହା ପିକ୍ ନେଇ ପାରେ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି । ସେ ଆହୁରି କହିଛନ୍ତି ଯେ ସର୍ଭିଲାନ୍ସ,ଟେଷ୍ଟିଂ, ଟ୍ରିଟମେଂଟ ଓ ଟିକାକରଣ ଉପରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଉଛି । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ପ୍ରସ୍ତୁତ ରହିଛି । ପେଡ଼ିଆଟ୍ରିକ ବିଭାଗ, ଅକ୍ସିଜେନ ଓ ମେଡିସିନ ସମ୍ପୂର୍ଣ୍ଣ ଭାବେ ମହଜୁଦ ଅଛି । ଭିତିଭୂମି ପ୍ରସ୍ତୁତ କରି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହି ଅନୁଯାୟୀ ଆମେ ପ୍ରସ୍ତୁତ ରହିଛୁ । ରାଜ୍ୟର ସଙ୍ଗରୋଧ ସମୟ ୧୪ ଦିନ ରହିଛି । ସେଥିରେ କିଛି ପରିବର୍ତନ ହୋଇନି ।

## ହାଲୁକା ବର୍ଷା ସହ ଘନ କୁହୁଡି ସମ୍ଭାବନା

ଭୁବନେଶ୍ୱର, ୨୮/୧୨ (ନି.ପ୍ର): ବଙ୍ଗୋପସାଗରରୁ ଓଡ଼ିଶା ମଧ୍ୟକୁ ପ୍ରବେଶ କରୁଥିବା ଉଷ୍ମ ଓ ଜଳୀୟବାଷ୍ପପୂର୍ଣ୍ଣ ସାମୁଦ୍ରିକ ପବନର ପ୍ରଭାବରେ ରାଜ୍ୟ ରେ ଶୀତ ପ୍ରକୋପ କମିଛି । ରାଜ୍ୟର ରାତି ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହୁଥିବା ବେଳେ ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ପଡୁଥିବା ଦେଖିବାକୁ ମିଳୁଛି । ଏଥିସହ ରାଜ୍ୟରେ ଆଗକୁ ଆହୁରି ୪ ଦିନ ପର୍ଯ୍ୟନ୍ତ ଏଭଳି ପାଗ ଜାରି ରହିବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପାଣିପାଗ ବିଭାଗର ସୂଚନା ମୁତାବକ ସେହିପରି ଆଜିଠାରୁ ଆସନ୍ତାକାଲି ସକାଳ ୮ଟା ୩୦ ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, କେଉଁଝର, ବରଗଡ଼ର ଗୋଟିଏ କି ଦୁଇଟି ସ୍ଥାନରେ ହାଲୁକା ବର୍ଷା ହୋଇପାରେ । ତେବେ ଘନ କୁହୁଡି ପାଇଁ ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳରେ ଘନ କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଆସନ୍ତା ୨୯ ତାରିଖରୁ ୩୦ ତାରିଖ ମଧ୍ୟରେ ନୂଆପଡା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ, ଖୋର୍ଦ୍ଧାର କିଛି ଅଂଚଳରେ ହାଲୁକା ବର୍ଷା ହୋଇପାରେ । ଆସନ୍ତା ୩୦ ତାରିଖରୁ ୩୧ ତାରିଖ ମଧ୍ୟରେ ଉପକୂଳ ଓଡିଶା, ମୟୁରଭଞ୍ଜ, କେଉଁଝର, ଢେଙ୍କାନାଳ, କନ୍ଧମାଳର କିଛି ଅଂଚଳରେ ହାଲୁକା ବର୍ଷା ହୋଇପାରେ ।

## ୧୧୮ ବର୍ଷ ପରେ ସୂର୍ଯ୍ୟମନ୍ଦିର ମୁଖଶାଳାରୁ ବାହାରିବ ବାଲି



ଭୁବନେଶ୍ୱର,୨୮/୧୨(ନି.ପ୍ର): ଦୀର୍ଘ ୧୧୮ ବର୍ଷ ପରେ କୋଣାର୍କର ମୁଖଶାଳାରେ ଭର୍ତି କରି ରଖାଯାଇଥିବା ବାଲିକୁ ବାହାର କରାଯିବ, ଏଥିପାଇଁ ସମସ୍ତ ପଦକ୍ଷେପ ଚୁଡାନ୍ତ ହୋଇଛି । ପ୍ରକ୍ରିୟା ଆଗକୁ ବଢାଉଛି ଆଇଆଇଟି ମାଡ୍ରାସ୍ । ଯେଉଁ ମୁଖଶାଳାକୁ ସୁରକ୍ଷିତ ରଖିବା ପାଇଁ ବାଲି ଭର୍ତି କରି ରଖାଯାଇଥିଲା, ତାହା ଏବେ ସୁରକ୍ଷିତ ଥିବା ଦର୍ଶାଇ ପଦକ୍ଷେପ ନେଉଛି ଏଏସଆଇ । ସେଂଟ୍ରାଲ୍ ବିଲଡିଙ୍ଗ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ, ମୁଖଶାଳାର ଶୀର୍ଷରେ ଥିବା ଏକ କଣା ଦେଇ କରିଥିବା ଏଣ୍ଡୋସ୍କୋପି ଜରିଆରେ ଜାଣିବାକୁ ପାଇଥିଲା ଯେ, କିଛି ପଥର ଖଣ୍ଡ ଖଣ୍ଡ ହୋଇଯାଇଛି ଏବଂ ବାଲି ବସି ଯାଇଛି । ତେଣୁ ବାଲି ବାହାର କରି ମୁଖଶାଳାକୁ ସୁରକ୍ଷିତ କରିବା ନିହାତି ଆବଶ୍ୟକ ଥିବା ରିପୋର୍ଟରେ ଦର୍ଶାଯାଇଥିଲା । ଭିତରକୁ ପ୍ରବେଶ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଜଗମୋହନର ପଶ୍ଚିମ ପାଶ୍ୱର୍ରେ ୬ ଫୁଟରେ ୬ ଫୁଟ ଏକ ବାଟ ଫିଟାଯିବ । ବ୍ରିଟିଶ ଅମଳରେ ଏହି ସ୍ଥାନରେ ମଧ୍ୟ ପ୍ରବେଶ ପଥ ଥିଲା । ଏଏସଆଇ ପକ୍ଷରୁ ଦୁଇଟି ସ୍ଥାନରେ ଡ୍ରିଲିଂ କରାଯିବ । ପରେ ପ୍ରବେଶ ପଥ ଦେଇ ଭିତରର ସ୍ଥିତି ଅନୁଧ୍ୟାନ କରିବାକୁ ନିଷ୍ପତି ହୋଇଛି । ବାଲି ବାହାର କଲେ, ଜଗମୋହନକୁ ସୁରକ୍ଷିତ ରଖିବା ନେଇ ▶▶ପୃଷ୍ଠା ୭

## ବୁଷ୍ଟର ଡୋଜ୍ ପାଇଁ ବରିଷ୍ଠ ନାଗରିକଙ୍କୁ ଦେବାକୁ ପଡ଼ିବନି ମେଡିକାଲ ପ୍ରମାଣପତ୍ର



ନୂଆଦିଲ୍ଲୀ,୨୮/୧୨: କରୋନାର ତୃତୀୟ ଡୋଜ୍ ବା ବୁଷ୍ଟର ଡୋଜ୍‌କୁ ନେଇ ବରିଷ୍ଠ ନାଗରିକଙ୍କ ପାଇଁ ଏକ ଅଶ୍ୱସ୍ତିକର ଖବର ଆସିଛି । କୋଭିଡ୍‌ର ତୃତୀୟ ତଥା ପ୍ରି-କସନାରୀ ଡୋଜ୍ ପାଇଁ ବରିଷ୍ଠ ନାଗରିକଙ୍କୁ କୌଣସି ମେଡିକାଲ ସାର୍ଟିଫିକେଟ ଦେବାକୁ ପଡ଼ିବନି । କେନ୍ଦ୍ର ପକ୍ଷରୁ ଏନେଇ ସ୍ପଷ୍ଟ କରାଯାଇଛି । ଏପରିକି ବରିଷ୍ଠ ନାଗରିକମାନେ କୌଣସି ଗମ୍ଭୀର ରୋଗରେ ପୀଡ଼ିତ ଥିଲେ ମଧ୍ୟ ସେମାନଙ୍କୁ ମେଡିକାଲ ସାର୍ଟିଫିକେଟ ମଗାଯିବ ନାହିଁ । ରାଜ୍ୟମାନଙ୍କ ସହ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ମଧ୍ୟରେ ଆଲୋଚନା ପରେ ଏହି ନିଷ୍ପତି ନିଆଯାଇଛି । ୬୦ ବର୍ଷରୁ ଅଧିକ ନାଗରିକମାନଙ୍କୁ କୋଭିଡ୍‌ର ପ୍ରି-କସନାରୀ ଡୋଜ୍ ଦିଆଯିବ । ପ୍ରାଥମିକ ପର୍ଯ୍ୟାୟରେ ଏହି ଟିକା ପ୍ରଦାନ ବେଳେ ସେମାନଙ୍କ ଠାରୁ ମେଡିକାଲ ପ୍ରମାଣ ନତ୍ର ମାଗଯିବ ନାହିଁ । କିନ୍ତୁ ପ୍ରି-କସନାରୀ ଡୋଜ୍ ନେବାକୁ ପୂର୍ବରୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଡାକ୍ତରଙ୍କ ସହ ଆଲୋଚନା ପାଇଁ ପରାମର୍ଶ ଦିଆଯାଇଛି । ଏନେଇ ସବୁ ରାଜ୍ୟକୁ ସ୍ୱାସ୍ଥ୍ୟ ସଚିବ ରାକେଶ ଭୂଷଣ ଚିଠି କରିଛନ୍ତି । ପ୍ରି-କସନାରୀ ବା ବୁଷ୍ଟର ଡୋଜ୍ ନେଇ ମେଡିକାଲ ପ୍ରମାଣ ପତ୍ର ଦାଖଲ ପାଇଁ ଚର୍ଚ୍ଚା ହେଉଥିଲା । ସୂଚନା ଅନୁଯାୟୀ, ଦେଶରେ ବଢୁଥିବା କୋଭିଡ୍ ମାମଲାକୁ ନେଇ ଦୁଇ ଦିନ ପୂର୍ବରୁ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶମାସୀଙ୍କୁ ସମ୍ବୋଧନ କରିଥିଲେ । ମୋଦି କହିଥିଲେ ଯେ, ଜାନୁଆରି ୧୦ରୁ ସ୍ୱାସ୍ଥ୍ୟ କର୍ମୀ, ସମ୍ମୁଖ ଯୋଦ୍ଧା ଏବଂ ସ୍ୱାସ୍ଥ୍ୟ ସମସ୍ୟା ଥିବା ୬୦ବର୍ଷରୁ ଅଧିକ ବୟସର ଲୋକଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ । ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନେ ଯେଉଁମାନେ କି ବିଭିନ୍ନ ରୋଗରେ ପୀଡିତ ଅଛନ୍ତି ସେମାନେ ଡାକ୍ତରଙ୍କ ପରାମର୍ଶ କ୍ରମେ ବୁଷ୍ଟର ଡୋଜ୍ ନେଇପାରିବେ । ଦେଶରେ ବର୍ତ୍ତମାନ ସୁଦ୍ଧା ୧୪୧ କୋଟି ଡୋଜ୍ ଭ୍ୟାକସିନ ଦିଆସରିଛି । ୧୮ ଲକ୍ଷ ଆଇସୋଲେସନ ବେଡ୍ ପ୍ରସ୍ତୁତ ରହିଛି । ଏହା ସହିତ ୧.୪୦ ଲକ୍ଷ ଆଇସିୟୁ ବେଡ୍, ୯୦ ହଜାର ପେଡିଏଟ୍ରିକ୍ ଆଇସିୟୁ ଏବଂ ନନ୍ ଆଇସିୟୁ ପ୍ରସ୍ତୁତ ରହିଛି । ୩ ହଜାର ଅକ୍ସିଜେନ୍ ପ୍ଲାଣ୍ଟ, ୪ ଲକ୍ଷ ଅକ୍ସିଜେନ୍ ସିଲିଣ୍ଡର ମଧ୍ୟ ବଣ୍ଟନ କରାଯାଇଛି ବୋଲି ସେ କହିଥିଲେ ।


## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ୍ୟ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁକି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରନ୍ତୁ ।

Google pay ନମ୍ବର
(୯୩୩୭୭୩୭୦୫୩)
SBI Bank- 30952449813
IFSC code- SBIN0006933

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି

# ମାଲକାନଗିରି ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

ମାଲକାନଗିରି,୨୮/୧୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ସଂସ୍ଥା ଜିଲ୍ଲା ଯୋଜନା ଅଧିକାରୀ ଡ଼ଃ. ନମିତା ଦଣ୍ଡସେନାଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥି ଭାବେ ମହାବିଦ୍ୟାଳୟ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ବାଣିଜ୍ୟ ବଭାଗ ମୁଖ୍ୟ ଡ଼ଃ ରଞ୍ଜନ କୁମାର ସ୍ୱାଇଁ, ଅର୍ଥ ଶାସ୍ତ୍ର ବିଭାଗ ମୁଖ୍ୟ ଲିଙ୍ଗରାଜ ମିଶ୍ର, ଇଂରାଜୀ ବିଭାଗ ମୁଖ୍ୟ ଉମେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି ତାମିଲନାଡୁ ରାଜ୍ୟ କୋଏମ୍ବାଟୁର ଠାରେ ଅନୁଷ୍ଠିତ ଜାତୀୟ ଏକତା ଶିବିରରେ ଯୋଗଦେଇ ଫେରିଥିବା ମାଲକାନଗିରି ମହାବିଦ୍ୟାଳୟର ଛାତ୍ର ଶୁଭ ବିଶ୍ୱାସ, ଛାତ୍ରୀ ମାଧବୀ ମଣ୍ଡଳ ଓ ରେଣୁ ସାଲବମଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଜାତୀୟ ଏକତା ଶିବିରରୁ ଫେରିଥିବା ୩ ଜଣ ବିଦ୍ୟାର୍ଥୀ ସେମାନଙ୍କର ଅଭିଜ୍ଞତାକୁ ସମସ୍ତଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ । ଏହି ସଭାରେ ୫୦ ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଶେଷରେ ରାଜନୀତି ବିଭାଗ ଅଧାପକ ପ୍ରମେୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଡୁକୁଲାରେ ବୃଦ୍ଧି ପାଇଛି ସଟ୍ଟା କାରବାର

ନୂଆପଡ଼ା,୨୮/୧୨ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକର ଡୁକୁଲା ଗ୍ରାମ ଜିଲ୍ଲାର ବୃହତମ ଗ୍ରାମ। ଏହା ଏକ ଛୋଟ ସହର ଓ ସାସ୍ଥ୍ୟ, ଶିକ୍ଷା, ବାଣିଜ୍ୟ ବ୍ୟବସାୟ ପାଇଁ ଶତାଧିକ ଗ୍ରାମର ଲୋକେ ଏହି ଗ୍ରାମ ଉପରେ ନିର୍ଭର କରନ୍ତି । ଏହାର ସୁଯୋଗ ନେଉଛନ୍ତି କିଛି ଅସାମାଜିକ ବ୍ୟକ୍ତି । ଡୁକୁଲାରେ ବୃଦ୍ଧି ପାଇଛି ସଟ୍ଟା କାରବାର । ସଟ୍ଟା ଗଦି ଖୋଲି ଦୁଇ ତିନିଜଣ ବ୍ୟକ୍ତି କୋଟିପତି ହେଉଥିବା ବେଳେ ଖେଳୁଥିବା ଲୋକେ ହାତ ଖାଲି କରିଦେଉଛନ୍ତି । ସରକାରୀ ଚାକିରିଆ ଏବଂ କଲେଜ ଛାତ୍ରଛାତ୍ରୀ ମଧ ସଟ୍ଟା ଖେଳୁଛନ୍ତି । ଡୁକୁଲା ଓଡ଼ିଶାର ଏକ ପ୍ରସିଦ୍ଧ ଗ୍ରାମ ଓ ଶିକ୍ଷକଙ୍କ ଗାଁ ଭାବରେ ପରିଚୟ ହାସଲ କରିସାରିଛି ।

# ବାଲୁଗାଁ ସହରରେ ମୁକୁଳା ଡ୍ରେନ୍ : ମରାମତି ପାଇଁ ଦାବି

ଖୋର୍ଦ୍ଧା,୨୮/୧୨ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସହରର ଜନସଂଖ୍ୟା ବୃଦ୍ଧି ପାଇବା ସହିତ ଆୟତନ ମଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ସହରର ଉନ୍ନତି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ମଞ୍ଜୁର କରୁଛନ୍ତି । ନିକଟରେ ଏନଏସିର ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ ପାଇଁ ମୁକ୍ତା ଯୋଜନାରେ ୨୬ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ତେବେ ଆଶ୍ଚର୍ଯ୍ୟର କଥା ସହରର ଉନ୍ନତି ପାଇଁ ଏନଏସି ପ୍ରଶାସନ ଚିନ୍ତା କରୁଛନ୍ତି । ହେଲେ ସହରର ନାଗରିକଙ୍କ ସୁରକ୍ଷା ପ୍ରତି ସତେ ଯେମିତି ଆଖି ବୁଜି ଦେଇଛି ପ୍ରଶାସନ । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବାଲୁଗାଁ ବିଜ୍ଞାପିତ ଅଂଚଳ ସହରର ପ୍ରମୁଖ ବ୍ୟସ୍ତବହୁଳ ଆଇ.ବି. ରୋଡ଼ରେ । ବିଗତ ଏକ ମାସ ତଳେ ବାତ୍ୟା 'ଜୱାଦ' କୁ ଆଖି ଆଗରେ ରଖି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ କନିଷ୍ଠ ଯନ୍ତ୍ରିଙ୍କ ଉପସ୍ଥିତିରେ ଆଇ.ବି. ରୋଡ଼ ପାର୍ଶ୍ୱରେ ଥିବା ପୁରୁଣା ଡ୍ରେନକୁ ଜେସିବି ଲଗାଇ ଖୋଳି ଦିଆଯାଇଥିଲା । ଯାହା ଫଳରେ ଡ୍ରେନ ପାର୍ଶ୍ୱରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ ଯିବା ଆସିବା ପାଇଁ ଏକମାତ୍ର ରାସ୍ତାଟି ମୁକୁଳା ଡ୍ରେନ ପାଲଟିଗଲା । ରାସ୍ତା ପାର୍ଶ୍ୱରେ ମୁକୁଳା ଡ୍ରେନ ଥିବାରୁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । କିନ୍ତୁ ଏନଏସି କର୍ତୃପକ୍ଷଙ୍କ ଏଯାବତ୍ ନଜର ପଡୁନି । ଡ୍ରେନଟି ପୁନଃରୁଦ୍ଧାର ପାଇଁ ଖୋଳାଯାଇଥିବାର ଏନଏସି ପ୍ରଶାସନ ସ୍ୱଷ୍ଟୀକରଣ ଦେଉଛି । ହେଲେ ବାତ୍ୟା ଜୱାଦ ଯିବାର ୨୫ ଦିନ ବିତି ଗଲାଣି । ମାତ୍ର ଏଯାବତ କାମ ହେବାର ନା ଉଠୁନାହିଁ । ତେବେ ଏଠି ପ୍ରଶ୍ନ ଉଠୁଛି ତରବରିଆ ଭାବେ ଡ୍ରେନକୁ ଜେସିବି ଲଗାଇ ଖୋଳି ଦିଆଗଲା କାହା ସ୍ୱାର୍ଥ ପାଇଁ ରୋଡ଼ ପାର୍ଶ୍ୱ ଖୋଳାଯାଇଥିବାରୁ ଖାଉଟି ମାନଙ୍କୁ ଦୋକାନ ବଜାରକୁ ଯିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଉକ୍ତ ରାସ୍ତାରେ ଛୋଟ ଶିଶୁ ଏବଂ ବୟସ୍କ ବ୍ୟକ୍ତିମାନେ ଯିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ରାସ୍ତା ପାର୍ଶ୍ୱକୁ ସମତୁଲ ମଧ କରିବାକୁ ଭୁଲିଯାଇଛି ଏନଏସି ପ୍ରଶାସନ । ଏପରିକି ଗତକାଲି ଜଣେ ବ୍ୟକ୍ତି ଉକ୍ତ ମୁକୁଳା ଡ୍ରେନରେ ପଡିଯାଇ କ୍ଷତବିକ୍ଷତ ହୋଇଥିବାର ଅଭିଯୋଗ ହୋଇଛି । ଦୁର୍ଘଟଣା ଘଟିଲା ପରେ ବି ଏନଏସି କର୍ତୃପକ୍ଷ ଚୁପ୍ ରହିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବାଲୁଗାଁ ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୋଇଥିବା ବେଳେ ପର୍ଯ୍ୟଟକଙ୍କ ମନରେ ସହରର ଏପରି ଦୃଶ୍ୟ କି ପ୍ରକାର ପ୍ରଭାବ ପକାଇବ ତାହା ସାଧାରଣରେ ଅନୁମେୟ ହେଉଛି । ଖୁବଶୀଘ୍ର ମୁକୁଳା ଡ୍ରେନକୁ ଆବଦ୍ଧ କରିବା ସହ ଜେସିବି ଦ୍ୱାରା ଖୋଳା ଯାଇଥିବା ରାସ୍ତା ପାର୍ଶ୍ୱକୁ ମରାମତି କରାଯିବା ପାଇଁ ସାଧାରଣରେ ଦାବି ହେଉଛି ।

# ଉପକା ଗଙ୍ଗାଠାରେ ଯାଦବ ସମାଜର ବିଶାଳ ସମ୍ମିଳନୀ

ନୂଆପଡ଼ା,୨୮/୧୨ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ଯାଦବ ସମାଜ ଆହ୍ୱାନ କ୍ରମେ ବୋଲଧା ଆଞ୍ଚଳିକ କେନ୍ଦ୍ର ଆନୁକୂଲ୍ୟରେ ଝରଣାମାଲ ସ୍ଥିତ ପବିତ୍ର ଉପକା ଗଙ୍ଗା ପର୍ଯ୍ୟଟନ କ୍ଷେତ୍ର ପ୍ରାଙ୍ଗଣରେ ବୋଲଧା କେନ୍ଦ୍ର ସଭାପତି ପର୍ଶୁରାମ କରୁଆଁଙ୍କ ସଭାପତିତ୍ୱ ରେ ବିଶାଳ ଯାଦବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ଉତ୍କଳ ଯାଦବ ସମାଜର ପୂର୍ବତନ ମହାସଚିବ ତଥା ଖଡ଼ିଆଳ ପୁର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ବିଶିଷ୍ଟ ଅତିଥି ସମାଜସେବୀ ଘନଶ୍ୟାମ କରୁଆଁ, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷାବିତ ପ୍ରେମ ସିନ୍ଧୁ ହେର୍ଣ୍ଣା ଯୋଗଦେଇ ଉଦବୋଧନ ଦେଇଛନ୍ତି । ମଞ୍ଚରେ ଅତିଥିଗଣ ବିଶେଷ କରି ଜିଲ୍ଲା ଯାଦବ ସମାଜର ସଂଗଠନ ଉପରେ ଉଦବେଗ ପ୍ରକାଶ କରିଛନ୍ତି । ମାଦି ସଂଗଠନ ଠାରୁ ଆରମ୍ଭ କରି ଗ୍ରାମପଞ୍ଚାୟତ, ବ୍ଲକ, ଏନ ଏ ସି ଯାଦବ ସମାଜ ସଂଗଠନ ନିର୍ବାଚନ/ଚୟନ ପ୍ରକ୍ରିୟା ଦୀର୍ଘ ଦିନରୁ ଶେଷ ହୋଇ ସାରିଥିବା ବେଳେ, ଜିଲ୍ଲା ଯାଦବ ସମାଜ କର୍ମକାର୍ତ୍ତାଙ୍କ କାର୍ଯ୍ୟକଳାପ ଶେଷ ହୋଇ ଦୀର୍ଘ ୩ ବର୍ଷ ଅତିକ୍ରମ କରିସାରିଛି । ଯାହାକି ଦୁର୍ଭାଗ୍ୟ ଜନକ ବୋଲି ବକ୍ତାମାନେ ମତପୋଷଣ କରିଛନ୍ତି । ତୁରନ୍ତ ଜିଲ୍ଲା ଯାଦବ ସମାଜ ଗଠନ ପାଇଁ ଉପସ୍ଥିତ ଥିବା ବରିଷ୍ଠ ସଦସ୍ୟ ଗଣ ଆହ୍ୱାନ ଦେଇଛନ୍ତି ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ନୂଆପଡ଼ା,୨୮/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ରିଷଗାଁ ଗ୍ରାମର ରାଜ୍ୟ ରାଜପଥ ନଂ ୧୬ରେ ଆଜି ଏକ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଟ୍ରକ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ଯୁବକଙ୍କ ନାମ ରୋହିତ ବଗର୍ତି ଓ ତାଙ୍କ ଘର ରିସିଗାଁ ଗ୍ରାମ ପଚାଂୟତର ନୂଆପଡା ବୋଲି ଜଣାପଡିଛି । ସେ ବାଇକ୍ ଯୋଗେ ଖଡ଼ିଆଳରୁ ନିଜ ଘରକୁ ଯାଉଥିବା ବେଳେ ଖଡ଼ିଆଳ ପଟକୁ ଯାଉଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା । ଯାହା ଫଳରେ ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ସ୍ଥାନୀୟ ଲୋକେ ଏମ୍ବୁଲେନ୍ସକୁ ଫୋନ କରିଥିଲେ । ତାଙ୍କ ପରିବାର ଲୋକେ ମଧ ପହଁଚି ତାଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତି କରିଛନ୍ତି ।

# ବିଭିନ୍ନ ଦାବି ନେଇ ଜାନୁଆରୀ ୬ରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିବେ ଆଶାକର୍ମୀ

ସମ୍ବଲପୁର,୨୮/୧୨ (ନି.ପ୍ର): ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ବିଭିନ୍ନ ସଭାସମିତିରେ ଯଦିଓ ରାଜନୈତିକ ନେତାମାନେ ଭାଷଣ ବାଜି ମାରୁଛନ୍ତି ମାତ୍ର ବାସ୍ତବ ଚିତ୍ରରେ ତାହା ଏକ ପ୍ରହସନ । ଓଡ଼ିଶାର ବିକାଶ କହିଲେ ମୁଖ୍ୟତଃ ଉପକୂଳବର୍ତୀ ଜିଲ୍ଲା ଗୁଡ଼ିକର ସମସ୍ୟା ସମାଧାନ କରାଇ ସାମଗ୍ରିକ ଉନ୍ନୟନର ଡିଣ୍ଡିମ ପିଟା ଯାଉଥିବା ଅଭିଯୋଗ ହୋଇଛି । ଓଡ଼ିଶାର ସର୍ବାଧିକ ରାଜସ୍ୱ ଆଦାୟ କ୍ଷେତ୍ର ତଥା ପଶ୍ଚିମ ଓଡ଼ିଶା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଓ ପକ୍ଷପାତିତା ନୀତି ଯୋଗୁଁ ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲ୍ଲା ଗୁଡ଼ିକରେ ସରକାରୀ ଯୋଜନା ଓ ସହାୟତା ପ୍ରଦାନ ପ୍ରହସନରେ ପରିଣତ ହୋଇଛି । ଦୀର୍ଘ ଦିନ ଧରି ସମ୍ପୂର୍ଣ୍ଣ ଏକାଗ୍ରତା ଭାବେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ଆଶାକର୍ମୀ ମାନଙ୍କ କୌଣସି ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ନଦେବାରେ ଅତିଷ୍ଠ ହୋଇ ଶେଷରେ ଆଗାମୀ ଜାନୁଆରୀ ୬ ତାରିଖରେ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ବିଶାଳ ବିକ୍ଷୋଭ ସମାବେଶ କରିବ ବୋଲି ସମ୍ବଲପୁର ଠାରେ ପଶ୍ଚିମ ଓଡ଼ିଶା ସ୍ତରୀୟ କର୍ମୀ ସଭାରେ ନିଷ୍ପତି ଗ୍ରହଣ କରାଯାଇଛି । ପଶ୍ଚିମ ଓଡ଼ିଶା ଆଶା କର୍ମୀ ସଂଘ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ମାସିକ କୋଭିଡ୍ ସହାୟତା ପରିମାଣ ବୃଦ୍ଧି ସହ ତାକୁ ଚାଲୁ ରଖିବା, ସର୍ବନିମ୍ନ ମଜୁରୀ ୨୧ ହଜାର ଟଙ୍କା, ସରକାରୀ ମାନ୍ୟତା, ପେନସନ ୧୦ ହଜାର, ସମସ୍ତଙ୍କୁ ସ୍ମାର୍ଟ ଫୋନ୍, ସ୍କିମ୍ ପ୍ରଥା ଉଚ୍ଛେଦ, ଏନ୍‌ଏଚଏମ୍ କୁ ଅଧିକ ଅନୁଦାନ ଦେଇ ସ୍ଥାୟୀ କରିବା, ଅବସର ଓ ମୃତ୍ୟୁ ସହାୟତା ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ଜରୁରୀକାଳୀନ କଂଟିଜେନ୍ସୀ ପାଇଁ ପ୍ରତିବର୍ଷ ୧୦ ହଜାର ଟଙ୍କା ଦେବା, ଇପିଏଫ୍, ଇଏସ୍‌ଆଇ ଅନ୍ତର୍ଭୁକ୍ତ ସହିତ ସାମାଜିକ ସୁରକ୍ଷା ତୁରନ୍ତ ଯୋଗାଇଦେବା ପ୍ରଭୃତି ଦାବି ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯିବା ସହିତ ୬ ତାରିଖରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତି ନିଆଯାଇଛି । ବିଶିଷ୍ଟ ଆଶାକର୍ମୀ ନେତ୍ରୀ ମମତା ଖଣ୍ଡାୟତ, ଯାଜ୍ଞସେନି ପ୍ରଧାନ, ଲକ୍ଷ୍ମୀ ମହାରଣାଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ସମାଜସେବୀ ତଥା ସଂଯୋଜକ ପ୍ରଶାନ୍ତ ପାଢ଼ୀ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସେପ୍ଟେମ୍ବର ମାସଠାରୁ ଦେଉଥିବା ମାସିକ କୋଭିଡ୍ ସହାୟତା ଏକ ହଜାର ଟଙ୍କା ବନ୍ଦ କରିବା ନିଷ୍ପତିକୁ ବିରୋଧ କରିବା ସହିତ ତୀବ୍ର ସମାଲୋଚନା କରିଥିଲେ । ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲା ଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶା କର୍ମୀ ଓ ରୋଗୀଙ୍କ ପ୍ରତି ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା କରାଯାଉ ନାହିଁ ବୋଲି ଶ୍ରୀ ପାଢ଼ୀ କ୍ଷୋଭ ପ୍ରକାଶ କରିଥିଲେ । ଆୟୋଜିତ ଏହି ସଭାରେ ପ୍ରଭାତୀ ନାୟକ, ହିରାବତୀ ମିର୍ଦ୍ଧା, ସଞ୍ଜିତା ସିଂ, ମୁକ୍ତା ପ୍ରଧାନ, ସାବିତ୍ରୀ ବିଶ୍ୱାଳ, କୁମୁଦିନୀ ପ୍ରଧାନ, ସୁକାନ୍ତି ମହାନ୍ତି, ପୂର୍ଣ୍ଣାଞ୍ଜଳି ଷଡ଼ଙ୍ଗୀ, ସରୋଜିନୀ ପଟେଲ, ସନ୍ଧ୍ୟାରାଣି ପ୍ରଧାନ , ଲକ୍ଷ୍ମୀ ତାଣ୍ଡିଆଙ୍କ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲା, ବ୍ଲକ ଓ ପଚାଂୟତ ସ୍ତରରେ କାର୍ଯ୍ୟରତ ଶତାଧିକ ଆଶାକର୍ମୀ ଉପସ୍ଥିତ ଥିଲେ ।

# ବିଜୁ ଜନତା ଦଳର ୨୫ ତମ ପ୍ରତିଷ୍ଠା ଦିବସ ପାଳିତ



ବାସୁଦେବପୁର ,୨୮/୧୨ (ନି.ପ୍ର): ବାଲିନଗର ପଡିଆଠାରେ ବିଜୁ ଜନତା ଦଳର ୨୫ ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ବ୍ଲକ ସଭାପତି ଦୀନବନ୍ଧୁ ଦାସ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଉତ୍ସବ ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ସାଂସଦ ମଞ୍ଜୁଲତା ମଣ୍ଡଳ । ରାଜ୍ୟ ସରକାର ଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସଫଳତା ସମ୍ପର୍କରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଅଭି ଭାଷଣ ରଖିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ ବିଧାୟକ ପ୍ରତିନିଧି ଅସିତ ଦାଶ, ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଲ୍ଲିକ, ନିରଂଜନ ଅଧିକାରୀ, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ବରଣ୍ଡୁଆର ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ, ବିଜେଡି ନେତା ଭାଗିରଥି ବଳ, ପ୍ରଶାନ୍ତ ନାୟକ,ପ୍ରଫୁଲ୍ଲ ପଳିତା, ପ୍ରଫୁଲ୍ଲ ବିଶ୍ୱାଳ, ମାନସ ସାହୁ । ବିଜୁ ପଟ୍ଟନାୟକଙ୍କ ଆଶୀର୍ବାଦ ରେ ବିଜେଡି ଦଳ ଆଗେଇ ଚାଲିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ସଭାରେ ବିଜେଡି ନେତା ନିର୍ମଳ ମଣ୍ଡଳ,ଜଗବନ୍ଧୁ ଖିଲାର, ବସନ୍ତ ମଞ୍ଜରୀ ବିଶ୍ୱାଳ, ସୂର୍ଯ୍ୟକାନ୍ତ ସେଠୀ, ଶ୍ୟାମ ସୁନ୍ଦର ମହାନ୍ତି, ବିଜୁ ଛାତ୍ର ଜନତା ଦଳର ସଭାପତି କାଳନ୍ଦୀ ସାହୁ,ସୌଭାଗ୍ୟ ବିଶ୍ୱାଳ, ଇଂ ସମ୍ବିତ ମହାନ୍ତି, ଝରଣା ମଲ୍ଲିକ, ରଶ୍ମିତା ନାୟକ ପ୍ରମୁଖ ଯୋଗଦେଇ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ । ଶଶୀଭୂଷଣ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଅସିତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚାରି ହଜାର ରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି ସଭାରେ ଯୋଗ ଦେଇଥିଲେ ।

# ଧର୍ମଶାଳା ବାଣୀପୀଠର ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

ଧର୍ମଶାଳା,୨୮/୧୨ (ନି.ପ୍ର): ଧର୍ମଶାଳା ବ୍ଲକର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଧର୍ମଶାଳା ବାଣୀପୀଠର ୭୪ତମ ପ୍ରତିଷ୍ଠା ଦିବସ ଓ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ବାଣୀପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଡା. ବିଜୟ କୁମାର ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗାଳ୍ପିକ ଡ. ଜୟନ୍ତ କୁମାର ବିଶ୍ୱାଳ ଯୋଗଦେଇ ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହ ଶିକ୍ଷାନୁଷ୍ଠାନ ସହିତ ଶିକ୍ଷାର ମାନକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରାଧାପକ ତଥା ସ୍ତମ୍ଭକାର ମନୋରଂଜନ ମହାନ୍ତି ଯୋଗଦେଇ ବାଣୀପୀଠର ଇତିହାସ ସମ୍ପର୍କରେ ଆଲୋକପାତ କରିବା ସହିତ ଶିକ୍ଷାନୁଷ୍ଠାନରେ ନୂତନ ଓ ପୁରାତନ ଏକ ବୋଲି ଅଭିହିତ କରିଥିଲେ । ଏହି ଅବସରରେ ପୁରାତନ ଶିକ୍ଷକ ନିତ୍ୟାନନ୍ଦ ସାହୁ, ପ୍ରଭାତ କୁମାର ପଟ୍ଟନାୟକ, ମନୋଜ କୁମାର ମହାନ୍ତି ଓ ସତ୍ୟପ୍ରିୟା ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ପୁରାତନ ଛାତ୍ର ଜିତେନ୍ଦ୍ର କୁମାର କର, ଅବଧୂତ ରାଉତ, ଧ୍ରୁବ ଚରଣ ବିଶ୍ୱାଳ, ଧୋଇଧର ସାହୁ ଓ ଜଗବଂଧୁ ସାମଲଙ୍କୁ ମଧ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅବସରପ୍ରାପ୍ତ କର୍ମଚାରୀ ଚନ୍ଦ୍ରମଣି ଦାସ, ବଟକୃଷ୍ଣ ମହାରଣା, ଆନନ୍ଦ ରାଉତ, ବଟକୃଷ୍ଣ ମଲିକ, ଗୁରୁଚରଣ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା । ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ସ୍ମୃତିରେଖା ଖଟୁଆଙ୍କୁ ବଟକୃଷ୍ଣ ମେମୋରିଆଲ ଓ ଛାତ୍ର ବିକାଶ କୁମାର ମାହାଳିକଙ୍କୁ ପଣ୍ଡିତ ମଧୁସୂଦନ ମହାପାତ୍ର ମେମୋରିଆଲ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ସଂପାଦକ ଅଧ୍ୟାପକ ବିଜୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ସଂସଦର ଉପସଭାପତି ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାତ କୁମାର କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପୁରାତନ ଛାତ୍ର ବାସୁଦେବ ଶତପଥୀ ମଙ୍ଗଳାଚରଣ ପାଠ କରିଥିବା ବେଳେ ଅମରେଶ ଦାଶ ଓ ଶୁଭଦାନନ୍ଦ ଦାଶ ସ୍ୱାଗତ ସଂଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ଜଳଧର ସାହୁ, ନିଳମଣୀ ନାୟକ, ଆଦିକନ୍ଦ ସ୍ୱାଇଁ, ଅର୍ଜୁନ ପୃଷ୍ଟି, ବିବେକାନନ୍ଦ ନାୟକ, ସୁନାକର ସାହୁ, ଧରଣୀଧର ଦାଶ, ସନ୍ତୋଷ କୁମାର ତରାଇ, ବିକ୍ରମ କେଶରୀ ମହାନ୍ତି, ମହମ୍ମଦ ରିଆଜୁଲ ହକ୍, ମହମ୍ମଦ ଅଜିଜୁଲା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସହ ସଂପାଦକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# କର୍କଟ ପୀଡ଼ିତ ବାଳକ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ସମାଜ ମଙ୍ଗଳ ହୁଣ୍ଡିରୁ ଆଦାୟ ଅର୍ଥରାଶି ପ୍ରଦାନ

କୃଷ୍ଣଶରଣପୁର/ପଟିଆ,୨୮/୧୨ (ନି.ପ୍ର): ସାମାଜିକ ଯୁବ ସଂଗଠନ ଖଣ୍ଡଗିରି ତାର ତୃତୀୟ ବାର୍ଷିକ ଉତ୍ସବ ପାଳନ କରିଛି । ଏହି ଅବସରରେ ଖଣ୍ଡପଡ଼ା ନୟାଗଡ଼ ଅଂଚଳର ୧୩ବର୍ଷର କର୍କଟ ପୀଡ଼ିତ ବାଳକ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ସମାଜ ମଙ୍ଗଳ ହୁଣ୍ଡିରୁ ଆଦାୟ କରାଯାଇଥିବା ମୋଟ ୧୫ ହଜାର ଟଙ୍କାକୁ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସଂଗଠନ ପ୍ରତିଷ୍ଠାତା ବାପୁ ଓଝାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଭୁବନେଶ୍ୱରର ପୂର୍ବତନ ସାଂସଦ ଡା. ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟ ଅତିଥିଭାବେ ନବନିର୍ବାଚିତ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁପ୍ରସାଦ ପାତ୍ର, ବିଜେଡ଼ି ରାଜ୍ୟ ସମ୍ପାଦକ ଅମରେଶ ଜେନା, ସମାଜସେବୀ ପ୍ରୀତିନନ୍ଦା ରାଉତରାୟ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, କଣ୍ଠଶିଳ୍ପୀ ଡା. ଜୟଶ୍ରୀ ଧଳ, ସଂଗଠିକା ବିନ୍ଦାସ ଚିନୁ, ପ୍ରଧାପକ ଡା. ଅସିତ ଦାସ, ସମାଜସେବୀ ଧୀରେନ ରାଉତରାୟ, କଣ୍ଠଶିଳ୍ପୀ ଏନ୍. ଶ୍ରୀନିବାଶ, କର୍ପୋରେଟର ଅଶ୍ୱିନୀ ସୁନ୍ଦରାୟ, ଯୁବ ସମାଜସେବୀ ଅବିନାଶ ନାୟକ ଓ ନଟିଆ କମେଡ଼ି, ମୁଖ୍ୟ ନାୟକ ସ୍ମୃତିରଞ୍ଜନ ମହାନ୍ତି ଯୋଗ ଦେଇଥିଲେ । ପିପିଲି ବିଧାୟକ ସମାଜମଙ୍ଗଳ ହୁଣ୍ଡି ଭାଙ୍ଗିବା ସହ ସାମାଜିକ ହୁଣ୍ଡିରେ ଦାନ କରିଥିଲେ । ସମାଜସେବା ଓ ସାମ୍ବାଦିକତା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସେବା ସମ୍ମାନ-୨୦୨୧ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଗଠନର ସଭାପତି ଚିତରଞ୍ଜନ ଦାଶ ।

# ବ୍ରହ୍ମବରଦା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର

ଧର୍ମଶାଳା,୨୮/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ସ୍ୱତନ୍ତ୍ର ଶିବିର ଉଦଯାପିତ ହୋଇଯାଇଛି । ଏହି ୭ ଦିନିଆ ଶିବିର ବ୍ଲକ ମଙ୍ଗରାଜପୁର ପଂଚାୟତ ଖଣ୍ଡାସସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦଯାପିତ ହୋଇଛି । କାର୍ଯ୍ୟକ୍ରମରେ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ପୃଷ୍ଟି ,ପୂର୍ବତନ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା,ନୃସିଂହ ଚରଣ ନାୟକ,ଅଧ୍ୟାପକ ପଶାନ୍ତ ସାହୁ,ଦିଲିପ ସାହୁ,ଅଧ୍ୟାପିକା ବନଲତା ଲେଙ୍କା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶିବିରରୁ ଉପଲବ୍ଧ ଅନୁଭୂତିକୁ ବ୍ୟକ୍ତିଗତ ଜୀବନ ଓ ସାମାଜିକ ବିକାଶ କାର୍ଯ୍ୟରେ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଶିବର ୧୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ମୋଟ ୫୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇ ବିଭିନ୍ନ ସ୍ୱଚ୍ଛ ଭାରତ, କଠିନ ଓ ତରଳ ବର୍ଯ୍ୟବସ୍ତୁ ପରିଚାଳନା, ଜଳ-ପରିମଳ, ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା ଜୈବିକ କୃଷି, ବୃକ୍ଷରୋପଣ, କରୋନା ପରିଚାଳନା ଉପରେ ପୋଷ୍ୟ ଗ୍ରାମ ଖଣ୍ଡାସ ଓ ବାଲିଗୁଡା ଆଦି ଅଂଚଳରେ ସଚେତନତା ସୃଷ୍ଟି କରିଥିଲେ । ସମାଜସେବୀ ବିପିନ ବିହାରୀ ଦେଓ ସ୍ୱେଚ୍ଛାସେବୀ ହିମାଂଶୁ ନାୟକ,ଚିତ ରଂଜନ ନାୟକ, ପୂର୍ବତନ ଅଧ୍ୟକ୍ଷ ବିରଞ୍ଚି ନାରାୟଣ ଦାଶ ,ଅଧ୍ୟାପକ ରାଜକିଶୋର ପଣ୍ଡା,ସାମାଜିକ କର୍ମୀ ଅଭିଷେକ ପଣ୍ଡା,ପବିତ୍ର କୁମାର ସ୍ୱାଇଁ, ସତ୍ୟବ୍ରତ ସାହୁ, ପବିତ୍ର କୁମାର ନାୟକ, ସ୍ୱେଚ୍ଛାସେବୀ ସେକ୍ ଶାହାଜାହାନ ଓ ହିମାଂଶ ଶେଖର ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ସ୍ୱତନ୍ତ୍ର ଶିବିରକୁ ବାଣିଜ୍ୟ ବିଭାଗର ଅଧ୍ୟାପକ ସୁକାନ୍ତ କୁମାର ସାହୁ ଓ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ପ୍ରତାପ କୁମାର ନାୟକ ପରିଚାଳନା କରିଥିଲେ । ଖଣ୍ଡାସ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ମହାଳିକ ପୂର୍ଣ୍ଣ ସହଯୋଗ କରିଥିଲେ । ମହାବିଦ୍ୟାଳୟର ବରିଷ୍ଠ କିରାଣୀ ବିଷ୍ଣୁ ଚରଣ ଓଝା, ଅଜୟ କୁମାର ଜେନା,ସେକ୍ ନିଜାମୁଦ୍ଦିନ, ବଳରାମ ରାଉତ, ସତ୍ୟାନନ୍ଦ ରାଉତ, ମନୋଜ କୁମାର ପୃଷ୍ଟି ଓ ରଶ୍ମିତା ସାମଲ ପ୍ରମୁଖ ଦୈନନ୍ଦିନ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ କରିଥିଲେ ।

## ଇ- ଫାଇଲିଙ୍ଗ ଷ୍ଟେସନ ଉଦଘାଟନ କଲେ ମୁଖ୍ୟବିଚାରପତି

ଜୟପୁର,୨୮/୧୨ (ନି.ପ୍ର): ହାଇକୋର୍ଟର ମୁଖ୍ୟ ବିଚାରପତି ଏସ ମୁରଲିଧର କୋରାପୁଟ ଜିଲା ଗସ୍ତରେ ଆସିଛନ୍ତି । ଓଡିଶା ଜୟପୁର ଜିଲା କୋର୍ଟ ପରିସରରେ ଇ-ଫାଇଲିଙ୍ଗ ଷ୍ଟେସନ ସହ ତାଲିମ ଶିବିର କୁ ଉଦଘାଟନ କରିଛନ୍ତି । ଇ- ଫାଇଲିଙ୍ଗ, କୋର୍ଟପିଜ ସହ କୋର୍ଟର ଅନ୍ୟାନ୍ୟ ଅର୍ଥଦେୟ ସହ କୋର୍ଟ ସର୍ଭିସ ମୋବାଇଲ ଆଫ ଭରଚ୍ୟୁଆଲ ମୋଡ କିଭଳି ଯୋଗାଯୋଗ ଓ ଶୁଣାଣି ନେଇ କୋରାପୁଟ, ରାୟଗଡା ଓ ନବରଙ୍ଗପୁର ନ୍ୟାୟଳୟର ଜଜ ଙ୍କ ସହ ଆଲୋଚନା କରି ଉଦଘାଟନ କରିଥିଲେ । ଏ ନେଇ ଏକ ତାଲିମ କାୟ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସିଲେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ

କନ୍ଧମାଳ ,୨୮/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ନୂଆପଡର ଗ୍ରାମ ପଂଚାୟତ କାର୍ଯ୍ୟାଳୟ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ଓ ପିଜେଡି ଯୁଥ କ୍ଲବ ଜାର୍ଗୀ ପଡ଼ାର ମିଳିତ ଆନୁକୂଲ୍ୟରେ ସିଲେଇ ତାଲିମ କେନ୍ଦ୍ର ଉଦଘାଟନ ହୋଇଯାଇଅଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ନୂଆରିପଡର ଗ୍ରାମ ପଂଚାୟତ ର ସରପଂଚ କଣ୍ଢେଶ୍ୱର ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ ସରପଂଚ ଲୁଲୁ କହ୍ନର, ନାୟବ ସରପଂଚ ମହାରଗୀ ଡିଗାଲ, ପିଜେଡି ଯୁଥ କ୍ଲବ ର ସଭାପତି ସୁଧୀର କୁମାର ମଲ୍ଲିକ, ଲେଖାପାଳ କାର୍ତ୍ତିକ ମଲ୍ଲିକ, ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳବେହେରା, ସ୍ୱେଚ୍ଛାସେବୀ ସୁଭଦ୍ରା କହଁର ପ୍ରମୁଖ ଯୋଗ ଦେ ଇ ଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମ କୁ ଫିରିଙ୍ଗିଆ ବ୍ଲକ ର ପଚିଶ ଜଣ ଯୁବତୀ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସ ର ମୁଖ୍ୟ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଯୁବତୀ ମାନଙ୍କୁ ଅବ ଗତ କରିଥିଲେ । ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ର ସହକର୍ମୀ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ କାର୍ଯ୍ୟାଳୟ ର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ବିଷୟରେ ଅବ ଗତ କରିଥିଲେ । ପରି ଶେଷରେ ପିଜେଡି ଯୁଥ କ୍ଲବ ର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଜାରସିଂ ମଲ୍ଲିକ ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି, ଓ ଉପସ୍ଥିତ ଭଉଣୀ ମାନଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ପଛୁଆବର୍ଗ ଛାତ୍ର ଆନ୍ଦୋଳନ ସମିତିର ପ୍ରଶିକ୍ଷଣ ଶିବିର

ଧର୍ମଶାଳା,୨୮/୧୨ (ନି.ପ୍ର): ପଛୁଆବର୍ଗ ଛାତ୍ର ଆନ୍ଦୋଳନ ସମିତିର ପଶିକ୍ଷଣ ଶିବିର ଯାଜପୁର ଜିଲା ଧର୍ମଶାଳା ବ୍ଲକ ଉତରପ୍ରତାପସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପଛୁଆବର୍ଗ ଆନ୍ଦୋଳନ ସମିତିର ଆବାହକ ଶ୍ରୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଏହି ପ୍ରଶିକ୍ଷଣ ଶିବିରରେ ପ୍ରାକ୍ତନ ଛାତ୍ରନେତା ମାନସ ରଂଜନ ଜେନା, ଅବିନାଶ ଦାସ, ଯୁବ ସମାଜସେବୀ ପ୍ରଶାନ୍ତ ପୃଷ୍ଟି, ରଂଜନ କୁମାର ଓଝା, ରବିନ୍ଦ୍ର ଦାସ, ମଂଟୁ ପୃଷ୍ଟି ଓ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ଓବିସି ବର୍ଗର ଲୋକଙ୍କୁ ରାଜନୀତିଠାରୁ ଆରମ୍ଭ କରି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ସଂରକ୍ଷଣ ନ ମିଳିବା ପରିତାପର ବିଷୟ । ସମ୍ବିଧାନ ଅଧିକାରରୁ ଆଜି ଓବିସି ବର୍ଗ ବଂଚିତ । ଏଥିପାଇଁ ବିରାଟ ଜନଆନ୍ଦୋଳନର ଆବଶ୍ୟକତା ପ୍ରରିପ୍ରେକ୍ଷୀରେ ପ୍ରତ୍ୟେକ ପଂଚାୟତ ସ୍ତରରେ ଯୁବ ଛାତ୍ରମାନେ ଏକାଠି ହୋଇ ଏହା ବିରୋଧରେ ସଂଗ୍ରାମ ଜାରି ରଖିବା ପାଇଁ ଆହ୍ୱାନ ଦେଇଥିଲେ ।

## ନିମ୍ନ ରକ୍ତଚାପ ପୀଡ଼ିତ ଶିଶୁର ଯତ୍ନ

**ନବଜାତ ଶିଶୁ ଜନ୍ମ ହେବା ପରେ ନିମ୍ନ ରକ୍ତଚାପ ଭଳି ସମସ୍ୟା ଦେଖାଯିବା ସାଧାରଣ କଥା । ସେମାନଙ୍କ ଠାରେ ନିମ୍ନ ରକ୍ତଚାପ ଭଳି ସମସ୍ୟା ଦେଖାଯିବାର ବହୁ କାରଣ ରହିଛି । କିନ୍ତୁ କାରଣ ଗୁଡ଼ିକୁ ଜାଣିବା କଷ୍ଟକର ହୋଇଥିଲେ ମଧ୍ୟ ଏହିପରି ସମସ୍ୟା ଦେଖାଯିବା ବଡ଼କଥା ନୁହେଁ । କିନ୍ତୁ ଶିଶୁମାନଙ୍କ ଏହି ସମସ୍ୟା ଦେଖିଲେ ତାକୁ ଅଣଦେଖା ନକରି କ'ଣ କରିବେ ଆସନ୍ତୁ ଜାଣିବା ।**



### ନିମ୍ନ ରକ୍ତଚାପର କାରଣ

ନବଜାତ ଶିଶୁଠାରେ ନିମ୍ନ ରକ୍ତଚାପ ଦେଖାଯିବାର ବହୁ କାରଣ ରହିଛି ଯେପରି ପ୍ରସବ ପୂର୍ବରୁ କିମ୍ବା ପରେ ଅତ୍ୟଧିକ ରକ୍ତ ବୋହିବା ।

କୌଣସି ପ୍ରକାର ସଂକ୍ରମଣ କାରଣରୁ ମଧ୍ୟ ଶିଶୁଙ୍କର ରକ୍ତଚାପ ନିମ୍ନ ହୋଇଥାଏ ।

ମାଆକୁ ପ୍ରସବ ପୂର୍ବରୁ ଦିଆଯାଇଥିବା ମେଡିସିନ କାରଣରୁ ଶିଶୁଠାରେ ଏପରି ସମସ୍ୟା ଦେଖାଯାଏ ।

ପ୍ରସବ ପରେ ଅଧିକ ପରିମାଣ ତରଳ ପଦାର୍ଥ ବୋହିବା ।

ଅଚାନକ ନବଜାତ ଶିଶୁର ମୋହୋଲ ପରିବର୍ତ୍ତନ ହୋଇଥାଏ ତେଣୁ ଏହା ମଧ୍ୟ ମୁଖ୍ୟ କାରଣ ହୋଇପାରେ ।

### ନବଜାତ ଶିଶୁ ଦୁର୍ବଳ ହେବା ଉପଚାର

ଏହି ପରିସ୍ଥିତିରେ ନବଜାତ ଶିଶୁକୁ ଇଞ୍ଜେକସନ୍ ମାଧ୍ୟମରେ ତରଳ ପଦାର୍ଥ ଦିଅନ୍ତୁ ।

ରକ୍ତଚାପ ବଢ଼ାଇବା ପାଇଁ ଶିଶୁକୁ ମେସିନ୍ କିମ୍ବା ଏପରି ମାହୋଲରେ ରଖନ୍ତୁ ଯେପରି ଶିଶୁଟିର ରକ୍ତଚାପ ସାଧାରଣ ସ୍ଥିତିକୁ ଆସିପାରିବ ।

କିଛି ସମୟରେ ନବଜାତ ଶିଶୁ ଦୁର୍ବଳ ହେବା କାରଣରୁ ନିମ୍ନ ରକ୍ତଚାପର ସମସ୍ୟା ଦେଖାଦେଇଥାଏ । ଏପରି ସ୍ଥିତିରେ ଶିଶୁଙ୍କୁ ତୁରନ୍ତ ରକ୍ତ ମଧ୍ୟ ଦିଆଯାଇଥାଏ ।

ଶିଶୁକୁ ନିମ୍ନ ରକ୍ତଚାପରୁ ରକ୍ଷା କରିବାକୁ ହେଲେ ଡାକ୍ତରଙ୍କ ପରାମର୍ଶ ତୁରନ୍ତ କରାଇବା ଦରକାର ଯେପରି ଶିଶୁଟିକୁ ଅନ୍ୟ କୌଣସି ସଂକ୍ରମଣ ରୋଗଠାରୁ ଦୂରେଇ ରଖିପାରିବେ ।

### ନବଜାତ ଶିଶୁର ଯତ୍ନ

ନବଜାତ ଶିଶୁର ଶରୀରକୁ ସବୁବେଳେ ଘୋଡ଼ାଇ ରଖିବା ଦରକାର । କାରଣ ଶିଶୁର ଶରୀର ବାହାର ପରିବେଶର ତାପମାତ୍ରା ଅନୁଯାୟୀ ସ୍ୱୟଂ ଘୋଡାଇ ହୋଇପାରେ ନାହିଁ ।

ନବଜାତ ଶିଶୁକୁ ଯେଉଁଠାରେ ରଖୁଛନ୍ତି ସେଠାକାର ତାପମାତ୍ରା ସାଧାରଣତଃ ୩୭ ଡିଗ୍ରୀରୁ ଅଧିକ ନହୋଇଥିବା ଦରକାର ।

ଶିଶୁଟି କାନ୍ଦିବା ଚିନ୍ତାର କାରଣ ହୋଇନଥାଏ । ତେଣୁ ସାଧାରଣତଃ ଶିଶୁମାନେ ଶେଯରେ ପରିସ୍ରା କରିବା ଦ୍ୱାରା କାନ୍ଦିଥାନ୍ତି । କିନ୍ତୁ ଏହା ଧ୍ୟାନ ରଖିବେ ଯେ ଶିଶୁଟି ଲଗାତାର କାନ୍ଦୁଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଛୋଟ ଶିଶୁକୁ ମାଲିସ୍ କରିବା ଦ୍ୱାରା ସେମାନଙ୍କ ହାଡ ମଜଭୂତ ହୋଇଥାଏ । ତେଣୁ ନବଜାତ ଶିଶୁର ମାଲିସ୍ ସମୟରେ ବାଦାମ ତେଲର ବ୍ୟବହାର କରନ୍ତୁ । ଶିଶୁ ଜନ୍ମର ୧୦ଦିନ ପରେ ମାଲିସ୍ କରନ୍ତୁ, ତା ପୂର୍ବରୁ ମାଲିସ୍ କରିବା ଅନୁଚିତ୍ ।

ଶିଶୁ ପାଇଁ ମାଆ କ୍ଷୀର ସର୍ବୋତ୍ତମ ହୋଇଥାଏ । ଏଥିରେ ଥିବା କୋଲେଷ୍ଟ୍ରୋମ ଶିଶୁର ସ୍ୱାସ୍ଥ୍ୟ ପାଇଁ ବହୁ ଜରୁରୀ ହୋଇଥାଏ ଏବଂ ଏହା ଶିଶୁକୁ ଭବିଷ୍ୟତରେ ବହୁ ରୋଗରୁ ମଧ ଦୂରେଇରଖେ । ସେଥିପାଇଁ ଜନ୍ମପରେ ୬ମାସ ଯାଏ ଶିଶୁକୁ ମାଆ କ୍ଷୀର ପିଆଇବା ଦରକାର ।

ଶିଶୁକୁ କିଛି ସମୟ ପାଇଁ ଖରାକୁ ନେବା ପ୍ରକିୟାକୁ ଫୋଟୋଥେରାପି କୁହାଯାଏ । ତେଣୁ ନବଜାତ ଶିଶୁକୁ କିଛି ସମୟ ପାଇଁ କପଡ଼ାରେ ଗୁଡାଇ ଖରାରେ ଦେଖାନ୍ତୁ ଏହାଦ୍ୱାରା ଛୁଆର ହାଡ ମଜଭୂତ ହୋଇଥାଏ ।

## ଆଖି



- ଆଖିର କୋମଳ ତ୍ୱଚାରେ କଳାଦାଗର ସମସ୍ୟା ଦେଖାଦେଲେ ରାତିରେ ଶୋଇବା ସମୟରେ ପ୍ରତିଦିନ ବାଦାମ ତେଲ କିମ୍ବା ଆଇକ୍ରିମ୍ ଘଷନ୍ତୁ ।
- ବ୍ୟାୟାମ ଦ୍ୱାରା ଆଖିର ସୌନ୍ଦର୍ଯ୍ୟ ବଢ଼ାଯାଇପାରେ । ଏଥିପାଇଁ କିଛି ସମୟ ଆଖି ବନ୍ଦ କରି ଆଖିର ଡୋଳାକୁ ବିଭିନ୍ନ ଭାବେ ବୁଲାନ୍ତୁ । ଆଖିକୁ ଆରାମ ମିଳିବ ।
- ପଢ଼ିବା ସମୟରେ ବହି ଏବଂ ଆଖି ମଧ୍ୟରେ ଦୂରତା ସର୍ବନିମ୍ନ ଅଧ ଫୁଟରୁ ଅଧିକ ରହିବା ଉଚିତ ।
- ଆଖି ପୋଡ଼ିଲେ କିମ୍ବା କୁଣ୍ଡେଇ ହେଲେ ଆଖିର ନମଳି ଥଣ୍ଡା ପାଣି ମାରନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଅଧିକ ସମୟ ଖରାରେ ରୁହନ୍ତୁ ନାହିଁ ଏବଂ ଠିକ୍ ଭାବେ ଶୁଅନ୍ତୁ ।
- ବାହାରକୁ ବାହାରିବା ସମୟରେ ଚଷମା ଲଗାନ୍ତୁ ।
- କମ୍ପ୍ୟୁଟରରେ କ୍ରମାଗତ କାମ କରନ୍ତୁ ନାହିଁ । ମଝିରେ ଆଖିକୁ ଆରାମ ଦିଅନ୍ତୁ ।

## ହାଇବ୍ଲଡପ୍ରେସରେ ଥିଲେ....



ଅଧିକ ପାଣି ପିଅନ୍ତୁ, ପରିସ୍ରା ଅଧିକ ହେଲେ ବ୍ଲଡପ୍ରେସର କଣ୍ଟ୍ରୋଲରେ ରହିବ ।

ନିୟମିତ ଲେମ୍ବୁ ଖାଇଲେ ହାଇ ବ୍ଲଡପ୍ରେସର ମଧ କଣ୍ଟ୍ରୋଲରେ ରହେ । ଲେମ୍ବୁର ଏଭଳି ଗୁଣ ଯେ ଏହା ରକ୍ତବାହୀ ନଳୀର କୋମଳ ହୋଇଯିବା ଫଳରେ ବ୍ଲଡପ୍ରେସର ନିୟନ୍ତ୍ରଣରେ ରହେ ।

ସପ୍ତାହରେ ଦିନେ ଉପବାସ କରନ୍ତୁ । ଉପବାସ ସମୟରେ ଫଳ ଓ ଭେଜିଟେବୁଲ ଜୁସ୍ ସେବନ କରନ୍ତୁ ।

## ଫିଟ୍‌ନେସ୍ ମୂଳମନ୍ତ୍ର ୱାକ୍



ବିଶେଷଜ୍ଞ ଜୋନେଥନ ମୀୟର୍ସ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ଯଦି ଆପଣ ପାଦରେ ଚାଲୁଥାନ୍ତି ତେବେ ନା କେବଳ ଉଚ୍ଚ ରକ୍ତଚାପ, ମଧୁମେହ, ଧୂମ୍ରପାନ , ମୋଟାପା ଓ ହୃଦୟ ରୋଗକୁ ରକ୍ଷା ପାଇଥାନ୍ତି ତା ନୁହେଁ ଏହାଦ୍ୱାରା ନିଜ ବୟସ ମଧ ବୃଦ୍ଧି କରିଥାନ୍ତି । ଏହି ଅଧ୍ୟୟନ ୬ବର୍ଷ ରୁ ୫୯ ବର୍ଷ ବୟସ ବିଶିଷ୍ଟ ପ୍ରାୟ ୬୦୦୦ପୁରୁଷଙ୍କ ଉପରେ କରାଯାଇଥିଲା ଏବଂ ଦେଖାଯାଇଥିଲା ଯେ ଯେଉଁ ବ୍ୟକ୍ତି ଅଧିକ ଚାଲିଥାନ୍ତି ସେମାନେ ଶାରିରୀକ ରୂପରେ ଫିଟ୍ ରହିଥାନ୍ତି ଏବଂ କମ୍ ରୋଗର ଶୀକାର ହୋଇଥାନ୍ତି । ଯାହାଫଳରେ ସେ ଅଧିକ ବୟସ ବଞ୍ଚିଥାନ୍ତି ।

## ଫାଷ୍ଟଫୁଡ୍ ନଟ୍ ଗୁଡ୍



ଆଜିକାଲି ଗ୍ରାମାଞ୍ଚଳରେ ହେଉ ବା ସହରାଞ୍ଚଳ ହେଉ ସବୁଠି ଫାଷ୍ଟଫୁଡ୍ ପାଖରେ ଲୋକଙ୍କ ଭିଡ଼ ଜମୁଛି । ଭାରତୀୟ ବ୍ୟଞ୍ଜନ ଏବେ ଫାଷ୍ଟଫୁଡର ପଛରେ ରହିଯାଇଛି । କିନ୍ତୁ ଲୋକଙ୍କୁ ଜଣାନାହିଁ ଯେ ଫାଷ୍ଟଫୁଡ୍ କେତେ କ୍ଷତିକାରକ । ଫାଷ୍ଟଫୁଡ ବିଭିନ୍ନ ପ୍ରକାର ରୋଗକୁ ଡାକିଆଣିଥାଏ । ଡାକ୍ତରମାନେ ଫାଷ୍ଟଫୁଡ ଖାଇବାକୁ ସାଧାରଣତଃ ମନା କରିଥାନ୍ତି, କାହିଁକି ନା ଫାଷ୍ଟଫୁଡ୍ ମୃତ୍ୟୁକୁ ଆମନ୍ତ୍ରଣ କରିଥାଏ । ଏହାର ସ୍ୱାଦ ଯଦିଓ ସ୍ୱାଦିଷ୍ଟ ତେବେ ଏହା ସ୍ୱାସ୍ଥ୍ୟପାଇଁ କ୍ଷତିକାରକ । ମଇଦାଯୁକ୍ତ ଏହି ଖାଦ୍ୟରେ ଖଣିଜଦ୍ରବ୍ୟ, ଭିଟାମିନ୍, ପ୍ରୋଟିନର ଅଭାବ ରହିଥାଏ । ମାତ୍ର କାର୍ବୋହାଇଡ୍ରୋଟ୍, ରସାୟନ ଏବଂ ତୈଳ ଅଂଶ ଅଧିକ ରହିଥିବା କାରଣରୁ ,ହା ପାଚନ କ୍ରିୟାରେ ଅସାମନତା ବୃଦ୍ଧି କରିଥାଏ । ମଇଦାରେ ଭିଟାମିନସର ଅଭାବ ରହିଛି ଏବଂ ଏଥିରେ କାର୍ବୋ ହାଇଡ୍ରେଟ ଅଧିକ ରହିଛି, ଯାହା ପାଚନ ପ୍ରକ୍ରିୟାକୁ ସିଧାସଳଖ ପ୍ରଭାବିତ କରିଥାଏ । ଏହା ସ୍ୱାଦିଷ୍ଟ ହୋଇଥିଲେ ମଧ ଖାଇବା ଉଚିତ ନୁହେଁ ବୋଲି ଡାକ୍ତରମାନେ କହୁଥିବାବେଳେ ମଧୁମେହ, ମେଦବୃଦ୍ଧି, ହୃଦରୋଗ, କୋଷ୍ଟକାଠିନ୍ୟ, ଗ୍ୟାସ୍ ଏସିଡିଟି ଭଳି ରୋଗକୁ ଡାକିଆଣିଥାଏ । ଏହା ଖାଦ୍ୟ ପାଇଁ ଅନୁପଯୁକ୍ତ ।

## ଫୁଡ୍ ପଏଜନିଂର ଘରୋଇ ଉପଚାର

**ବେଳେବେଳେ କିଛି ଭୁଲ ଖାଦ୍ୟ ଖାଇବା କାଣରୁ କିଛି ବ୍ୟକ୍ତି ଫୁଡ୍ ପଏଜନିଂର ଶିକାର ହୋଇଥାନ୍ତି । ଯେଉଁଥିପାଇଁ ସ୍ଥିତି ବହୁତ ଗମ୍ଭୀର ହୋଇଥାଏ । ସେଥିପାଇଁ ସମୟ ପୂର୍ବରୁ ଚିକିତ୍ସା କରିବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ଫୁଡ୍ ପଏଜନିଂର ଘରୋଇ ଉପଚାର ସମ୍ପର୍କରେ...**

ଦହିର ପ୍ରୟୋଗ:- ଫୁଡ୍ ପଏଜନିଂ ଲାଗି ଦହି ବେଶ୍ ଉପଚାରୀ । ତେଣୁ ଦହିରେ କିଛି ପାଣି ୦ଚିନି ମିଶାଇ ଲସି ପ୍ରସ୍ତୁତ କରନ୍ତୁ । ଏବଂ ଫୁଡ୍ ପଏଜନିଂ ହେବା ସମୟରେ ଏହି ଲସିକୁ ପିଇଦିଅନ୍ତୁ ।

ଲେମ୍ବୁର ପ୍ରୟୋଗ:- ସାଧାରଣତଃ ଲେମ୍ବୁରେ ଆଣ୍ଟି- ଭାଇରାଲ ଗୁଣ ନିହିତ ଥାଏ । ଯାହାକି ଫୁଡ୍ ପଏଜନିଂର ବ୍ୟାକ୍ଟେରିଆକୁ ଦୂର କରି ଆପଣଙ୍କୁଚ ମୁକ୍ତି ଦେଇଥାଏ । ଆପଣ ଏକ କପ୍ ଗରମ ପାଣି ନେଇ ସେଥିରେ କିଛି ମାତ୍ରାରେ ଲେମ୍ବୁର ରସ ଓ ମହୁକୁ ମିଶ୍ରଣ କରି ଖାଲି ପେଟରେ ପିଇଦିଅନ୍ତୁ। ଏହା ଦ୍ୱାରା ଆପଣଙ୍କର ଫୁଡ୍ ପଏଜନିଂ ଜନିତ ସମସ୍ୟା ଦୂର ହୋଇଥାଏ ।

## କର୍କଟ ରୋଗୀଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ଚିକିତ୍ସା ସହାୟତା



ଆମ ଦେଶରେ କର୍କଟ ଭୋଗୁଥିବା ମଣିଷଙ୍କ ସଂଖ୍ୟା ଚାଲିଶ ଲକ୍ଷରୁ ଅଧିକ । ଅସ୍ତ୍ରୋପଚାର ପରବର୍ତ୍ତୀ କର୍କଟ ଚିକିତ୍ସା ବେଶ୍ ବ୍ୟୟବହୁଳ । ହସପିଟାଲରେ ରହି ଚିକିତ୍ସିତ ହେଲେ ବହୁତ ଖର୍ଚ୍ଚ ହୁଏ । ରୋଗୀଙ୍କୁ କମ ଖର୍ଚ୍ଚରେ ଘରେ ଚିକିତ୍ସା ସୁବିଧା ଯୋଗାଉଛନ୍ତି ଡାକ୍ତର ଗୌରବ ଠକରାଲ । ନୋଏଡ଼ାର 'ଫୋର୍ଟିସ୍ ହସ୍ପିଟାଲ'ରୁ ଚାକିରି ଛାଡ଼ି ଡାକ୍ତର ଗୌରବ କର୍କଟ ରୋଗୀଙ୍କୁ, ସେମାନଙ୍କ ଘରେ ଅସ୍ତ୍ରୋପଚାର ପରବର୍ତ୍ତୀ ସେବା ଯୋଗାଉଛନ୍ତି । ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ ସେବକ -ସେବିକା ତଥା ଚିକିତ୍ସାକଙ୍କୁ ନେଇ ସେ ଏକ ଦଳ ଗଢ଼ିଛନ୍ତି । କର୍କଟ ରୋଗୀଙ୍କୁ ସେମାନଙ୍କ ନିଜ ଘରେ କେମୋଥେରାପି ଇଂଜେକସନ୍ ଦେବା ଡାକ୍ତର ଗୌରବଙ୍କ ମୁଖ୍ୟ କାର୍ଯ୍ୟ । ତାହା ଛଡ଼ା ଘରେ କମ୍ ଖର୍ଚ୍ଚରେ ଆଇସିୟୁ ବା ଇନଟେନ୍‌ସିଭ କେୟାର ୟୁନିଟ୍ ସ୍ଥାପନ କରିବା ପାଇଁ ମଧ୍ୟ ସେ କାରିଗରୀ ସହାୟତା ଓ ଉପକରଣ ଯୋଗୁଛନ୍ତି । ଦୁଇ ହଜାରରୁ ଦଶ ହଜାର ଟଙ୍କା ମଧ୍ୟରେ କେମୋ-ଇଂଜେକସନ୍ ଦିଆଯାଉଛି । ଆଇସିୟୁ ବସାଇବାରେ ଖର୍ଚ୍ଚ ହେଉଛି ଆଠରୁ ଦଶ ହଜାର । ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଡାକ୍ତର ଗୌରବଙ୍କ ସେବା ମିଳୁଛି । ସେବା-କାର୍ଯ୍ୟକୁ ଅଧିକରୁ ଅଧିକ ସଂପ୍ରସାରଣ କରିବା ତାଙ୍କର ଲକ୍ଷ୍ୟ ।

## କ୍ରୋଧ ..କ୍ରୋଧ.. କ୍ରୋଧ



ଆମ ଓଡ଼ିଶା ପରମ୍ପରାରେ ଭାଇ ବୋହୂ ଓ ଦେଢ଼ଶୁରକୁ ନେଇ ବହୁ ପ୍ରବାଦ ତଥା ଉପମା ରହିଛି । ଯେପରି ଡଙ୍ଗା ଓ କୁମ୍ଭୀର ଏକ ସ୍ଥାନରେ ରହୁଥିଲେ ମଧ୍ୟ ଦେଢ଼ଶୁର ଥିବା ସ୍ଥାନରେ ଭାଇ ବୋହୂ ନ ଆସିବା ଭଳି କୁମ୍ଭୀର ଡଙ୍ଗା ପାଖକୁ ଆସିନଥାଏ । ସେହିପରି, ଆମ ମନ ଭିତରେ ବିବେକ ଓ କ୍ରୋଧ ଭାଇ ବୋହୂ ଓ ଦେଢ଼ଶୁର ଭଳି । କ୍ରୋଧ ସବୁବେଳେ ବହିର୍ଃମୁଖି, ବିବେକ ସବୁବେଳେ ଅନ୍ତଃର୍ମୁଖୀ । କ୍ରୋଧ ଓ ବିବେକର ସମ୍ପର୍କ ଠିକ୍ ବିବେକର ସ୍ଥାନ ନଥାଏ ଏବଂ ଯେଉଁଠି ବିବେକ ରାଜୁତି କରେ ସେଠି କ୍ରୋଧର ସ୍ଥାନ ମଧ୍ୟ ନଥାଏ । କ୍ରୋଧ ପରିବର୍ତ୍ତେ ବିବେକକୁ ରାଜୁତି କରିବାକୁ ସୁଯୋଗ ଦେବାକୁ ହେଲେ କ୍ରୋଧ ବିଷୟରେ ସଠିକ୍ ଭାବେ ଜାଣିନେବାକୁ ହେବ । ଘର ସଫାକଲାବେଳେ ଆମ ଉପଯୋଗୀ ଜିନିଷକୁ ସାଇତି ରଖୁ । ଅଦରକାରୀ ବସ୍ତୁକୁ ଫିଙ୍ଗିଦେଉ । କାରଣ ଅଦରକାରୀ ବସ୍ତୁ ଘରେ ରହିଲେ ଘର ଅଳିଆ ହେବା ସାର ହେବ। ଏପରିକି ଘର ଅଳିଆ ହେବା ଯୋଗୁ ଭଲ ଜିନିଷକୁ ରଖିବାପାଇଁ ଜାଗା ବି ମିଳିବନି । ସେମିତି ପରମାତ୍ମା ଆମ ଭିତରେ କିଛିକିଛି ଗୁଣ ଖଞ୍ଜି ଦେଇଛନ୍ତି । ସେଥିରୁ କିଛି ଆମ ପାଇଁ ଅଦରକାରୀ । ସେସବୁ ରହିଲେ ଆମ ମନ ଖରାପ ହେବ । ତେଣୁ ସେ ସବୁକୁ ପାଳି ପୋଷି ବଡ଼ କରିବାର କୌଣସି ଆବଶ୍ୟକତା ନାହିଁ ।

କ୍ରୋଧ ଆମ ଭିତରର ଗୋଟିଏ ଅଳିଆ ସଦୃଶ । କ୍ରୋଧ ସମସ୍ତଙ୍କ ଭିତରେ ଅଛି । ସ୍ୱାର୍ଥରେ ଆଘାତ ପହଞ୍ଚିଲେ ସମସ୍ତ ଜୀବଜନ୍ତୁ ନିଜ ନିଜର ସାମର୍ଥ୍ୟ ଅନୁସାରେ ରାଗନ୍ତି । ଜନ୍ଦା, ପିମ୍ପୁଡ଼ିଙ୍କ ଉପରେ ପାଦ ପଡ଼ିଗଲେ ସେମାନେ କାମୁଡ଼ି ପକାନ୍ତି । ଗାଈ, ଗୋରୁ ଶିଙ୍ଗ ହଲାଇ ଦିଅନ୍ତି । ମାତ୍ର ଏସବୁ କ୍ଷଣିକ ପାଇଁ ହୋଇଥାଏ । କୌଣସି ପ୍ରାଣି କ୍ରୋଧର ବଶବର୍ତ୍ତି ହୋଇ ପ୍ରତିଶୋଧ ପରାୟଣ ହୋଇନଥାଏ । ସେମାନେ ନିଜକୁ ବଞ୍ଚାଇବା ପାଇଁ କ୍ରୋଧିତ ହୋଇ ଥାନ୍ତି । କିନ୍ତୁ ମଣିଷ କ୍ରୋଧର ବଶବର୍ତ୍ତି ହୋଇ ଅଧିକାଂଶ ସମୟରେ ପ୍ରତିଶୋଧ ପରାୟଣ ହୋଇଥାଏ । କାହା ଠାରୁ ନିଜ ବିଷୟରେ ଖରାପ ମନ୍ତବ୍ୟ ଶୁଣିଲେ କ୍ରୋଧହୁଏ । ଆପଣ ଗୋଟିଏ କଥାକୁ ନେଇ ପୂର୍ବରୁ ରାଗିଛନ୍ତି । ସେହି ଗୋଟାଏ କଥାକୁ ବାରମ୍ବାର ମନେ ପକାଇଲେ ଅଧିକରୁ ଅଧିକ କ୍ରୋଧ ହୁଏ । କ୍ରୋଧ ଦ୍ୱାରା ନିଦ କମିଯାଏ । ନିଦ କମିଗଲେ ନାନାଦି ରୋଗହୁଏ । କ୍ରୋଧ ଅନ୍ୟ ଅପେକ୍ଷା ନିଜକୁ ହିଁ ବେଶି ଅସୁବିଧାରେ ପକାଇଥାଏ ।

କୌଣସି ମଣିଷ କ୍ରୋଧିତ ହେବାକୁ ଚାହାନ୍ତି ନାହିଁ । ସମସ୍ତେ ଶାନ୍ତିରେ ସମୟ ବିତେଇବାକୁ ଚାହାନ୍ତି । ହେଲେ ବେଳେବେଳେ ଏମିତି ପରିସ୍ଥିତି ସୃଷ୍ଟି ହୁଏ ମଣିଷ ରାଗିବାକୁ ବାଧ ହୋଇଥାଏ । କିନ୍ତୁ ସେହି ରାଗ ବା କ୍ରୋଧ ନିଜ ଭିତରେ କେତେ ସମୟ ଧରି ରହୁଛି ତାହା ହେଉଛି ଆମ ମାନସିକ ଅଭିବୃଦ୍ଧିର ମାପଦଣ୍ଡ । ସାଧାରଣତଃ, ରାଗ ସୃଷ୍ଟି କରୁଥିବା କଥାଟି ସମୟରେ ପୂର୍ଣ୍ଣ ମାତ୍ରାରେ ଆସିନଥାଏ । ରାଗ ସୃଷ୍ଟି କରୁଥିବା କଥା ବା ଘଟଣାଟି ଟିକିଏ ଛାଡ଼ି ଟିକିଏ ମନେପଡୁଥିବାରୁ ତାହାକୁ ପରିଚାଳିତ କରିବା ସହଜ ହୋଇଥାଏ । ସେ ସମୟରେ ଗୋଟିଏ ସ୍ଥାନରେ ବସି ନରହି ବରଂ କୁଆଡ଼େ ବୁଲି ଆସିଲେ ମନର ପରିବର୍ତ୍ତନ ହୋଇଥାଏ । ଏପରିକି ଭଲ ଲୋକଙ୍କ ସହିତ କିଛି ସମୟ ପାଇଁ କଥାବାର୍ତ୍ତା ହେଲେ ମନ ଶାନ୍ତ ହୋଇ ଯାଇଥାଏ । ଆଉ ସବୁଠୁ ବଡ଼ କଥା ହେଉଛି, ମନରେ କ୍ରୋଧ ଆସିଲେ ତା'ର ପରିଣାମ କଥାକୁ ମନେପକାନ୍ତୁ । ଯଦି କ୍ରୋଧର ବଶବର୍ତ୍ତୀ ହୋଇ କାହାକୁ କିଛି କହିଦେଇଛନ୍ତି, ତେବେ ସେହି ବ୍ୟକ୍ତିକୁ କ୍ଷମା ମାଗି ନିଅନ୍ତୁ । ସବୁବେଳେ ମନେରଖନ୍ତୁ ଅନେକ ଦୁର୍ଗୁଣ ଭିତରେ କ୍ରୋଧ ଗୋଟିଏ ଦୁର୍ଗୁଣ । ଏହା ପ୍ରଥମେ ନିଜକୁ ଅଶାନ୍ତ କରିବା ପରେ ଅନ୍ୟକୁ ଅଶାନ୍ତ କରିଥାଏ । ଫଳରେ ଭାଇବୋହୂ ସ୍ୱରୂପ ବିବେକ ମନରେ ଶାନ୍ତି ଆଣିବାରେ ଅସଫଳ ହୁଏ । ତେଣୁ ଯଦି କାହାରି କଥାରେ ରାଗ ଆସୁଛି ତେବେ ଆପଣଙ୍କୁ ପ୍ରଶଂସା କରୁଥିବା ଲୋକର କଥାକୁ ମନେପକାନ୍ତୁ । କ୍ରୋଧରେ ନିଜକୁ ସମ୍ଭାଳି ନପାରିଲେ ମନକୁ ଅନ୍ୟ କୁଆଡ଼େ ବୁଲେଇନିଅନ୍ତୁ । ଗୋଟିଏ କଥା ସବୁବେଳେ ମନେରଖନ୍ତୁ, ରାଗିବା ଦ୍ୱାରା କାହାର କିଛି ଲାଭ ହେବ ନାହିଁ ବରଂ ପ୍ରଥମେ ନିଜର କ୍ଷତି ହେବ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉଜ୍ଜ୍ୱଳ ଆଶା...

ତମାମ ବିଶ୍ୱକୁ ବାରମ୍ବାର ଲହର ଆସିବାରୁ କରୋନା ଯେଉଁଭଳି ଥରହର କରି ରଖୁଛି ତାହା ଅଭୁତପୂର୍ବ। ସଭ୍ୟତାର ଉନ୍ମେଷ କାଳରୁ କେବେ ଏଭଳି ଗଣମୃତ୍ୟୁର କାରଣ ଏକ ଅଦୃଶ୍ୟ ଭୂତାଣୁ ପାଇଁ ହୋଇଥିବାର ଦୃଷ୍ଟାନ୍ତ ନାହିଁ । ତାହାରି ମଧରେ କିଭଳି ଏହି ମହାମାରୀରୁ ମୁକୁଳି ହେବ, ସେହି ଚିନ୍ତାରେ ସମଗ୍ର ବିଶ୍ୱବାସୀ ଥିବା ଏବଂ ଓମାଇକ୍ରୋନ୍‌ର କାୟା ବିସ୍ତାର ଚିନ୍ତା ବହୁଗୁଣ ବଢ଼ାଇ ଦେଇଛି । ଲକ୍ଷ ସଂଖ୍ୟାରେ ପୁରୁଷ, ମହିଳା ଓ ଶିଶୁ କରୋନାର କରାଳ ଗର୍ଭରେ ଗିଳି ହୋଇଗଲେ । ଆଉ ସମସଂଖ୍ୟକ ସଂକ୍ରମିତ ହୋଇ ଲଢ଼ି ଜୀବନ କିଭଳି ଜୀବନ ରକ୍ଷା କଲେ, ତାହା ବିଶ୍ୱବାସୀ ଦେଖିଛନ୍ତି । ଓମାଇକ୍ରନ୍ ଏବସୁଦ୍ଧା ପାଖାପାଖି ଷାଠିଏ ଦେଶରେ କାୟା ବିସ୍ତାର କରିସାରିଛି । ଏହି ନୂତନ ପ୍ରଜାତିର ଭୂତାଣୁର ଗତି ଏତେ କ୍ଷୀପ୍ର, ତାହା ବର୍ଣ୍ଣନାର ବାହାରେ । ଓମାଇକ୍ରନ୍‌ର ବିସ୍ତାରକୁ ଯଦି ତୃତୀୟ ଲହର ଭାବେ ଗଣନା କରାଯାଏ, ତେବେ ତାହାର ସଂକ୍ରମଣରୁ ବର୍ତ୍ତିବା ପାଇଁ ଏକମାତ୍ର ରାସ୍ତା ବୁଷ୍ଟର ଡୋଜ୍ ବୋଲି କୁହାଯାଉଛି । ସୂଚନାରୁ ଜଣାଯାଇଛି, ଆସନ୍ତି ସଂକଟରୁ ରକ୍ଷା ପାଇବା ଲାଗି ଛତିଶି ଦେଶରେ ବୁଷ୍ଟର ଡୋଜ୍ ପ୍ରଦାନ ଆରମ୍ଭ ହୋଇଛି । ଦୁଇଥର ପ୍ରତିଷେଧକ ଟିକା ନେଇଥିବା ବ୍ୟକ୍ତିମାନଙ୍କ କ୍ଷେତ୍ରରେ ପ୍ରତିରୋଧ କ୍ଷମତା କେତେ କାଳ ରହିବ, ତାହା ନେଇ କିଏ କିଭଳି ମତ ରଖିଛନ୍ତି । ଯେହେତୁ ଭୂତାଣୁ ଅଦୃଶ୍ୟ, ଚିକିତ୍ସା ମଧ ଶତପ୍ରତିଶତ ପ୍ରମାଣସିଦ୍ଧ ନୁହେଁ, ସମସ୍ତେ ଏକପ୍ରକାର ଅନ୍ଧାରରେ ବାଡ଼ି ବୁଲାଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ଦେଶବାସୀଙ୍କୁ ଜଣାଇ ଦେଇଛନ୍ତି ଯେ, ତୃତୀୟ ଲିହର ରୂପୀ ଓମାଇକ୍ରନ୍ ଅବତାରର କାୟାବିସ୍ତାରକୁ ରୋକିବାକୁ ହେଲେ ଯେଉଁ ଅବଶିଷ୍ଟ ଭାଗ ଲୋକ ଟିକା ନେଇନାହାଁନ୍ତି, ସେମାନଙ୍କୁ ଦିଆଯିବା ପ୍ରକ୍ରିୟା ଶୀଘ୍ର ସାରିବାକୁ ହେବ। ତାହା ବାଦ୍ ପନ୍ଦରରୁ ଅଠର ବୟଂବର୍ଗଙ୍କୁ ଟିକାକରଣ ଜାନୁଆରୀ ତିନି ତାରିଖରୁ ଆରମ୍ଭ ହେବ। ତାହା ସହିତ ଷାଠିଏରୁ ଉର୍ଦ୍ଧ ବୟସର କୋମର୍ବିଡିଟି(ଦୁରାରୋଗ୍ୟ ପୀଡ଼ିତ)ଙ୍କୁ ବୁଷ୍ଟର ଡୋଜ୍ ଚିକିତ୍ସକଙ୍କ ପରାମର୍ଶ ସହ ଦିଆଯିବ । ଦୁଇଥର ଟିକାକରଣ ପରେ ସୁଦ୍ଧା କେହି ପୂରାମାତ୍ରାରେ ପ୍ରତିରୋଧ କ୍ଷମତାରେ ଅଛନ୍ତି, କହିପାରିବେ ନାହିଁ । ବିଶେଷଜ୍ଞମାନେ ଏନେଇ ଦୃଢ଼ତା ସହକାରେ ମଧ କହିପାରିବା ସ୍ଥିତିରେ ନାହାଁନ୍ତି । ପ୍ରଧାନମନ୍ତ୍ରୀ ସମଗ୍ର ପ୍ରକରଣର ଅନୁଧ୍ୟାନ ପରେ ବୁଷ୍ଟର ସଂକ୍ରାନ୍ତରେ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି, ତାହା ଦେଶବାସୀଙ୍କ ମନରେ ଆଶ୍ୱସ୍ତି ସଂଚାର କରିଛି ବୋଲି କୁହାଯାଇପାରିବ । ତଥ୍ୟ ପ୍ରକାରେ ଓମାଇକ୍ରନ୍ ଭାରିଆଣ୍ଟର ଲକ୍ଷଣଯୁକ୍ତ ସଂକ୍ରମଣ ଉପରେ କଥିତ ବୁଷ୍ଟର ଡୋଜ୍ ସତୁରିରୁ ପଞ୍ଚସ୍ତରୀ ପ୍ରତିଶତ ପ୍ରଭାବୀ । ମାତ୍ର ସେଭଳି ଦାବି କେତେଦୂର ବାସ୍ତବ, ତାହା ପୁଣି ବିତର୍କର ଅପେକ୍ଷା ରଖିଛି । ଆଜିସୁଦ୍ଧା ଦେଶରେ ଓମାଇକ୍ରନ୍ ସଂକ୍ରମଣ ପାଞ୍ଚଶହ ପାର ହୋଇସାରିଲାଣି । କରୋନା ସଂକ୍ରମଣ ପୂର୍ବରୁ ଉଗ୍ର କାୟାବିସ୍ତାର କରି ଚାଲିଛି । ରବିବାର ଦିନରେ ତାହା ପାଖାପାଖି ସାତ ହଜାରଙ୍କୁ ଆକ୍ରାନ୍ତ କରିଛି । ଏପରିକି ଏକ କିମ୍ବା ଦୁଇ ଥର ଟିକା ନେଇଥିବା ବ୍ୟକ୍ତିଙ୍କୁ ମଧ କରୋନା ଛାଡ଼ିନାହିଁ । ଟିକାକରଣର ପ୍ରଭାବ ସରିସରି ଆସୁଛି, ବୁଷ୍ଟର ପାଇଁ ପ୍ରକ୍ରିୟା କିଛି ସମୟ ବାକି ରହିଛି । ଏହି ସନ୍ଧିକାଳରେ ଛଟପଟ ହେଉଥିବା ଦେଶବାସୀ ସରକାରଙ୍କଠାରେ ଅପେକ୍ଷା ରଖୁଛନ୍ତି, କେତେଶୀଘ୍ର କିଶୋର ଓ ବୟସ୍କ ନାଗରିକମାନଙ୍କୁ ଟିକକରଣ ପରିସରକୁ ଅଣାଯାଇପାରିବ । ଦୁଇଥର ଟିକାଗ୍ରହଣ କରିଥିବା ବ୍ୟକ୍ତିଙ୍କଠାରେ ଯେଉଁ ପ୍ରଭାବୀ ଅନୁପାତ ରହିଥିବା କୁହାଯାଉଛି, ତାହା ଏହି ପରି । ଟିକାର ଉଭୟ ଡୋଜ୍ ଲଗାଯିବାର ପାଞ୍ଚ -ଛଅ ମାସ ପରେ ଆଣ୍ଟିବଡି ସ୍ତର ହ୍ରାସ ପାଇବା କେତେକ ଅନୁଧାନରୁ ଜଣାଯିବା ଗୁରୁତ୍ୱପୂର୍ଣ୍ଣ । ଦୁଇ ଦଫା ଟିକାକରଣ ପରେ ବିଦେଶରୁ ବୁଷ୍ଟର ଡୋଜ୍ କଥା ପ୍ରଥମେ ଉଠିଲା । ଏମିତି ନାହିଁ ଯେ, ଟିକା ନେଇଥିବା ବ୍ୟକ୍ତି ପୁନଃସଂକ୍ରମଣ ହେବାର ଭୟ ଅଛି । କିନ୍ତୁ ଟିକାଗ୍ରହୀତା, ବିଶେଷକରି ମଧୁମେହ ଓ ରକ୍ତଚାପ ଭଳି କୋମର୍ବିଡିଟି ଥିବା ବରିଷ୍ଠ ବ୍ୟକ୍ତିମାନଙ୍କୁ ବୁଷ୍ଟର ବଳୟ ଭିତରକୁ ଅଣାଯିବା ଭଳି ପଦକ୍ଷେପ ନେଇ ଜନକଲ୍ୟାଣ ରାଷ୍ଟ୍ରରେ ନାଗରିକଙ୍କ ସ୍ୱାସ୍ଥ୍ୟ ନେଇ ଉତ୍ତରଦାୟିତ୍ୱ ସରକାର ପାଳନ କରିଛନ୍ତି ବୋଲି କୁହାଯାଇପାରିବ ।



**ମାୟାଧର ନାୟକ**

# ଓଡିଶାବାସୀ ଦୀନ ଦରିଦ୍ର କାହିଁକି ?

ଭାରତବର୍ଷର ଗୋଟାଏ କଡରେ ଗାଆଁକନିଆ ସିଂଘାଣିନାକୀ ପରି ଦୀର୍ଘକାଳ ହେଲା ପଡିରହିଛି ଆମର ଏ ଓଡିଶା ଭୂଇଁ । ଏ ଦେଶର ଦରିଦ୍ର ରାଜ୍ୟ ଭାବରେ ଓଡିଶା ସଂପର୍କରେ ବେଶ୍ କିଛି ଲାଂଛନାର ଲିପି ଲେଖିଯାଇଛନ୍ତି ଗବେଷକମାନେ । ଓଡିଶାକୁ ନିଜ ଘର ପଛପଟର ଖଳାବାଡି ରୂପେ ଦୀର୍ଘକାଳ ଧରି ଦେଖି ଆସିଛନ୍ତି ଓଡିଆ ନେତାମାନେ । ଏ ଖଳାବାଡିରୁ ସେମାନେ ପ୍ରଚୁର ପନିପରିବା ବୁହାଇ ନେଇଛନ୍ତି ନିଜ ଅମାରକୁ, କିନ୍ତୁ ଯତ୍ନ ନେଇନାହାନ୍ତି କେବେ ତା'ର ।

ଓଡିଶା ପ୍ରାକୃତିକ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ । ଅଥଚ ଆମ ରାଜ୍ୟ ଦରିଦ୍ର, ଅନଗ୍ରସର, ପଛୁଆ – ଏଇ କଥା ଶୁଣି ଶୁଣି କାନ ତାବ୍‌ଦା ହୋଇଗଲାଣି । ସମସ୍ତେ କାନ୍ଦୁଛନ୍ତି, କିନ୍ତୁ କାହା ଆଖିରୁ ଲୁହ ବୁନ୍ଦେ ବହୁ ନାହିଁ । କୁମ୍ଭୀର କାନ୍ଦଣା । ଆମ ଜାଣିବା ଶୁଣିବା ବୋଲାଇ ହେଉଥିବା ନେତା-ବକ୍ତାମାନଙ୍କ ଘଡଘଡିନିନ୍ଦୀ ରଡିରେ ବରାବର ଘୋଷଣା କରାଯାଏ – ଦେଶୀବିଦେଶୀ ବ୍ୟବସାୟୀମାନେ ଓଡିଶାର ପ୍ରାକୃତିକ ସମ୍ପଦ, ଶସ୍ତା ଶ୍ରମ, ଜମି, ଜଳ ଉପରେ ଅଧିକାର ସାବ୍ୟସ୍ତ କରି ଆମକୁ ଦରିଦ୍ର ବୋଲି ଭାବିନେଇ ଖାତିର କରୁନାହାନ୍ତି । ବାସ୍ତବରେ ଆମର ପ୍ରିୟ ରାଜ୍ୟ ଓଡିଶା କ'ଣ ସତରେ ଦରିଦ୍ର ? ନା, ଦାରିଦ୍ର ନୁହେଁ, ବରଂ ପ୍ରତାରିତ ! ଏଥିପାଇଁ ଦାୟୀ କିଏ ? ପ୍ରାକୃତିକ ସମ୍ପଦରେ ଭରପୂର ଓଡିଶା ଦରିଦ୍ର କାହିଁକି ? କେବେ ଓଡିଶାବାସୀ ନିଦରୁ ଉଠିବେ ? କେବେ ନିଜ ଅଧିକାର ସାବ୍ୟସ୍ତ କରିବେ ? କେବେ... କେବେ... କେବେ... !!

ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ଖଣିଜ ସମ୍ପଦରେ ଈର୍ଷଣୀୟ ଆସନର ଅଧିକାରୀ । ଏବେ ୪୦ଟି କମ୍ପାନୀ ଇସ୍ପାତ ଶିଳ୍ପ ପାଇଁ ଧାଡି ଲଗାଇଛନ୍ତି । ଆମ ଖଣି ଉପରେ ତାଙ୍କ ଲୋଲୁପ ଦୃଷ୍ଟି । କଳେବଳେ-ଛଳେ-କଉଶଳେ ଖଣି ହାତେଇବାରେ ବ୍ୟସ୍ତ । ଓଡିଶାରେ ଯେଉଁ କେତୋଟି ଶିଳ୍ପ ଗଢିଉଠିଛି, ସେଥିରେ ନିତାନ୍ତ ମାନ୍ଦାବସ୍ଥା । ବହୁ ଶିଳ୍ପ, କଳ-କାରଖାନା, ଖଣି-ଖାଦାନ ବନ୍ଦ ହୋଇଗଲାଣି । କାମ କରୁଥିବା ଲୋକେ ତ ଛଟେଇ ହେବାର ପ୍ରକ୍ରିୟା ଜାରି ରହିଛି, ନୂଆ ଲୋକଙ୍କୁ କାମ ମିଳିବ କେଉଁଠୁ ? କୃଷିରେ ମାନ୍ଦା, ଶିଳ୍ପରେ ମାନ୍ଦା ହେଲେ ରାଜ୍ୟର ପ୍ରଗତି ସମ୍ଭବ କି ? ଯେଉଁ ଦେଶର ଖଣିଜ ସମ୍ପଦ ବିଦେଶକୁ ରପ୍ତାନୀ ହୁଏ, ସେ ଦେଶର ଲୋକଙ୍କ ଅର୍ଥନୈତିକ ଅବସ୍ଥା ସୁଧୁରେ ନାହିଁ । କଳକାରଖାନା ଗଢି ନଉଠିଲେ, କୃଷିର ବିକାଶ ନହେଲେ, ଏବଂ କର୍ମନିଯୁକ୍ତି ସୃଷ୍ଟି ନହେଲେ, ଲୋକେ ଅଭାବରେ ପଡି ସ୍ୱଭାବ ନଷ୍ଟ କରିବେ ହିଁ କରିବେ ।

ରାଜନୈତିକ ଉପେକ୍ଷା, ଉଦାସୀନତା, ଅନାଦର ଓ ଅବହେଳାର ଚରମ ଶିକାର – ଓଡିଶା ଭୂଇଁ । ପ୍ରକୃତିର ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ଏ ଭୂମିକୁ ସ୍ୱର୍ଣ୍ଣପ୍ରସୁ କରାଯାଇପାରିଥାନ୍ତା ଅତି ଅନାୟାସରେ, ଏକ କୃଷିପ୍ରଧାନ ରାଜ୍ୟ ସହିତ ଶିଳ୍ପସମୃଦ୍ଧ ରାଜ୍ୟ ରୂପେ ମୁଣ୍ଡ ଟେକିପାରିଥାନ୍ତା ଓଡିଶା । ମାତ୍ର ଶାସନରେ ଆସୀନ ହୋଇ ଆସିଥିବା ଓଡିଶାର ରାଜନୈତିକ କର୍ତାମାନେ ଏହାକୁ ଫଳବତି କରାଇପାରି ନାହାନ୍ତି କାହିଁକି – ଏ ପ୍ରସଙ୍ଗ ଏବେ ମଧ ସୃଷ୍ଟି କରୁଛି ପ୍ରଶ୍ନବାଚୀ । ସବୁପ୍ରକାର ପାରିପାର୍ଶ୍ୱିକ ଅନୁକୂଳତା ସତ୍ତ୍ୱେ ଓଡିଶାର ପ୍ରଗତି ଓ ଅଗ୍ରଗତି ପାଇଁ ଯେଉଁଭଳି ରାଜନୈତିକ ନିଷ୍ଠା ଓ ନିଷ୍ପତି ପ୍ରୟୋଜନ, ତାହା କ'ଣ ପ୍ରଦର୍ଶନ କରିପାରିଛନ୍ତି ଆମ ଓଡିଶା ନେତୃବର୍ଗ ?

ଆଜି ଓଡିଶାରେ ଯେଉଁ ଆଡକୁ ଅନାଇବା, ସେଆଡେ ଗଦା ଗଦା ସମସ୍ୟା । ପ୍ରକୃତିର ଗନ୍ତାଘର ଓଡିଶା ଆଜି ସମସ୍ୟାର ଗୋଦାମଖାନାରେ ପରିଣତ ହୋଇଛି । ସମସ୍ୟା ସମାଧାନ କରିବା ଦିଗରେ କୌଣସି ଚିନ୍ତା ନାହିଁ । ସମସ୍ୟା ସୃଷ୍ଟି କରିବାରେ ବରଂ ଆମର ତଥାକଥିତ ମଙ୍ଗୁଆଳମାନେ ଧୁରନ୍ଧର । ନାରୀ ନିର୍ଯାତନା, ଧର୍ଷଣ, ହତ୍ୟା, ଧର୍ମ ନାଆଁରେ ଅଧର୍ମ କର୍ମ କରିବାରେ ଓଡିଶା ପୃଥିବୀରେ ନାଁ କରିଗଲା ! ଆମ 'କରିତ୍‌କର୍ମା' ନେତାମାନେ ଦୁରଦର୍ଶନ, ସମ୍ବାଦପତ୍ର ପରି ଗଣମାଧମ ମାନଙ୍କରେ ଘନ ଘନ ଦୃଶ୍ୟମାନ ହେଲେ ।

ଓଡିଶା ରହିଯାଇଛି ଯେଉଁ ତିମିରେକୁ ସେଇ ତିମିରେ । ଅଥଚ ଭାଷା ଭିତିରେ ସ୍ୱତନ୍ତ୍ର ପ୍ରଦେଶର ପରିଚିତ ହାସଲ କରିବାରେ ସମଗ୍ର ଭାରତବର୍ଷରେ ଓଡିଶା ସର୍ବପ୍ରଥମ । ଭାଷା, ସାହିତ୍ୟ, ସଂସ୍କୃତି, କଳା, ଭାସ୍କର୍ଯ୍ୟର ବିଶାଳ ଐତିହ୍ୟ ଥାଇ - ଅନନ୍ୟ ପ୍ରକୃତିର ଅବାରିତ ଆଶୀର୍ବାଦ ପାଇ ସୁଦ୍ଧା ଓଡିଶା ଆଜି ଭାରତବର୍ଷର ଆପାଙ୍‌କ୍ତେୟ ଅପନ୍ତରାଟାଏ ଯେମିତି ! ବନ୍ଧଟାଏ କି ବନ୍ଦରଟାଏ ବନାଇଦେଇ ଓଡିଶା ପାଇଁ ବେଶ୍ କିଛି କରାଇପାରିଚନ୍ତି ବୋଲି ହୁରି ଛାଡିଛନ୍ତି ଆମର ତଥାକଥିତ ନେତୃପୁରୁଷମାନେ । ମାତ୍ର ଓଡିଶା ପାଇଁ ବନ୍ଧ, ବନ୍ଦର, ରାଜପଥ, ରେଳପଥ, ପଂଚତାରକା ହୋଟେଲ କେତେଟା ନିର୍ମିତ ହୋଇଗଲେ କ'ଣ ସମୃଦ୍ଧିର ସ୍ୱର୍ଣ୍ଣ ଯୁଗଟାଏ ଆସିଗଲା ପ୍ରକୃତରେ ?

ଓଡିଶାକୁ ବମ୍ପେ କରିଦେବୁ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କରିଦେବୁ, ହଜାରେ ଶିଳ୍ପ ଗଢି ତୋଳିବୁ, ଜମିକୁ ପାଣି- ବେକାରୀଙ୍କୁ କାମ – ଏବମିତି କେତେ ଧ୍ୱନି ଶୁଣି ଶୁଣି କାନ ଦଦରା ହୋଇଗଲାଣି, କେତେ ନେତା ଗଲେଣି, ଆଉ ଅନେକ ଅଛନ୍ତି ।

କିନ୍ତୁ ଏସବୁ ଧ୍ୱନି କେବଳ ପ୍ରତିଧ୍ୱନି ସୃଷ୍ଟି କରିବା ଛଡା ଆଉ କୌଣସି କାମରେ ଲାଗିପାରିନି ଓଡିଶାର । ଓଡିଶାର ଭାଗ୍ୟ ସେମିତି ଚାପି ହୋଇ ରହିଯାଇଛି ଗଦାଗଦା ପଥର ତଳେ ।

ଓଡିଶା ଭୁଇଁରେ ଓଡିଆ ଭାଷାର ଦୁର୍ଦ୍ଦଶା ଆଜି କହିଲେ ନ ସରେ । ପ୍ରତିବେଶୀ ପ୍ରଦେଶମାନଙ୍କର ଭାଷା-ସାହିତ୍ୟ କ୍ଷେତ୍ରରେ ନବଜାଗରଣର ଯେଉଁ କ୍ରାନ୍ତି ଆସିଚି, ତାହା ଲକ୍ଷ୍ୟ କଲେ ଲିତ ହେବାକୁ ପଡେ ଆମକୁ । ଅଥଚ ଆମେ କାଳେ ଏକ ବିଶାଳ ଐତିହ୍ୟର ଉତରାଧିକାରୀ ! ନିଜ ଭୂମି, ନିଜ ଭାଷା, ନିଜ ସଂସ୍କୃତି ସଂପର୍କରେ କେତେଦୂର ସଚେତନ ଆମେସବୁ ?

ଓଡିଶାରେ ଆଜି ସାଂପ୍ରଦାୟିକ ଦଙ୍ଗା, ହତ୍ୟା, ଧର୍ଷଣ, ଯୌତୁକ- ଯାତନା, ଲାଂଚମିଛର ଫର୍ଦ୍ଦ ଲମ୍ବି ଲମ୍ବି ଚାଲିଚି – ବେକାରୀ ଆଉ ବେରୋଜଗାରୀ ବଢି ବଢି ଚାଲିଛି - ଯୁବପିଢି ପାଇଁ ସଠିକ୍ ସଡକଟିଏ ନାହିଁ ବାଟ ଚାଲିବାକୁ – ଭବିଷ୍ୟତର ଚେହେରା ଝାପ୍‌ସା – ସବୁଠି କୁହୁଳୁଚି ଅଶାନ୍ତ ଓ ଅସନ୍ତୋଷର ରଡ ନିଆଁ – ରାସ୍ତାଘାଟରେ ଗୁଣ୍ଡାରାଜ୍ – ରାତି ବାରଟା ପରେ ସହରସବୁ ବିପନ୍ନ - ଦାଦାମାନେ ବାଂଟି ନେଉଛନ୍ତି ନିଜ ନିଜର ଇଲାକା ! ଏଭଳି ଶୋଚନୀୟ ପରିସ୍ଥିତି ପାଇଁ ଦାୟୀ କିଏ ?

ବର୍ତମାନ ସାରା ଓଡିଶାରେ-ଗାଁ-ଗଣ୍ଡା, ସହର, ବଜାର ସବୁଆଡେ ଚାଷୀ, ଶ୍ରମିକ, ଛାତ୍ର, ଯୁବକ, ମହିଳା, କୃଷିଶ୍ରମିକ ପ୍ରବଳ ଆଶାନ୍ତି, ଅସନ୍ତୋଷର ବହ୍ନିରେ ପ୍ରଜ୍ୱଳିତ । ସେମାନେ ଥରେ ଏକାଠି ହେଲେ, ସଠିକ୍ ନେତୃତ୍ୱ ମିଳିଲେ ସମସ୍ତଙ୍କୁ ସାବାଡ କରିଦେବେ । ହେଲେ ନେତା କାହିଁ ? ଯେଉଁ ନେତାମାନେ ଠାଏଁ ଠାଏଁ ସେମାନଙ୍କୁ ମତଉଛନ୍ତି – ତତଉଛନ୍ତି, ବାଟ ଜଣା ନଥିବାରୁ ଅବାଟରେ ନେଇ ହତାଶିଆ କରି ପକାଉଛନ୍ତି । ବାରମ୍ବାର ଲୋକେ ପ୍ରତିଶ୍ରୁତିର ପଦ୍ମତୋଳା ଶୁଣି ଶୁଣି ପ୍ରତାରିତ ହୋଇ ଭାଗ୍ୟକୁ ନିନ୍ଦୁଛନ୍ତି । ପରିବର୍ତନ ପାଇଁ ନୂଆ କିଛି କଥା କହିଲେ, ଏକଦମ୍ ଠିକ୍ ବୋଲି କହୁଛନ୍ତି । କିନ୍ତୁ ହଠାତ୍ ବାହାରି ପାରୁନାହାନ୍ତି । ଦୁର୍ନୀତି, ଚଂଚକତାରେ କୋଟି କୋଟି ଟଙ୍କା ମହଜୁଦ୍ ରଖିଥିବା ମତଲବୀ ନେତୃବର୍ଗଙ୍କ ନିଜସ୍ୱ ଭଡାଟିଆ ଗୁଣ୍ଡାବାହିନୀ ଓ ସରକାରୀ କଳର ଦମନ ଅତ୍ୟାଚାରକୁ ମୁକାବିଲା କରିବା ଅସମ୍ଭବ ବୋଲି ଲୋକେ ଭାବୁଛନ୍ତି । ଏ ଦୁନିଆରେ ଅସମ୍ଭବ ବୋଲି ଚିନ୍ତା କରିବା ହିଁ ପରାଜୟର ଲକ୍ଷଣ । ଯାହା ବାସ୍ତବ ସତ୍ୟ, ତାହା ନିଶ୍ଚିତ ସମ୍ଭବ । ଗଣ ଜାଗରଣର ନୂତନ ଅଧ୍ୟାୟ ସୃଷ୍ଟି ନହେଲେ ଦୃଷ୍ଟିଭଙ୍ଗୀ ବଦଳି ପାରିବ ନାହିଁ । ଶାସନର ଢାଂଚା ବଦଳିପାରିବ ନାହିଁ- ରାଜନୀତିର ନୂଆ ରାସ୍ତା ଫିଟିପାରିବ ନାହିଁ । ଓଡିଶା ପଡି ରହିଥିବ ଯେଉଁ ତିମିରେକୁ ସେଇ ତିମିରେ । ଆସନ୍ତୁ ଗୋଟିଏ ମଂଚରେ ଏକାଠି ହେବା । ବଜ୍ରମୁଷ୍ଟି ଉତୋଳନ କରିବା । କ୍ଷମତାନ୍ଧ, କ୍ଷୁଧିତ ନେତୃତ୍ୱର କାଚଘର ସାମ୍ନାରେ ନିର୍ମାଣ କରିବା ନିର୍ଭୀକ ପ୍ରତିବାଦର ବିଶାଳ ପରମ୍ପରା ।

ଏ ବିଡମ୍ବିତ ବାସ୍ତବତାରୁ ନିଷ୍କୃତି ମିଳିବ କେବେ ? ଜନସାଧାରଣଙ୍କ ମଧରେ ଯେଉଁମାନେ ମେହନତୀ ମଣିଷ, ଶ୍ରମ-ସଂସ୍କୃତିର ସୂତ୍ରଧର – ସେମାନେ ସଂକଳ୍ପବଦ୍ଧ ହେଲେ ହିଁ ଓଡିଶାରୁ ଗୁଣ୍ଡାମାଫିଆ ସମର୍ଥିତ ରାଜନୈତିକ ଅପସଂସ୍କୃତିର ଉଚ୍ଛେଦ ହେବ – ସୃଷ୍ଟି ହେବ ନିର୍ଭୀକତାର ନୂତନ ପର୍ବ । କିନ୍ତୁ କେବଳ ବୌଦ୍ଧିକ ବିସ୍ଫୋରଣ ମାଧମରେ ଭାଷଣବାଜିର କୁହୁକରେ ବଦଳି ପାରିବ ନାହିଁ ଓଡିଶାର ଏ ନୈରାଶ୍ୟର ନକ୍‌ସା । ନିର୍ବାଚନ ସରିଯିବ - ପୁଣି ଘୋଟି ଆସିବ ସେଇ ଅମା ଅନ୍ଧକାର ରାତ୍ରି ।

ତେଣୁ ଭାରତବର୍ଷରେ ଜନଜାଗରଣର ଜୁଆର ଆସିବା ଦରକାର । ଓଡିଶା ଭୂଇଁରେ ସଚେତନ ସମୁଦାୟ ସଂଗଠିତ ହେବା ଦରକାର । ସବୁ ପ୍ରଗତିଶୀଳ ଶକ୍ତି ଏକତ୍ର ହୋଇ ଏକ ମଂଚରେ ଉପନୀତ ହେବା ଅପରିହାର୍ଯ୍ୟ । ତା'ହେଲେ ଯାଇ ନ୍ୟସ୍ତସ୍ୱାର୍ଥ ରାଜନୀତିର ଅନ୍ତ ହେବ- ଅବସାନ ଘଟିବ ଏକ କଳଙ୍କିତ ରାଜନୈତିକ ଅପସଂସ୍କୃତିର ।

+ ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩



**ଅକ୍ଷୟ କୁମାର ରାଉତ**

# ଭକ୍ତ କବି ମଧୁସୂଦନ ରାଓ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମଧୁସୂଦନ ପୁରୀ ଜିଲ୍ଲା ସ୍କୁଲରେ କିଛି ଦିନ ଶିକ୍ଷକତା କରିବା ପରେ ଯାଜପୁର ମାଇନର ସ୍କୁଲରେ ହେଡମାଷ୍ଟର ପଦବୀରେ ଯୋଗଦେଇ ମାସିକ ୪୫ ଟଙ୍କା ବେତନ ପାଇଲେ। ସେଠାରେ ପତ୍ନୀ ପଦ୍ମାବାଇ ସହିତ ବୈତରଣୀ ନଦୀରେ ସ୍ନାନ କରି ଭାବଭକ୍ତିରେ ଅତୀତ ଉତ୍କଳର ଗୁଣକୀର୍ତ୍ତନ କରୁଥିଲେ। ଯାଜପୁର ଠାରେ ମଧୁସୂଦନଙ୍କର କବି ପ୍ରତିଭା ପ୍ରସ୍ଫୁଟିତ ହେଲା। ୧୮୭୩ ମସିହାରେ ମଧୁସୂତନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକ ରୂପେ ଯୋଗଦେଲେ। ସେଠାରେ ତାଙ୍କର ବ୍ୟାସକବି ଫକୀର ମୋହନ ସେନାପତି, ବୈକୁଣ୍ଠନାଥ ଦେଓ ଓ ତାଙ୍କର ଗୁରୁଦେବ ରାଧାନାଥ ରାୟଙ୍କ ସହିତ ମିଳନ ହେଲା। ଏହା ଥିଲା ଓଡିଆ ସାହିତ୍ୟ ଇତିହାସର ଏକ ମଧୁର ମିଳନ ପର୍ବ। ବାଲେଶ୍ୱର ପାଲଟିଗଲା ଓଡିଆ ସାହିତ୍ୟର ତୀର୍ଥସ୍ଥଳୀ ପ୍ରୟାଗ। ଏହି ସାହିତ୍ୟିକ ମାନେ ମିଶି ମାସିକ ପତ୍ରିକା 'ଉତ୍କଳ ଦର୍ପଣ' ପ୍ରକାଶ କଲେ। ମଧୁସୂଦନ ଏହି ଠାରେ କେତୋଟି ପ୍ରବନ୍ଧ ଓ କବିତା ରଚନା କରିଥିଲେ। ସେଗୁଡିକ ମଧରୁ "ପ୍ରଣୟର ଅଦ୍ଭୁତ ପରିଣାମ", "ଚନ୍ଦ୍ର ତାରା ଗଳ୍ପ", "ଶାସନ ପ୍ରଣାଳୀ", "ସୂର୍ଯ୍ୟ ଉଲ୍‌କା ପିଣ୍ଡ", "ଆଗ୍ନେୟଗିରି", "ବୁଦ୍ଧଦେବ", "ଶ୍ମଶାନ", "ନିଶୀଥ ଚିନ୍ତା", "ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ", ଶରତ ପ୍ରଭାତ ଓ ସୀତା ବନବାସ ପ୍ରଭୃତି ଅନେକ ରଚନା ତାଙ୍କର ସୃଷ୍ଟି। ମଧୁସୂଦନ ପୁରସ୍କାର ପାଇଁ 'ପ୍ରବନ୍ଧମାଳା' ନାମକ ଗୋଟିଏ ବହି ଲେଖିଥିଲେ। ରାଧାନାଥ ଓ ମଧୁସୂଦନ ଦୁହେଁ ମିଶି 'କବିତାବଳୀ' ନାମକ ବହି ପ୍ରକାଶ କଲେ। ବାଲେଶ୍ୱରଠାରେ ତାଙ୍କର ପ୍ରଥମ କନ୍ୟା ବାସନ୍ତୀର ଜନ୍ମ। ସେ କଟକ କଲେଜିଏଟ୍ ସ୍କୁଲରେ ଅତିରିକ୍ତ ଶିକ୍ଷକ ଭାବେ ଯୋଗଦେବା ପରେ ତାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା ତାର ନାମ 'ଜୟନ୍ତ'।

୧୮୮୦ ମସିହାରେ ମଧୁସୂଦନ ଶିକ୍ଷା ବିଭାଗୀୟ ଡେପୁଟି ଇନ୍ସପେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଲେ। ଶିକ୍ଷକମାନଙ୍କୁ ପାଠ ପଢାଇବାରେ ସାହାଯ୍ୟ କରିବା ଲାଗି ସେ କେତେକ ବହି ମଧ ଲେଖିଥିଲେ। 'ଶିକ୍ଷାବନ୍ଧୁ' ନାମକ ଏକ ପତ୍ରିକା ମଧ ପ୍ରକାଶ କରିଥିଲେ। ବର୍ତ୍ତମାନ କଲେଜିଏଟ୍ ସ୍କୁଲର ମୁଖପତ୍ରର ନାମ ଶିକ୍ଷାବନ୍ଧୁ ରହିଅଛି। ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସେ 'ଶିକ୍ଷକ ସହଚର', 'ନିମ୍ନ ଶିକ୍ଷକ ବନ୍ଧୁ' ଓ 'ନିମ୍ନ ଶିକ୍ଷକ ସୁହୃଦ୍' ବୋଲି ତିନି ଖଣ୍ଡ ପୁସ୍ତକ ପ୍ରକାଶ କରିଥିଲେ। ଶିକ୍ଷକଙ୍କ ତାଲିମ ପାଇଁ ସେ ଏକ ଗୁରୁଟ୍ରେନିଂ ସ୍କୁଲ ବସାଇଥିଲେ। ୧୮୮୧ ମସିହାରେ 'ଛାନ୍ଦମାଳା' ପ୍ରଥମ ଖଣ୍ଡ ପ୍ରକାଶିତ କରିଥିଲେ। 'ବର୍ଣ୍ଣବୋଧ' ବହି ଖଣ୍ଡିକ ଲେଖି ସେ ସାରା ଓଡିଶାରେ ପରିଚିତ।



ବାଲ୍ୟବନ୍ଧୁ ଆଚାର୍ଯ୍ୟ ପ୍ୟାରୀ ମୋହନଙ୍କ ମୃତ୍ୟୁ ମଧୁସୂଦନଙ୍କୁ ଖୁବ୍ ବାଧିଲା। ସେ ବହୁକାଳ ପର୍ଯ୍ୟନ୍ତ ଦାରୁଣ ଦୁଃଖରେ ଘାଣ୍ଟିଚକଟି ହୋଇପଡିଲେ। ତାପରେ ତାଙ୍କର କଠିନ ଶୂଳ ରୋଗ ଆରମ୍ଭ ହୋଇଥିଲ। ସେ ଡେପୁଟି ଇନ୍‌ସପେକ୍ଟର ଚାକିରି ଛାଡି ଦେଇ କଲେଜିଏଟ୍ ସ୍କୁଲର ପ୍ରଧାନ ଶିକ୍ଷକ ଭାବେ ଯୋଗଦେଲେ। କଲେଜ ପ୍ରିନ୍ସପାଲ୍‌ଙ୍କ ସହିତ ନୀତିଗତ ଅମେଳ ହେବାରୁ ସେ ପ୍ରଧାନ ଶିକ୍ଷକ ପଦ ଛାଡି ବାଲେଶ୍ୱରକୁ ଡେପୁଟି ଇନ୍‌ସପେକ୍ଟର ପଦରେ ବଦଳି ହେଲେ। ୧୮୯୩ ମସିହାରେ ମଧୁସୂଦନ କଟକ ଟ୍ରେନିଂ ସ୍କୁଲରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦେଲେ। ଟ୍ରେନିଂ ସ୍କୁଲରେ ଭାବର ଆଦାନ ପ୍ରଦାନ ନିମନ୍ତେ ୧୮୯୪ ମସିହାରେ ଏକ ଆଲୋଚନା ସଭା ମଧୁସୂଦନ ଗଠନ କରିଥିଲେ। ତାହା ବଢ଼ିଯାଇ କ୍ରମେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଥିଲା। ତେଣୁ ତାଙ୍କ ନାମ ଉକ୍ତ ଅନୁଷ୍ଠାନ ସହିତ ଅମରାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସେ ଛାତ୍ରମାନଙ୍କ ମଧରେ 'ଉତ୍କଳ ଯୁବକ ସଂଘ' ଗଢ଼ି ସେ ସୁନାମ କମାଇଥିଲେ। ବ୍ରାହ୍ମ ଉପାସନା ପାଇଁ ସେ କଟକ ଗଙ୍ଗା ମନ୍ଦିର ନିକଟରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ।

ମଧୁସୂଦନଙ୍କ ପ୍ରଚେଷ୍ଟାରେ ଟାଉନ୍ ସ୍କୁଲ ନାମରେ ଗୋଟିଏ ମାଇନର ସ୍କୁଲ କଟକ ସହରରେ ପ୍ରତିଷ୍ଠା ହୋଇଥିଲା। ପର ଅବସ୍ଥାରେ ଉକ୍ତ ସ୍କୁଲଟି 'ଭିକ୍ଟୋରିଆ ହାଇସ୍କୁଲ'ରେ ନାମିତ ହେଲା। ଏବେ ସେ ସ୍କୁଲର ନାମ 'ଭକ୍ତ ମଧୁ ବିଦ୍ୟା ପୀଠ'। ତାଙ୍କର ପାରିବାରିକ ଜୀବନ ଅତି ମଧୁମୟ ଥିଲା। ୪ଟି କନ୍ୟା ଓ ୪ଟି ପୁତ୍ର ସନ୍ତାନ ମଧରୁ 'ପ୍ରଶାନ୍ତ' ନାମକ ପୁତ୍ରକୁ ସାନ ଭାଇ ଜଗନ୍ନାଥଙ୍କୁ ପୁଅ ଭାବେ ଟେକି ଦେଇଥିଲେ। କନ୍ୟା, ପୁତ୍ର, ସ୍ତ୍ରୀ ଓ ଭାଇ ଏକତ୍ର ରହି ଘରଟିକୁ ସେ ସ୍ୱର୍ଗ ପରି ମଣୁଥିଲେ, ସେଥିପାଇଁ ସେ 'ପରିବାର' ପଦ୍ୟରେ ଲେଖିଛନ୍ତି :-

"ବୈକୁଣ୍ଠ ସମାନ ଆହା
ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ
ଥାଏ ନିରନ୍ତର।"

ଗୃହର ଶାନ୍ତି ଦେଖି ଫକୀର ମୋହନ ତାଙ୍କ ଗୃହକୁ କହୁଥିଲେ ମହର୍ଷି ଆଶ୍ରମ, ମଧୁସୂଦନ ନିଜେ ମହାରଷି। ଈଶ୍ୱରଙ୍କ ପରମ ସତ୍ତା ଅନୁଭବକରି ସେ ଭକ୍ତି ଭାବରେ ବହୁତ କବିତା ରଚନା କରିଛନ୍ତି। ତେଣୁ ତାଙ୍କୁ ଆଧୁନିକ ଓଡିଆ ସାହିତ୍ୟରେ 'ଭକ୍ତ କବି' ବୋଲି କୁହାଯାଏ। ଇଂରେଜ ସରକାର ତାଙ୍କ ୧୯୦୭ ମସିହାରେ "ରାୟବାହାଦୂର" ପଦ ପ୍ରଦାନ କରିଥିଲେ। ୧୯୦୯ ମସିହାରେ ତାଙ୍କ ପିତା ଭାଗୀରଥି ରାଓ ହରିନାମ ଗାଇ ଗାଇ ଆଖି ବୁଜିଦେଲେ। ପିତୃ ବିୟୋଗ ଦୁଃଖ ମଧୁସୂଦନଙ୍କୁ ଦାରୁଣ କଷ୍ଟ ଦେଇଥିଲା। ଛାନ୍ଦମାଳା ୨ୟ ଖଣ୍ଡ ତାଙ୍କ ପିତୃଦେବଙ୍କ ପାଦପଦ୍ମରେ ସେ ଉତ୍ସର୍ଗ କରିଥିଲେ। 'କୁସୁମାଞ୍ଜଳି' ମଧୁସୂଦନଙ୍କ ଶ୍ରେଷ୍ଠ କବିତା ସଞ୍ଚୟନ। ୧୯୧୨ ମସିହା ଡିସେମ୍ବର ୨୮ ତାରିଖରେ ସେ ଇହଧାମ ତ୍ୟାଗ କଲେ।

ମଧୁସୂଦନଙ୍କ ସରଳତା, ସାଧୁତା, ସହନଶୀଳତା, ସାହାଯ୍ୟ, ସତ୍ୟ କଥନ ଓ ଭ୍ରାନ୍ତି ଭାବ ଆଧୁନିକ ଓଡିଆ ସାହିତ୍ୟରେ ବିରଳ। ତାଙ୍କର ମାନବଧର୍ମ ଓ ସଂସ୍କାର ବାଦର ଗାରିମାମୟ ମୌଳିକ କବି ପ୍ରତିଭା ତାଙ୍କୁ ଚିରଦିନ ପାଇଁ ଅମର କରିରଖିବ। ସେଥିପାଇଁ ପଲ୍ଲୀକବି ନନ୍ଦକିଶୋର ଲେଖିଛନ୍ତି-

"ଯାବତ ଜୀବନ ଆଦର୍ଶ ସ୍ୱରୂପେ
ବିରାଜ ମୋ ପ୍ରାଣେ ସନ୍ତତ
ହେ ଦେବ ! ଉତ୍କଳର ଇତିହାସରେ
ଶ୍ରୀ ମଧୁସୂଦନ ଭକ୍ତକବି ନାମ
ରହିଲା ସୁବର୍ଣ୍ଣ ଅକ୍ଷରେ"

(ସମାପ୍ତ)

+ ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫





## ଶୀତ ଗାଉଛି ଗୀତ

**ବିଜୟ କୁମାର ପଣ୍ଡା**

ବିଛାଡ଼ି ହେଇ ପଡ଼ିଛି
ସୁନେଲି କିରଣ ଶୀତ ସକାଳରେ
ପୃଥିବୀର ଅଳସୀ ପଣତରେ
କୋମଳ ଶିଶିର ବିନ୍ଦୁ ସବୁକୁ ସ୍ପର୍ଶ କରି
ଝକ୍ ମକ କରୁଛି ଚାନ୍ଦି ପରି ।

ସାଥିରେ ଦୁଇ ଖଣ୍ଡ କାଠ ଆଉ
କୁଟା କାଠି ଦିଆସିଲି ବିଡ଼ା ନେଇ
କାଶିଆ ଅଜା ବସିଛନ୍ତି ନିଆଁ ପୋଇ ।

ରେବ ଆଇକୁ କହୁଛନ୍ତି ପାଟି କରି
ହେମ୍ବାଳ ହେଲାଣି ଦେହ ହାତ ମୋର
ଚାହା ଟିକେ ଦିଅ, କାହିଁକି କରୁଛୁ ଡେରି।
କମ୍ବଳଟେ ଘୋଡ଼ି ରେବ ଆଇ
ଥୁରୁ ଥୁରୁ ପାଦେ ଚୁଲିପାଖେ ବସେ ଯାଇ
ରାଗ ଗର ଗର ହେଇ
କୁହନ୍ତି ବୁଢାଟା ଶାନ୍ତିରେ ଦେବନି
ବସେଇ ।

ବାବୁନି ଉଠୁନି ବିଛଣା ଶେଯରୁ
କୁହେ ସତେ ଭାରି ଶୀତ
କାନରେ ଲଗେଇ ମୋବାଇଲ ତାର
ଶୁଣୁଛି କି ସବୁ ଗୀତ ।

କୁ କୁ କୁ କହି କୁକୁଡ଼ା ରାବିଲା
ସନିଆ ଗଲା ବିଲକୁ
ଚାରିଆଡେ ଖାଲି କୁହୁଡ଼ିରେ ଭରା
ଦିଶେନି କିଛି ଆଖିକୁ ।

♥ ସବଙ୍ଗ,ସିମୁଳିଆ, ବାଲେଶ୍ୱର।
(ମୋ)୯୭୩୯୫୯୧୮୧୬

## ଜାଗରେ ଓଡ଼ିଆ ପାଇକ ବୀର !

**ବିନୟ କୁମାର ସାମଲ**



ଜାଗି ଉଠ ଆଉ କର ନାହିଁ ମଠ
ଜାଗି ଉଠ ! ଜାଗି ଉଠ !
ସାରା ଓଡ଼ିଶାର ହେ ପାଇକ ବୀର !
ତୁମେ ଇତିହାସେ ଶ୍ରେଷ୍ଠ ।

ଆମ ଉତ୍କଳର ଖୋରଧା ଗଡ଼ର
ପାଇକ ବିଦ୍ରୋହ ବାର୍ତ୍ତା,
ଫିରିଙ୍ଗି ବିରୁଦ୍ଧେ ଦେଶ ମୁକ୍ତି ଯୁଦ୍ଧେ
ଇତିହାସ ଗାଏ ଗାଥା ।

ଫିରିଙ୍ଗି ଶାସନ କଷଣ ବିରୁଦ୍ଧେ
ବିଦ୍ରୋହ ଖୋରଧା ଗଡ଼େ,
ଅଠରଶହ ସତର ମସିହାରେ
ମୁକତି ସଂଗ୍ରାମ ବଢ଼େ ।

ସାରା ଭାରତରେ ଆମ ଓଡିଶାରେ
ପ୍ରଥମ ରଣ ହୁଙ୍କାର,
ବକ୍ସି ଜଗବନ୍ଧୁ କ୍ଷେତ୍ରୀ କୁଳ ଇନ୍ଦୁ
ନେତୃତ୍ୱ ମୁକ୍ତି ସମର ।

ଏ'ତ ଭାରତର ମୁକତି ଯୁଦ୍ଧର
ସର୍ବ ପ୍ରଥମ ସଂଗ୍ରାମ,
ଇତିହାସ ଆଜି ମୂକ ସାକ୍ଷୀ ସାଜି
କରୁଛି କୋଟି ସଲାମ ।

ପାଇକ ଗୌରବ ଦେଶ ପ୍ରେମ ଭାବ
ଅତୀତ କୀରତି ଗାଥା,
ତ୍ୟାଗ ବଳିଦାନ ଜାତି ସ୍ୱାଭିମାନ
ବାରମ୍ବାର କର ଚିନ୍ତା ।

ସମୟ ଚକ୍ରରେ କାହା ଚକ୍ରାନ୍ତରେ
ଆଜି ଏ କି ଅବିଚାର !
ଭାରତ ସର୍କାର ସ୍ୱୀକୃତି ଦେବାରେ
କୁଣ୍ଠାବୋଧ କିଆଁ କର ?

ଜାତୀୟ ସ୍ତରରେ ଏ ମହା ସତ୍ୟର
ସ୍ୱୀକୃତି ଆମର ଦାବୀ,
ଗବେଷଣାଲବ୍ଧ ଇତିହାସ ତଥ୍ୟ
ନୁହେଁ କଳ୍ପନାର ଛବି ।

ହେ ପାଇକ ପୁଅ ସର୍ବେ ଏକ ହୁଅ
ବଞ୍ଚାଇବା ସ୍ୱାଭିମାନ,
ଅତୀତ ଗୌରବ ଯଶ ବଇଭବ
ଅକ୍ଷୁର୍ଣ୍ଣ ରଖିବା ମାନ ।

ଡାକେ ହାତଠାରି ଖୋରଧା ଗଡ଼ର
ରକ୍ତ ରଞ୍ଜିତ ମାଟି,
ଡାକେ ବରୁଣେଇ ଆସ ଆସ ଭାଇ
ବାଧା ବନ୍ଧନ କାଟି ।

କାଞ୍ଚି ଅଭିଯାନେ ଗଜପତି ମାନ
ରଖିଲେ ଜଗାବଳିଆ,
ଉତ୍କଳ ବିଜୟ ଧ୍ୱଜା ଉଡାଇଲେ
ରଣାଙ୍ଗନେ ହୋଇ ଠିଆ ।

ଆଜି ଓଡ଼ିଆଙ୍କ ସ୍ୱାଭିମାନ ପାଇଁ
ଏକତାର ମନ୍ତ୍ର ଗାଇ,
ପୁଣ୍ୟ ଉତ୍କଳର ଆରାଧ ଠାକୁର
ଜଗନ୍ନାଥ ମନେ ଧାୟି ।

କୋଟିଏ ଓଡ଼ିଆ ଗୋଟିଏ ସ୍ୱରରେ
ଗଢ଼ିତୋଳ ଆନ୍ଦୋଳନ,
ଉତ୍କଳର ନେତା ସ୍ୱୟଂ ଜଗନ୍ନାଥ
ରଖିବେ ଉତ୍କଳ ମାନ ।

♥ (ଅବସର ପ୍ରାପ୍ତ ଶିକ୍ଷକ)
ଗ୍ରାମ/ପୋ- ବେଡାପଡ଼ା
ଜିଲ୍ଲା- ଢେଙ୍କାନାଳ -୭୫୯୦୧୯
(ମୋ) ୯୩୩୭୨୪୯୦୬୮

## ବିରହ

**ବିନୟ ମିଶ୍ର**

ତୁମ ବିବାହର ନିମନ୍ତ୍ରଣ ପତ୍ର
ଦେଲା ଆମ ଘରେ ତୁମ ଭାଇ,
ଆଖି ସେଇଦିନୁ ଲାଲ ପଡ଼ିଅଛି
ଭୁଲିଗଲ ଅବା କାହିଁ।

ଯିବି କି ନ ଯିବି ଭାବୁଥିଲି ବସି
ଅଲାଜୁକ ମୁହଁ କାହିଁକି ନେଇ,
ଚାଲିଗଲି ତୁମ ଭଲପାଇବାର
ହାତବନ୍ଧା ସେଇ ଡୋରୀକୁ ନେଇ।

ଲାଲ ଦିଶୁଥିଲା ମୟୁରକଂଠିଆ
ଶାଢ଼ୀଟା ଓଢଣୀ ସାଥେ,
ମଥାର ସିନ୍ଦୁର,ପାଦର ଅଳତା
ଶଙ୍ଖା, ଓଠ ସବୁ ଯେତେ।

ନାଲି ବୋତଲରୁ ସରିଗଲା ସବୁ
ତୁମେ ଦିଶୁ ଥିଲ ନାଲି,
ନାଳରେ ନ ପଡି ତୁମ ବେଦୀ
ପାଖୁ ଯାଇଥିଲି କହ ଚାଲି।

ତୁମକୁ ନ ପାରି ଭୁଲି,
ମୁହଁରେ ରୁମାଲ ଦେଲି,
ତୁମ ବର ଯଦି ଦେଖି ଦେଇଥାନ୍ତା
ଗାଲ ଯାଇଥାନ୍ତା ଫୁଲି।

ରାତିଟାରେ ସେଥିପାଇଁ ପରା
କଳା ଚଷମା ବି ପିନ୍ଧି ଥିଲି,
କଥା ଦେଇ କଥା ରଖି ପାରିଲନି
ମୁଣ୍ଡ ଯାଉଥିଲା ଘୁରି।

♥ ନିଆଳ, ଖୋର୍ଦ୍ଧା



ସୌମେନ୍ଦ୍ର ଜେନା

# ଶତ୍ରୁ ସଂପତ୍ତିର ସୁରକ୍ଷା

ପୃଥିବୀରେ ସବୁଦେଶ ଶତ୍ରୁକୁ ଚିହ୍ନିବାରେ ଭୁଲ କରୁନଥିବା ସ୍ଥଳେ ଭାରତରେ ତାହାର ଓଲଟା କଥା ଦେଖିବାକୁ ମିଳେ । ଯେଉଁ ପାକିସ୍ଥାନ ଗଠନ ପାଇଁ ଲୋକଙ୍କୁ ସଫା କରିବାଲାଗି ଲକ୍ଷ ଲକ୍ଷ ସଂଖ୍ୟାରେ ଗଣସଂହାର କରାଯାଇ ଥିଲା ସେହି ଦଙ୍ଗାକାରୀ ପାକ୍ ସମର୍ଥକ ଲୋକଙ୍କ ସଂପତ୍ତିର ସୁରକ୍ଷାରେ ସ୍ୱାଧୀନ ଭାରତର ସରକାର ସତୁରୀ ବର୍ଷରୁ ଅଧିକ କାଳ ରହିବା ଦେଶର ବିଧି ଓ ବ୍ୟବସ୍ଥା ପ୍ରତି ଯେମିତି ଉପହାସ,ଶାସନ-ପ୍ରଶାସନ ତଥା ଦେଶର ନୀତି ନିର୍ଦ୍ଧାରକଙ୍କ ଦକ୍ଷତା ପ୍ରତି ସେମିତି ଅଙ୍ଗୁଳି ନିର୍ଦ୍ଦେଶ । ଦେଶ ବିଭାଜନ ପରେ ୧୯୪୭, ୧୯୬୨,୧୯୬୫ ଏବଂ ୧୯୭୧ ପରେ ଯେଉଁ ଲୋକେ ଭାରତରୁ ପାକିସ୍ଥାନ, ପୂର୍ବ-ପାକିସ୍ଥାନ ଓ ଚୀନକୁ ଚାଲି ଯାଇଥିଲେ ସେମାନଙ୍କ ସଂପତ୍ତି ଶତ୍ରୁସଂପତ୍ତି ଭାବେ ପରିଗଣିତ । ସେମିତି ଯେଉଁମାନେ ପାକିସ୍ଥାନରୁ ଭାରତକୁ ଆସିଥିଲେ ସେମାନଙ୍କ ସଂପତ୍ତିକୁ ପାକ୍ ସରକାର ଖୁବଶୀଘ୍ର ନିଜ ସଂପତ୍ତିରେ ପରିଣତ କଲେ ଅଥଚ ଯେଉଁମାନେ ଭାରତରୁ ଶତ୍ରୁ ଦେଶକୁ ପଳାୟନ କରିଥିଲେ ସେମାନଙ୍କ ସଂପତ୍ତିକୁ ଦଖଲ କରିବା ଲାଗି ଇତି ମଧ୍ୟରେ ୭୦ ବର୍ଷରୁ ଅଧିକ ସମୟ ଅତିକ୍ରମ କରିଗଲାଣି । ଶତ୍ରୁ ଦେଶରେ ଥାଇ ଶତ୍ରୁମାନେ ସେମାନଙ୍କ ସହଯୋଗୀ ଏବଂ ଭାରତରେ ଥିବା ବଂଶଧରଙ୍କ ମାଧ୍ୟମରେ ୭୦ବର୍ଷରୁ ଅଧିକ କାଳ ଅର୍ଥ ଉପାର୍ଜନ କରି ଲାଭବାନ ହେଉଥିବା ବେଳେ ଦେଶର ଦୁର୍ବଳ ବିଚାର ବ୍ୟବସ୍ଥା ଯୋଗୁ ସାତଦଶନ୍ଧି ପରେ ମଧ୍ୟ ଭାରତ ସରକାର ସେହିସବୁ ସଂପତ୍ତିକୁ ଦଖଲକୁ ଆଣିବା ପାଇଁ ଏପର୍ଯ୍ୟନ୍ତ ଲଢୁଛନ୍ତି ।

ଶତ୍ରୁମାନଙ୍କ ବଂଶଧର ଓ ସେମାନଙ୍କ ସଂପତ୍ତିର ସୁରକ୍ଷା କରି ଭାରତ ଆଜିଯାଏ ବାରମ୍ବାର ଆଭ୍ୟନ୍ତରୀଣ ଓ ବାହ୍ୟ ଆକ୍ରମଣର ଶିକାର ହୋଇଆସିଛି । ଯାହାକୁ ଲକ୍ଷ୍ୟକରି ସ୍ୱର୍ଗତ ବିପିନ ରାଓ୍ୱତ ଏକଦା କହିଥିଲେ ଯେ ଆଗାମୀ ଦିନରେ ଦେଶକୁ ଅଢେଇ ପକ୍ଷରେ ଲଢିବାକୁ ହେବ । ଦେଶ ସୀମାରେ ପାକ୍ ଓ ଚୀନ ଥିଲା ବେଳେ ଦେଶ ଭିତରେ ସେମାନଙ୍କ ସହଯୋଗୀ ଭିନ୍ନ ଭିନ୍ନ ସ୍ତରରେ ଭରିହୋଇ ରହିଛନ୍ତି । ଏମାନଙ୍କୁ ଗୃହଶତ୍ରୁ କୁହାଯାଇପାରେ । ଏମାନେ ରାଓ୍ୱତଙ୍କ ମୃତ୍ୟୁପରେ ଖୁବ୍ ଆନନ୍ଦିତ ହୋଇ ନିଜ ନିଜର ସୋସିଆଲ ମିଡିଆରେ ଖୁସି ଜାହିର କରିଥିଲେ । ଏମାନଙ୍କ ମୂଳକୁ ଉତ୍ପାଟନ କରିବାକୁ କେବଳ ସରକାର ନୁହନ୍ତି ସାଧାରଣ ଜନତା ମଧ୍ୟ ପ୍ରୟାସ କରିବା ଦରକାର । ସେମାନଙ୍କୁ ଗୋଟି ଗୋଟି କରି ଖୋଜି ବାହାର କରିବା ଆବଶ୍ୟକ । କାରଣ ଏମାନେ ଦେଶ ଭିତରର ଘୂଣାଖିଆ ପୋକପରି । ଦେଶକୁ ଖାଇଖାଇ ନଷ୍ଟ କରିବା ହେଉଛି ଏମାନଙ୍କ କାର୍ଯ୍ୟ । ଏମାନେ ସବୁବେଳେ ଦେଶର ଶତ୍ରୁ ଏବଂ ଦେଶ ଜନତାଙ୍କର ମଧ୍ୟ ଶତ୍ରୁ ।

ବିଦେଶକୁ ପଳାୟନ କରିଥିବା ଶତ୍ରୁମାନଙ୍କର ସଂପତ୍ତିକୁ ଜବତ କରିବାଲାଗି ୧୯୬୫ରେ ଭାରତ ସରକାର ଶତ୍ରୁ ସଂପତ୍ତି ବିଲ ସଂସଦରେ ଆଣିଥିଲେ ଯାହା ୧୯୬୮ରେ ଆଇନରେ ପରିଣତ ହୋଇଥିଲା । କିନ୍ତୁ ଏହି ଆଇନ ବଳରେ ଶତ୍ରୁ ସଂପତ୍ତି ଦଖଲ କରାଯିବା ବେଳେ ଶତ୍ରୁମାନଙ୍କର ଭାରତରେ ଥିବା ବଂଶଧରମାନେ ଆଇନର ଗଳାବାଟ ଦେଇ ଅଦାଲତକୁ ଗଲେ । ଯାହା ଫଳରେ ଗୋଟିଏ ଗୋଟିଏ ମାମଲାର ରାୟ ଆସିବାକୁ ତିରିଶ ବର୍ଷ ଲାଗିଗଲା । ଆଉ ଭାରତର ବିଚିତ୍ର ବିଚାର ବ୍ୟବସ୍ଥା ସେହି ଶତ୍ରୁମାନଙ୍କୁ ସଂପତ୍ତିର ହକ୍‌ଦାର ବୋଲି କହିଲା । ଏହାପରେ ସରକାରଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନଥିବାରୁ ୨୦୧୬ରେ ଆଇନରେ ସଂଶୋଧନ ପାଇଁ ସ୍ଥିର ହେଲା । ୭ ଜାନୁଆରୀ ୨୦୧୬ରେ ଏଥିପାଇଁ ନିର୍ଦ୍ଦେଶନାମା ଆସିଲା । ୧୦ମାର୍ଚ୍ଚ ୨୦୧୭ରେ ପ୍ରଥମେ ରାଜ୍ୟସଭାରେ ବିଲଟି ଗୃହୀତ ହେବାପରେ ୧୪ ମାର୍ଚ୍ଚ ୨୦୧୭ରେ ଲୋକସଭାରେ ଗୃହୀତ ହେଲା । କହିବାକୁ ଗଲେ ଏହି ବର୍ଷରୁ ହିଁ ସରକାର ଶତ୍ରୁ ସଂପତ୍ତି ଠାବକରି ବିକ୍ରି ପାଇଁ ୨୧ ମାର୍ଚ୍ଚ ୨୦୧୮, ୮ ମାର୍ଚ୍ଚ ୨୦୧୯, ୧୮ ଫେବୃଆରୀ ୨୦୧୯, ୨୨ ଜାନୁଆରୀ ୨୦୨୦ରେ ନିୟମାବଳୀ ଦର୍ଶାଇଲେ । ପୂର୍ବରୁ ଦେଶର ଶତ୍ରୁ ସଂପତ୍ତିର ଦାୟିତ୍ୱ ସେପି ବା କଷ୍ଟୋଡିଆନ ଅଫ୍ ଏନିମି ପ୍ରପର୍ଟି ଅଫ ଇଣ୍ଡିଆଙ୍କ ହାତରେ ରହିଥିଲା । ସରକାରଙ୍କ ଏହି ସଂସ୍ଥା ଏବେ ମଧ୍ୟ ଭିନ୍ନ ଭିନ୍ନ ରାଜ୍ୟରେ ଥିବା ଶତ୍ରୁ ସଂପତ୍ତିକୁ ଖୋଜି ବାହାର କରୁଛି । ନିକଟରେ ଗତ ୨୭ ନଭେମ୍ବର ୨୦୨୧ଦିନ କୋଲକାତାର ପ୍ରମୁଖ ବାଣିଜ୍ୟସ୍ଥଳୀ ଗଣେଶ ଚନ୍ଦ୍ର ଏଭିନ୍ୟୁଠାରେ ଥିବା ଏକ ୮ମହଲା ବିଶିଷ୍ଟ ଶତ୍ରୁ ସଂପତ୍ତିକୁ ସିଲ କରାଯାଇଥିଲା । ୧୯୭୧ ଭାରତ-ପାକ୍ ଯୁଦ୍ଧପରେ ଏହାର ମାଲିକ ପାକିସ୍ଥାନ ଚାଲିଯାଇଥିଲେ । କେତେକ ସ୍ଥାନୀୟ ଲୋକେ ଘରଟିକୁ ନିଜ ଦଖଲକୁ ନେଇ କିଛି ନିର୍ମାଣ ମଧ୍ୟ କରିଥିଲେ ।

ଆଇନ ଅନୁସାରେ କେନ୍ଦ୍ର ସରକାର ଶତ୍ରୁ ସଂପତ୍ତିଗୁଡିକର ବିକ୍ରି ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିଛନ୍ତି । ଏହି କମିଟି ଚୀନ ଏବଂ ପାକ୍‌କୁ ଯାଇଥିବା ଶତ୍ରୁମାନଙ୍କ ସଂପତ୍ତିକୁ ବିକ୍ରି ନିଷ୍ପତ୍ତି କରିବେ । ଦେଶର ଯେଉଁସବୁ ରାଜ୍ୟରେ ଶତ୍ରୁ ସଂପତ୍ତି ରହିଛି ସେଗୁଡିକ ହେଲା ଦିଲ୍ଲୀ (୬୫୮), ଉତ୍ତର ପ୍ରଦେଶ (୬୨୫୫), ପଶ୍ଚିମବଙ୍ଗ (୪୦୮୮), ଗୋଆ (୨୯୫), ମହାରାଷ୍ଟ୍ର (୨୦୭), ତେଲେଙ୍ଗାନା (୧୫୮), ଗୁଜରାଟ (୧୫୧), ତ୍ରିପୁରା (୧୦୫), ବିହାର (୯୪) । ଏମିତି ମୋଟରେ ୧୨୪୮୫ ଗୋଟି ଶତ୍ରୁ ସଂପତ୍ତି ଭାରତରେ ଥିଲାବେଳେ ବର୍ତ୍ତମାନ ସୁଦ୍ଧା ୨୭୦୦କୋଟି ଟଙ୍କାର ସଂପତ୍ତି ସରକାର ବିକ୍ରି କରିସାରିଲେଣି । ତନ୍ମଧ୍ୟରେ ଓ୍ୱିପ୍ରୋ କମ୍ପାନୀରେ ୧୧୫୦ କୋଟି ମୂଲ୍ୟର ଅଂଶଧନ ରହିଥିଲା । ପ୍ରତିଟି ଅଂଶଧନକୁ ୨୫୯ ଟଙ୍କାରେ ବିକ୍ରି ହେଲା । ଏଥିରୁ ଅନେକ ଅଂଶଧନ ଏଲ୍‌ଆଇସି କିଣିବା ବେଳେ ଅବଶିଷ୍ଟ ଅଂଶଧନ ନିଉ ଇଣ୍ଡିଆ ଆସ୍ୟୁରାନସ କିଣିଥିଲା । ଶତ୍ରୁଙ୍କ ଅଂଶଧନ ୬,୫୦,୭୫,୮୭୭ ସଂଖ୍ୟାରେ ଥିଲା । ୯୯୬ଟି କମ୍ପାନୀର ୨୦୩୨୩ ଅଂଶଧାରକ ଥିଲେ । ତନ୍ମଧ୍ୟରୁ ୫୮୮ଟି କମ୍ପାନୀ ଏବେ କାର୍ଯ୍ୟକ୍ଷମ ରହିଛି । ୧୩୯ଟି କମ୍ପାନୀ ପୂର୍ବରୁ ବନ୍ଦ ରହିଛି । ଶତ୍ରୁ ସଂପତ୍ତିର ପରିମାଣ ୧ଲକ୍ଷ ପାଞ୍ଚହଜାର କୋଟି ଆକଳନ କରାଯାଇଛି । ଭୂସଂପତ୍ତି ପ୍ରାୟ ୧୧ହଜାର ୭୭୩ ଏକର ଅଞ୍ଚଳରେ ପରିବ୍ୟାପ୍ତ ।

ଶତ୍ରୁ ସଂପତ୍ତି ଆଜି ଭାରତରେ ବିକ୍ରି କରିବା କିପରି ସହଜ ନୁହେଁ, ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌର ହଜରତଗଞ୍ଜରେ ଥିବା ମହମୁଦାବାଦ ମାନସନ୍ ବିକ୍ରି ମାମଲା ତା'ର ଏକ ଉଦାହରଣ । ମହମୁଦାବାଦ ନବାବଙ୍କ ସଂପତ୍ତି ସୀତାପୁର, ନୈନିତାଲ ଏବଂ ହଜରତଗଞ୍ଜରେ ରହିଛି । ନବାବ ଅମିର ଅହମ୍ମଦ ଖାଁଙ୍କ ସଂପତ୍ତି ଉତ୍ତର ପ୍ରଦେଶରେ ୪୨୨ ହେକ୍ଟରରେ ବ୍ୟାପି ରହିଛି । ସୀତାପୁର ଜିଲ୍ଲାର ୩୮୮.୩୦୧ ହେକ୍ଟର ଜମି ୧୭୯ ଗ୍ରାମରେ, ୧୦୬୫୯ ହେକ୍ଟର ଜମି ଲଖିମପୁର ଖେରି ଜିଲ୍ଲାର ୩୧ଟି ଗ୍ରାମରେ ଏବଂ ୨୩.୦୪୫ ହେକ୍ଟର ଜମି ବାରାବାଙ୍କୀ ଜିଲ୍ଲାର ୨୧ଟି ଗ୍ରାମରେ ରହିଛି ।

୧୯୭୬ର ସହରାଞ୍ଚଳ ଜମି ଅଧିନିୟମ ଅନୁସାରେ (ୟୁପି) ସୀମାଠାରୁ ଅଧିକ ସଂପତ୍ତି ଓ ଜମି ଥିଲେ ତାହା ସରକାରଙ୍କ ନାମରେ ପଞ୍ଜିକୃତ କରାଯାଇପାରିବ । ତେଣୁ ଦଶବର୍ଷ ପୂର୍ବେ ଜମି ସିଲିଂ ପାଇଁ ଅଭିଯାନ ଆରମ୍ଭ ହୋଇଥିଲା । ମହମୁଦାବାଦ ରାଜ ପରିବାର ଅଧିନରେ ଅଧିକ ଜମିଥିବା ଜଣାପଡିଥିଲା । ସିଲିଂରେ ସରକାର ବଳକା ଜମିକୁ ହାତକୁ ନେବାକୁ ପ୍ରୟାସ କଲାରୁ ନବାବଙ୍କ ପରିବାର ପ୍ରତିବନ୍ଧକ ସୃଷ୍ଟି କରିଥିଲେ । ଯେହେତୁ ନବାବଙ୍କ ପରିବାର ରାଜ୍ୟ ରାଜନୀତି ସହ ସଂପୃକ୍ତ ଥିଲେ ତେଣୁ ସେମାନେ ମାମଲାକୁ ଅଦାଲତକୁ ନେଇ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କଲେ । ମାମଲାଟି ହାଇକୋର୍ଟକୁ ଯାଇ ଫଇସଲା ହେବାକୁ ପ୍ରାୟ ତିରିଶ ବର୍ଷ ଲାଗିଗଲା । କିନ୍ତୁ କଥା ଏତିକିରେ ଶେଷ ହେଲାନାହିଁ । ରାୟ ପୁଣି ଶତ୍ରୁଙ୍କ ପରିବାର ସପକ୍ଷରେ ଗଲା । ତେଣୁ ଅଦାଲତ ସରକାରଙ୍କୁ ସଂପତ୍ତି ଫେରାଇ ଦେବାକୁ ନିର୍ଦ୍ଦେଶ ଦେଲେ । କଂଗ୍ରେସ ସରକାର କେନ୍ଦ୍ରରେ ଥିଲାବେଳେ ଉତ୍ତର ପ୍ରଦେଶ ସରକାରଙ୍କୁ ଜମି ହାତକୁ ନ ନେବା ଲାଗି ନିର୍ଦ୍ଦେଶ ଦେଲେ । ଦେଶର ସଂପତ୍ତି କିପରି ଫୁଟବଲ ପରି ଗଡିଗଡି ଏପଟ ସେପଟ ହୁଏ ଏହି ମାମଲାଟି ତାର ସ୍ପଷ୍ଟ ପ୍ରମାଣ ।

ମହମୁଦାବାଦ ଶାସନ ୧୩୬୦ରେ ଶେଖ ନଥୁଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା । ସେ ଦିଲ୍ଲୀର ଶାସକଙ୍କଠାରୁ ଫତେପୁରଠାରେ ଅନେକ ଜମି ପାଇଥିଲେ । ବ୍ରିଟିସ ଶାସନ କାଳରେ ଅବଧ ରାଜ୍ୟ ଅନ୍ତର୍ଗତ ଏହି ରାଜ୍ୟର ଶାସନ ମୁସଲିମ ଲିଗ୍‌ର ସମର୍ଥକ ଏବଂ ଜିନ୍ନାଙ୍କ ବନ୍ଧୁ ଥିଲେ । ୧୯୫୭ରେ ସେ ଭାରତରେ ନିଜ ପୁଅ ଏବଂ ସ୍ତ୍ରୀଙ୍କୁ ଛାଡି ପାକିସ୍ଥାନ ଚାଲିଯାଇଥିଲେ । ତାଙ୍କ ସଂପତ୍ତିକୁ ପ୍ରତିରକ୍ଷା ଆଇନ ଅନୁସାରେ ଶତ୍ରୁ ସଂପତ୍ତି ଗଣାଯାଇ ଜବତ କରାଯାଇଥିଲା । ୧୯୭୪ରେ ନବାବଙ୍କ ମୃତ୍ୟୁ ଇଂଲଣ୍ଡରେ ହୋଇଥିଲା । ନବାବଙ୍କ ଦୁଇ ଝିଅ ଏବଂ ସେମାନଙ୍କ ପୁତ୍ରଗଣ ଇଂଲଣ୍ଡକୁ ଚାଲିଯାଇଥିଲେ । ତେବେ ଅତି ଯୋଜନାବଦ୍ଧ ଭାବେ ନବାବ ସଂପତ୍ତିର ଭୋଗଦଖଲ ପାଇଁ ସ୍ତ୍ରୀ ଓ ପୁତ୍ରଙ୍କୁ ଏଠାରେ ଛାଡି ଗଲେ । ଏଠାକାର ୨୦ଏକର ବ୍ୟାପି ଦୁର୍ଗଟି ୬୭୬୫୦ ବର୍ଗଫୁଟ ଅଞ୍ଚଳରେ ନିର୍ମିତ । ସୀତାପୁରଠାରେ ଥିବା ଜମି ୩୮୮ କୋଟି ଲଖିମପୁର ଖେରି ଜମି ୧୧କୋଟି ଏବଂ ବାରାବାଙ୍କୀ ଜମି ୨୩ କୋଟି ହେବ ବୋଲି ସରକାରୀ ସୂତ୍ରରୁ ପ୍ରକାଶ । କିନ୍ତୁ ଦୀର୍ଘ ୭୦ବର୍ଷ ହେଲା ଶତ୍ରୁଙ୍କ ପରିବାର ଏହି ସଂପତ୍ତିକୁ ଭଡା ସୂତ୍ରରେ ଦେଇ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ତେବେ ୨୬ ଡିସେମ୍ବର ୨୦୨୦ରେ ଏକ ମାମଲାରେ ଅଦାଲତ ସରକାରଙ୍କ ସପକ୍ଷରେ ରାୟ ଦେଇ ଜମିକୁ ନିଲାମ କରିବାପାଇଁ କହିଛନ୍ତି । ୨୦୦୭ରୁ ଏହି ମାମଲାଟି ଚାଲୁ ରହିଥିଲା । ତେଣୁ ୨୭ଡିସେମ୍ବର ୨୦୨୦ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ନେଇ ବିଜ୍ଞପ୍ତି ପ୍ରକାଶ କରିଥିଲେ ।

ଏକଦା ଏଠାକାର ଶାସକଥିବା ଯୁବ ନବାବ ଅମିର ଖାଁ କଂଗ୍ରେସ ଟିକେଟରେ ଦୁଇଥର ମହମୁଦାବାଦରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ତେଣୁ ସେ ସରକାରଙ୍କୁ ପ୍ରଭାବିତ କରିବା ସହ ଅଦାଲତ ରାୟକୁ ମଧ୍ୟ ବିଳମ୍ବିତ କରାଇଥିଲେ । ଅଥଚ ଯୋଗୀ ଆଦିତ୍ୟନାଥଙ୍କ ରାଜ୍ୟ ସରକାର ଏହି ମାମଲାଟିକୁ ଗୁରୁତ୍ୱ ଦେବାରୁ ଏବେ ଏହି ସଂପତ୍ତି ସରକାରଙ୍କ ହାତକୁ ଆସିବା ସମ୍ଭାବନା ଦେଖାଦେଇଛି । ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ରାଜ୍ୟରେ ଥିବା ଏହି ପରିବାରର ମୋଟ ସଂପତ୍ତି ୫୦୦୦୦କୋଟି ହେବ ବୋଲି ୨୦୦୬ ଅକ୍ଟୋବରରେ ସରକାର ଆକଳନ କରିଥିଲେ ।

ଶତ୍ରୁ ସଂପତ୍ତିର ସଂଶୋଧିତ ବିଲ ଅନୁଯାୟୀ (୧) ଭାରତର ନାଗରିକ ପାରିବାରିକ ସୂତ୍ରରେ ପ୍ରାପ୍ତ ଶତ୍ରୁ ସଂପତ୍ତିକୁ ଅନ୍ୟକାହାକୁ ଦେଇପାରିବ ନାହିଁ, (୨) ଏପର୍ଯ୍ୟନ୍ତ ବିକ୍ରି ହୋଇଥିବା ସବୁ ସଂପତ୍ତିକୁ ବେଆଇନ ଘୋଷଣା କରାଯାଇଛି,(୩) ଦେଓ୍ୱାନୀ ଅଦାଲତରେ ଶତ୍ରୁ ସଂପତ୍ତି ସଂପର୍କୀତ ମାମଲା ବିଚାର ହୋଇପାରିବ ନାହିଁ,(୪) ମାମଲାଗୁଡିକର ଶୁଣାଣି କେବଳ ହାଇ କୋର୍ଟ ଏବଂ ସୁପ୍ରିମ କୋର୍ଟରେ ହିଁ ହୋଇପାରିବ । ପାକିସ୍ଥାନ ଗଢିଥିବା ରକ୍ତପାୟୀ ନେତା ଜିନ୍ନାଙ୍କ ମୁମ୍ବାଇର କୋଠା ହେଉ କିମ୍ବା ମହମୁଦାବାଦ କୋଠି ହେଉ, ଏସବୁ ଶତ୍ରୁଙ୍କ ପରିବାରଙ୍କ ହାତରେ ରହି ପୁନର୍ବାର ଦେଶ ବିଭାଜନର କାର୍ଯ୍ୟରେ ଉପଯୋଗ ନହେବା ଆବଶ୍ୟକ । କେନ୍ଦ୍ର ସରକାର ଏ ବାବଦରେ ତୁରନ୍ତ ପଦକ୍ଷେପ ନେଇ ସମସ୍ତ ସଂପତ୍ତିକୁ ବିକ୍ରି କରି ସେହି ଅର୍ଥ ଦେଶର ପାଣ୍ଠିକୁ ଆଣିବା ଦରକାର । ଦେଶ ବିଭାଜନକାରୀମାନେ ଲକ୍ଷଲକ୍ଷ ଭାରତୀୟଙ୍କ ଶବ ଉପରେ ପାକିସ୍ଥାନ ଗଠନ କଲାପରେ ମଧ୍ୟ ୭୦ବର୍ଷରୁ ଅଧିକ କାଳ ହେଲା ନିଜର ପରିବାରବର୍ଗଙ୍କ ମାଧ୍ୟମରେ ପୁନର୍ବାର ବିଭାଜନର ଯେଉଁ ପ୍ରଶସ୍ତ ମାର୍ଗ ଖୋଲିବାର ଷଡଯନ୍ତ୍ର କରିଯାଇଛନ୍ତି ତାହା ବନ୍ଦ ହେବା ଆବଶ୍ୟକ । ସୈତାନଙ୍କ ସଂପତ୍ତିକୁ ସେମାନଙ୍କ ସ୍ୱାର୍ଥପର ପରିବାର ଆଉ ଯେପରି ଭୋଗ କରିନପାରିବେ ସେ ଦିଗରେ ସରକାର ଯେତେ ଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ସେତେ ଭଲ ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩
ମୋ-୯୮୫୩୩୩୫୦୭୮

# ଶୀତ ଦିନେ ମାଛ ଖାଇଲେ ଶରୀରକୁ ମିଳିବ ଏସବୁ ଫାଇଦା

ମାଛ ଖାଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ, ଯାହା ଶରୀରକୁ ଅନେକ ପ୍ରକାରର ରୋଗରୁ ରକ୍ଷା କରିଥାଏ । ଶୀତ ଦିନେ ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଶରୀର ଅନେକ ପ୍ରକାର ସଂକ୍ରମଣରୁ ଦୂରରେ ରହିଥାଏ । ଆସନ୍ତୁ ଜାଣିବା ଶୀତ ଦିନେ ମାଛ ଖାଇବାର ୭ଟି ଫାଇଦା ବିଷୟରେ...



୧.ମାଛର ଚର୍ମ ଗରମ ହୋଇଥିବାରୁ ଶୀତ ଦିନେ ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଶରୀର ଗରମ ରହିଥାଏ । ଏହା ଦ୍ୱାରା ଥଣ୍ଡା ହେବାର ସମସ୍ୟା ହୋଇ ନଥାଏ ।
୨.୧୦୦ଗ୍ରାମ୍ ମାଛରେ ୧୧୬କ୍ୟାଲୋରୀ ଓ ୨୦ଗ୍ରାମ ପ୍ରୋଟିନ୍ ରହିଥାଏ । ଏହା ସହ ମାଛରେ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ୍ ଡି ଭରପୂର ମାତ୍ରରେ ରହିଥାଏ, ଯାହା ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ ।
୩.ମାଛକୁ ସକାଳ ସମୟରେ ବା ମଧ୍ୟାହ୍ନ ସମୟରେ ଖାଇବା ଦରକାର, ଯାହାଦ୍ୱାରା ମାଛ ସହଜରେ ହଜମ ହୋଇ ପାରିଥାଏ । ମାଛର ସେବନ ଦିନରେ ଥରେ ଏବଂ ସପ୍ତାହକୁ ଦୁଇ ଥର କରିବା ଦରକାର ।
୪.ଏକ ଗବେଷଣା ଅନୁଯାୟୀ, ଯେଉଁମାନେ ସପ୍ତାହକୁ ଥରେ ମାଛ ଖାଇଥାନ୍ତି, ସେମାନଙ୍କ ପାଖରେ ସ୍ତନ କର୍କଟ ଏବଂ ପ୍ରୋଷ୍ଟେଟ୍ କର୍କଟ ରୋଗ ହେବାର ଆଶଙ୍କା କମ ହୋଇଥାଏ ।
୫.ମାଛର ସେବନ କରିବା ଦ୍ୱାରା ମସ୍ତିଷ୍କ ଚଞ୍ଚଳ ହୋଇଥାଏ । ଏହା ସହ ମାନସିକ ବିକାର ହେବା ଆଶଙ୍କା କମ ହୋଇଥାଏ । ମାଛରେ ଥିବା ପ୍ରୋଟିନ୍ ପାଇଁ ମସ୍ତିଷ୍କରେ ନୂଆ କୋଷିକା ନିର୍ମାଣ ହୋଇଥାଏ, ଯାହାଦ୍ୱାରା ସ୍ମରଣଶକ୍ତି ବଢ଼ିଥାଏ ।
୬.ଏଥିରେ କମ୍ କ୍ୟାଲୋରୀ ଥିବାରୁ ଏହା ଶରୀରରେ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ, ଯାହାଦ୍ୱାରା ହୃଦ୍‌ଜନିତ ସମସ୍ୟା ଦେଖାଯାଇ ନ ଥାଏ ।
୭. ମାଛରେ ଫ୍ୟାଟ୍ କମ ଥିବାରୁ ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ ।



# ଶୀତଦିନେ ଖଜୁରି ଖୁବ୍ ଜରୁରୀ



- ଖଜୁରିରେ ଫାଇବର, କ୍ୟାଲିସିୟମ, ଆଇରନ୍, ଭିଟାମିନ୍ସ ଏବଂ ମ୍ୟାଗ୍ନସିୟମ୍ ଭରପୂର ମାତ୍ରାରେ ରହିଛି । ତେଣୁ ଶୀତଦିନେ ଖଜୁରି ଖାଇଲେ ଶରୀରକୁ ଉଷ୍ମ ରଖେ ।
- ଯଦି ଆପଣଙ୍କୁ ଥଣ୍ଡା ହୋଇଛି ତେବେ ୩ଟି ଖଜୁରି, ୨ରୁ ୪ଟି ଗୋଟା ଗୋଲମରିଚ ଏବଂ ଗୋଟେ ଗୁଜୁରାତି ଖଣ୍ଡକୁ ପାଣିରେ ଫୁଟାଇ ଏହି ଫୁଟା ପାଣିକୁ ରାତିରେ ଶୋଇବା ପୂର୍ବରୁ ପିଇ ଶୋଇଲେ ଥଣ୍ଡା ସମସ୍ୟା ଦୂର ହୋଇଥାଏ ।
- ଶୀତ ଋତୁରେ ଶ୍ୱାସ ରୋଗୀଙ୍କ ଠାରେ ଥଣ୍ଡା ସମସ୍ୟା ବେଶୀ ଦେଖାଯାଏ । ଯଦି ଆପଣ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ୨ଟି ଲେଖାଏଁ ଚାରୋଟି ଖଜୁରି ଖାଇଲେ ଶ୍ୱାସ ସମସ୍ୟାରୁ ମୁକ୍ତି ମିଳିଥାଏ ।
- ବହୁ ସମୟ ଧରି ଉପାସ ରହିବା ପରେ ଅନ୍ୟ କିଛି ଖାଇବା ପୂର୍ବରୁ ଖଜୁରି ୪ରୁ ୫ଟି ଖାଆନ୍ତୁ । କାରଣ ଏହା ଆପଣଙ୍କୁ ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ । ଯେଉଁମାନେ ଶରୀର ଓଜନ ହ୍ରାସ କରିବାକୁ ଚାହାନ୍ତି ସେମାନେ ସକାଳ ଜଳଖିଆରେ ୫ରୁ ୬ଟି ଖଜୁରି ଖାଇଲେ ଭୋକ ଲାଗିବ ନାହିଁ ଓ ତା' ସହ ଶରୀରକୁ ଦରକାର ମୁତାବକ ଶକ୍ତି ମିଳିଥାଏ ।
- କୋଷ୍ଠକାଠିନ୍ୟ ସମସ୍ୟା ଥିଲେ କିଛି ଖଜୁରିକୁ ରାତିସାରା ପାଣିରେ ଭିଜାଇ ରଖନ୍ତୁ ସକାଳେ ଏହାକୁ ଗ୍ରାଇଣ୍ଡିଙ୍ଗ କରି ଖାଲି ପେଟରେ ପିଅନ୍ତୁ ।
- ହୃତ୍‌ପିଣ୍ଡ ଜନିତ ସମସ୍ୟା ଥିଲେ ପ୍ରତିଦିନ ଖଜୁରି ଖାଆନ୍ତୁ । ଏଥିରେ ଥିବା ଫାଇବର ହୃତ୍‌ପିଣ୍ଡକୁ ସୁସ୍ଥ ରଖେ ଓ ହୃତ୍‌ସ୍ପନ୍ଦନରେ ନିୟନ୍ତ୍ରଣ ରୁହେ ।

# ଉଗ୍ ଜୋତା

ଜୋର୍ ଥଣ୍ଡା ପଡ଼ିଲେ ପାଦକୁ ଖାଲି ଚପଲ ତ ସୁରକ୍ଷା ଦେଇପାରେନି, ବେଳେବେଳେ ଜୋତା ବି କାମ ଦିଏନି । ଯଦି ନିଜ ଅଞ୍ଚଳରେ ଜୋର୍ ଥଣ୍ଡା ହେଉଥାଏ କିମ୍ବା କୌଣସି ଅଧିକ ଥଣ୍ଡା ଅଞ୍ଚଳକୁ ଯାଉଥାନ୍ତି ତେବେ ଉଗ୍ ଜୋତା ଭଲ କାମ ଦେବ । ଏହି ବ୍ରାଣ୍ଡର ଜୋତା ପାଦକୁ ଉଷୁମ ଦେବା ସହିତ ଫେସନ୍‌ରେ ମଧ୍ୟ ଆଗୁଆ ରଖେ । ଅନ୍‌ଲାଇନ୍‌ରେ ଏହାର ଭଲ ବଜାର ରହିଛି । ନବେ ଦଶକ ପର୍ଯ୍ୟନ୍ତ ଉଗ୍ ଜୋତା ଫେସନ୍ ତାଲିକାରେ ରହିଥିଲା । ସେତେବେଳେ ଡେନିମ୍ ପୋଷାକ ଏବଂ ସନ୍‌ଗ୍ଲାସ ସହ ଏହାକୁ ପିନ୍ଧାଯାଉଥିଲା । ପରେ ଯେପରି ଉଭେଇଗଲା ଏହି ଜୋତା । ଏବେ ପୁଣି ବଜାରକୁ ଫେରିଛି । ପ୍ରାୟ ୨୦୦୭ ମସିହାରେ ହଲିଉଡ୍ ଅଭିନେତ୍ରୀ ପାମେଲା ଆଣ୍ଡର୍ସନ ଏହାକୁ ପିନ୍ଧିବା ପରେ ଚର୍ଚ୍ଚାକୁ ଫେରିଥିଲା ଉଗ୍ ଜୋତା । ୨୦୧୮ରେ ଏହି ଜୋତାର ବଜାର ଜୋର୍ ଧରିଲା । ଉଭୟ ଯୁବକ-ଯୁବତୀ ଏହାକୁ ପିନ୍ଧିପାରୁଥିବା ବେଳେ ଶୀତରେ ପ୍ରମୁଖ ଫେସନ୍ ପାଲଟିଛି ଉଗ୍ ଜୋତା । ଏହାକୁ ଓଭରକୋଟ୍, ଜିପର, ଉଲ୍



ସ୍ୱେଟର ଆଦି ଶୀତକାଳୀନ ପୋଷାକରେ ପିନ୍ଧିହେବ । ଆକର୍ଷଣୀୟ ଦେଖାଯିବା ସହିତ ଏହା ଆରାମଦାୟକ ହୋଇଥାଏ । ଉଗ୍ ପ୍ରତିଷ୍ଠା ହେବାର ୪୦ବର୍ଷରୁ ଅଧିକ ସମୟ ହୋଇଯାଇଥିଲେ ବି ଏହ ନାମଟି ଏବେ ମଧ୍ୟ ପ୍ରଶଂସକଙ୍କୁ ଆକୃଷ୍ଟ କରେ । ଏହାର ପ୍ରତିଷ୍ଠାତା ବ୍ରିଆନ୍ ସ୍ମିଥ୍ । ଏହି ଅଷ୍ଟ୍ରେଲୀୟ ସର୍ଫିଙ୍ଗ ଖେଳାଳି ୧୯୭୮ରେ ୫୦୦ ଡଲାରରେ ଉଗ୍ର ବୁଟ୍ ନମରେ ଏକ ଷ୍ଟାର୍ଟଅପ୍ ପ୍ରତିଷ୍ଠା କରିଥିଲେ ।ତେବେ ଉଗ୍ ଶବ୍ଦଟି ୧୯୫୦ ମସିହା ବେଳର ବୋଲି ଅନୁମାନ କରନ୍ତି ସ୍ମିଥ୍ । ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡରେ ମେଣ୍ଢା ଚମଡ଼ାରେ ତିଆରି ଜୋତାକୁ ଉଗ୍ ବୋଲି କୁହାଯାଉଥିଲା । ସ୍ମିଥ୍ ଏଭଳି ଜୋତା କମ୍ପାନୀ ଆରମ୍ଭ କରିବା ପରେ ଏହାର ନାମକୁ ଯଥାର୍ଥ କରିବା ଲାଗି ଉଗ୍ ବୋଲି ନାମିତ କରିଥିଲେ । ଅଷ୍ଟ୍ରେଲିଆର ସର୍ଫରମାନଙ୍କ ମଧ୍ୟରେ ମେଣ୍ଢାର ଚମଡ଼ାରେ ତିଆରି ଜୋତା ବେଶ୍ ଲୋକପ୍ରିୟ ଥିବା ବେଳେ ଆମେରିକାରେ ଏହା ନଥିଲା । ତେଣୁ କାଲିଫର୍ଣ୍ଣିଆରେ ସେ ଏହି କମ୍ପାନୀ ଆରମ୍ଭ କଲେ । ପରେ ପଶୁ ଅଧିକାର ସଂଗଠନ ପଶୁ ଚମଡ଼ାରେ ତିଆରିକୁ ବିରୋଧ କରିବାରୁ ଜୋତା ପାଇଁ ଅନ୍ୟ ସାମଗ୍ରୀ ବ୍ୟବହାର କରାଯାଇଥିଲା ।

# ଜ୍ୱର ସଂକ୍ରାନ୍ତ ସତର୍କତା

ମଣିଷ ଶରୀରର ତାପମାତ୍ରା ଭିନ୍ନଭିନ୍ନ । ଛୋଟ ପିଲାଙ୍କ ଶରୀର ତାପମାତ୍ରା କମଥାଏ । ଯଦି କୌଣସି ଇନଫେକ୍ସନ୍ ହୁଏ ତେବେ ଛୋଟପିଲାଙ୍କ ଶରୀରର ତାପମାତ୍ରା ବୃଦ୍ଧି ପାଏ ।

- ଜ୍ୱର ଶରୀର ପ୍ରତିରୋଧକ ପ୍ରଣାଳୀର ଅଂଶବିଶେଷ । କୌଣସି କୀଟାଣୁ ବା ଭୂତାଣୁ ଶରୀରକୁ ଆକ୍ରମଣ କଲେ ପ୍ରତିରୋଧକ ବ୍ୟବସ୍ଥା ସ୍ୱରୂପ ଜ୍ୱରହୁଏ ।
- ଜ୍ୱର ଅନେକ କାରଣରୁ ହୋଇପାରେ । ଯଥା: ବଦହଜମି, କ୍ଲାନ୍ତି, ଅନେକ ସମୟ ଖରାରେ ରହିବା, ଥଣ୍ଡା ସର୍ଦ୍ଦି ଆଦି ।
- ଜ୍ୱରରେ ପୀଡ଼ିତ ରୋଗୀଙ୍କର ଜ୍ୱର ବାରମ୍ବାର ମାପିବା ଦରକାର ନାହିଁ । କିଛି ଘଣ୍ଟା ଅନ୍ତରରେ ଜ୍ୱର ମାପନ୍ତୁ । ଜ୍ୱର ହେଲେ ସବୁବେଳେ ବିଛଣାରେ ପଡ଼ି ରହିବା ଭଲ ନୁହେଁ ।
- ଜ୍ୱର ଶରୀରକୁ କ୍ଲାନ୍ତ କରେ ନାହିଁ ।
- ଯଦି ଶରୀର ତାପମାତ୍ରା ଅଧିକ ହେଉଛି ତେବେ ତାହାର ଦୁଇଟି କାରଣ ରହିଛି । ପ୍ରଥମଟି ହେଉଛି ମସ୍ତିଷ୍କର ହାଇପୋଥେଲସିସ ପ୍ରଭାବିତ ହେଉଛି । ହାଇପୋଥେଲସିସ ଶରୀରର ବିଭିନ୍ନ କାର୍ଯ୍ୟ କରିବା ସହ ତାପମାତ୍ରାକୁ ନିୟନ୍ତ୍ରିତ କରେ । ଦ୍ୱିତୀୟ କାରଣ ହେଉଛି ତାପ ଆଘାତ ।
- ଜ୍ୱର ଅଧିକ ବଢ଼ିଲେ ଥଣ୍ଡା ପାଣି ପଟି ମୁଣ୍ଡରେ ଦିଅନ୍ତୁ । କୋସିନ ବା ପାରାସିଟିମଲ ଖାଇବାକୁ ଦେଇ ୩୦ ମିନିଟ୍ ଯାଏ ଅପେକ୍ଷା କରନ୍ତୁ ।

# ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇଛନ୍ତି : ବିଜେପି

ଭୁବନେଶ୍ୱର,୨୮/୧୨ (ନି.ପ୍ର): ୨୫ ତମ ପ୍ରତିଷ୍ଠା ଦିବସ ପାଳିଥିବା ବିଜେଡି ଆତ୍ମସମୀକ୍ଷା କରିବା ପରିବର୍ତ୍ତେ ନିଜ ପିଠି ନିଜେ ଥାପୁଡେଇ ସାବାସୀ ନେବାର ଯେଉଁ କସରତ୍ କରିଛି। ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଦାୟୀତ୍ୱହୀନତାର ପରିଚୟ ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦାୟୀତ୍ୱ ନେବା ସମୟରେ ୧୯୯୯ ମସିହାରେ ଓଡିଶାରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ସଂଖ୍ୟା ଥିଲା ୪୭.୦୨ ପ୍ରତିଶତ। ଅନ୍ୟ ପଟେ ମୁଖ୍ୟମନ୍ତ୍ରୀ ନିଜ ବାର୍ତାରେ କହିଲେ ଓଡିଶା ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟା ୬୩ ପ୍ରତିଶତ ଥିଲା ଏବଂ ଏହା ବର୍ତମାନ ୨୯ ପ୍ରତିଶତକୁ ଖସେଇ ଆଣିବାରେ ସକ୍ଷମ ହୋଇଛନ୍ତି। କିନ୍ତୁ ନିକଟରେ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଓଡିଶାର ସ୍ଥାନ ଗରୀବ ରାଜ୍ୟ ତାଲିକାରେ ନବମ ସ୍ଥାନରେ ଅଛି। କେବଳ ସେତିକି ନୁହେଁ ରାଜ୍ୟ ସରକାର ବାରମ୍ବାର ଦାବୀ କରି ଆସୁଛନ୍ତି ଯେ ଓଡିଶାର ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଅଧିକ ପୁଞ୍ଜି ନିବେଶ ଆକର୍ଷିତ କରି ପାରିଛି। କିନ୍ତୁ ନିକଟରେ ରିଜର୍ଭ ବ୍ୟାଙ୍କର ତଥ୍ୟ ଅନୁଯାୟୀ ଓଡିଶାରେ ୨୦୧୮-୧୯ ବର୍ଷ ୩,୪୯,୩୯୨କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଥିବା ବେଳେ ସେହି ବର୍ଷ ଗୁଜୁରାଟରେ ୯,୨୩,୮୫୩ କୋଟି, ମହାରାଷ୍ଟ୍ରରେ ୬,୨୪,୩୭୬ କୋଟି ଓ ତାମିଲନାଡୁରେ ୪,୨୨,୩୩୦ କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି। ନୀତି ଆୟୋଗର 'ଇଜ୍ ଅଫ୍ ଡୁଇଂ' ବିଜନେସରେ ରାଜ୍ୟର ପାହ୍ୟା ୭ରୁ ଖସି ୨୯ରେ ପହଁଚିଲାଣି। ଶିଳ୍ପାୟନ ପ୍ରତିଷ୍ଠାନର ତୁମ୍ଭିତୋଫାନ୍ କରୁଥିବା ବେଳେ ରାଜ୍ୟର କାରଖାନା ସଂଖ୍ୟା ମାତ୍ର ୩,୦୬୩। ଆନ୍ଧ୍ର (୧୬,୭୩୯), ଗୁଜୁରାଟ (୨୬,୮୪୨), ହରିଆନା (୧୧,୮୩୫), ପଞ୍ଜାବ (୧୨,୮୨୫), ରାଜସ୍ଥାନ (୯, ୪୨୪), ତାମିଲନାଡୁ (୩୮,୧୩୧), ତେଲେଙ୍ଗାନା (୧୫,୧୬୬), ଉତରପ୍ରଦେଶ (୧୫,୮୫୪), ପଶ୍ଚିମବଙ୍ଗ (୯,୪୨୦) ଭଳି ଶିଳ୍ପୋନ୍ନତ ରାଜ୍ୟ ତ ଦୂରର କଥା ଆସାମ (୫,୦୨୦), ବିହାର (୩,୪୨୨), ଛତିଶଗଡ (୩,୫୭୬) ଭଳି ପଛୁଆ ରାଜ୍ୟମାନେ ମଧ କାରଖାନା ସଂଖ୍ୟା ଦୃଷ୍ଟିରୁ ଆମ ଆଗରେ ଅଛନ୍ତି। ତଥ୍ୟାନୁଯାୟୀ; ଭାରତର ପ୍ରତ୍ୟେକ ୧୦୦୦ ସହରୀ ଜନସଂଖ୍ୟାରେ ୭୭ଜଣଙ୍କ ପାଖରେ ନିଯୁକ୍ତି ନଥିବାବେଳେ ଓଡିଶାରେ ଏହା ୧୨୭। ମିଶନ ଶକ୍ତି ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଫଳତାକୁ ଏକ ବଡ ଉପଲବ୍ଧି ଭାବେ ଡିଣ୍ଡିମ ପିଟୁଛନ୍ତି ରାଜ୍ୟ ସରକାର। କିନ୍ତୁ ଭାରତୀୟ ସହରାଂଚଳର ପ୍ରତ୍ୟେକ ୧୦୦୦ ମହିଳାଙ୍କ ଭିତରେ ୯୯ଜଣ ବେରୋଜଗାର ଥିବାବେଳେ ଓଡିଶାରେ ଏହା ୨୧୯। ଭାରତର ମୁଣ୍ଡପିଛା ନିଟ୍ ଘରୋଇ ଉତ୍ପାଦନ ୧,୨୧,୨୬୭ ଟଙ୍କା ଥିବାବେଳେ ଓଡିଶାର ମୁଣ୍ଡପିଛା ନିଟ୍ ରାଜ୍ୟ ଘରୋଇ ଉତ୍ପାଦନ ୧,୦୯,୭୩୦ ଟଙ୍କା। ଦେଶର ଶିଶୁ ମୃତ୍ୟୁ ହାର ୩୨ ଥିଲାବେଳେ ଓଡିଶାରେ ୪୦; ଯାହାକି ଦେଶର ୫ମ ସର୍ବାଧିକ। ଓଡିଶାର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକ ତୁଳନାରେ ୪୬୧ ଡାକ୍ତର ପଦବୀ ଖାଲି ପଡିଛି। ସେହିପରି ଆବଶ୍ୟକ ତୁଳନାରେ ୧୧୯୫ଜଣ ବିଶେଷଜ୍ଞ ଡାକ୍ତର ନାହାଁନ୍ତି। ବିଦ୍ୟୁତ୍, ଜଳସେଚନ, ଅଣଶସ୍ୟ କୃଷି ଉତ୍ପାଦନ, ବଜେଟ ପରିଚାଳନା, ପୁଞ୍ଜି ନିର୍ମାଣ ହାର ଭଳି ଆହୁରି ଅନେକ ଦର୍ପଣରେ ନବୀନ ବାବୁଙ୍କ ସରକାର ନିଜ କୁଶାସନର ଚେହେରା ଦେଖି ନିଜ କୁକିର୍ତ୍ତିର ତର୍ଜମା କରିପାରିଥାନ୍ତେ। ତେବେ ତାହା ନକରି ପୁଣି ମିଛ କହି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଏହି ଅବସରରେ ରାଜ୍ୟ ଗଣମାଧମ ବିଭାଗ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ସହମୁଖ୍ୟ ସୁଜିତ୍ କୁମାର ଦାସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଦ୍ୱିତୀୟ ଦିବସରେ ଓଡ଼ିଶୀ ଛନ୍ଦ ଓ ରସର ଭାବମୟ ପରିବେଷଣ

ଭୁବନେଶ୍ୱର,୨୮/୧୨ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଆନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବର ଦ୍ୱିତୀୟ ଦିବସ ରେ ପ୍ରଥମେ ସସ୍ମିତା ମହାନ୍ତି ଓ ସାଥୀଙ୍କ ଦ୍ୱାରା ଦଳଗତ ନୃତ୍ୟ ଅଭିନୟ ଭଗବତୀ ଅଷ୍ଟକମ୍ - ଜୟ ଭଗବତୀ ଦେବୀ ନମୋ ବରଦେ ପରେ ପରେ ବର୍ଷା ପ୍ରିୟଦର୍ଶନୀଙ୍କ ଦ୍ୱାରା ଏକକ ନୃତ୍ୟ ପର୍ଯ୍ୟାୟରେ ଅଭିନୟ ଧ୍ୟାୟେତ୍ ସୁବର୍ଣ୍ଣ ବର୍ଣ୍ଣାଭ୍ୟା ତ୍ରିନେତ୍ରୀ ଚାରୁ ଭାସିନୀ ପରିବେଶେଣ ହୋଇଥିଲା। ତା ପରେ ଅନୁଜା ପଦବେଙ୍କ ଦ୍ୱାରା ପଲ୍ଲବୀ, ପ୍ରୀୟବ୍ରତ ପଲ୍ଲାଇଙ୍କ ଦ୍ୱାରା ରାଗ ବସନ୍ତ ଓ ତାଳ ଏକତାଳୀରେ ପଲ୍ଲବୀ ପରିବେସିତ ହୋଇଥିଲା। ପରବର୍ତୀ ପ୍ରସ୍ତୁତିରେ ଥିଲା ମୃତ୍ୟୁଞ୍ଜୟ ବାସଙ୍କ ଦ୍ୱାରା ଅଭିନୟ ଶିବସ୍ତୁତି ପରେ ପରେ ଅଙ୍କିତା ବେହେରାଙ୍କ ଦ୍ୱାରା ଅଭିନୟ କିଏ ଲୋ ସଜନୀ କେଳି କଦମ୍ବ ମୂଳେ ପରିବେସିତ ହୋଇଥିଲା। ସିନ୍ଧୁ ବ୍ରାଉନଙ୍କ ଦ୍ୱାରା ପଲ୍ଲବୀ ରାଗ ସାବେରୀ ଓ ତାଳ ଏକତାଳୀରେ ନିବଦ୍ଧ ଥିଲା ପରେ ପରେ ପ୍ରଶାନ୍ତ କୁମାର ଭାଇନାଙ୍କ ଦ୍ୱାରା ଅଭିନୟ ଗଣେଶ ବନ୍ଦନା, ବର୍ଷା ପ୍ରିୟଦର୍ଶନୀ ଷଡ଼ଙ୍ଗୀଙ୍କ ଦ୍ୱାରା ଏକକ ନୃତ୍ୟ ପର୍ଯ୍ୟାୟରେ ଅଭିନୟ ଶିବ ତାଣ୍ଡବ, ସୁଦେଷ୍ଣା ଦତଙ୍କ ଦ୍ୱାରା ଅଷ୍ଟପଦୀ ଏବଂ ଦଳଗତ ନୃତ୍ୟ ପର୍ଯ୍ୟାୟରେ ଅଳକା ସାହୁ ଓ ସାଥୀଙ୍କ ଦ୍ୱାରା ଅଭିନୟ ମଙ୍ଗଳା ଚରଣ ଶିବସ୍ତୁତି ଓ ନମୋସ୍ତେଷୁ ବିଶ୍ୱେଶ୍ୱରାୟ ପରିବେଶଣ ହୋଇଥିଲା। ଅପରାହ୍ନରେ ପ୍ରଥମେ ନୃତ୍ୟାଳୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଅଭିନୟ ନିଳାଦ୍ରୀ ନାଥ ପରେ ପରେ ଏକକ ନୃତ୍ୟ ପର୍ଯ୍ୟାୟରେ ଶୁଭାଙ୍ଗିନୀ ମଲ୍ଲିକଙ୍କ ଦ୍ୱାରା ଦେଖ ଗୋ ରାଧା ମାଧବ ଚାଲି, ଅନୁଷା ଜୈନଙ୍କ ଦ୍ୱାରା ପଲ୍ଲବୀ, ଗୀତିକା ପାତ୍ରଙ୍କ ଦ୍ୱାରା ଅଭିନୟ ବଜ୍ରକାନ୍ତି ପଲ୍ଲବୀ, ବର୍ଷା ଦାସଙ୍ଗ ଦ୍ୱାରା ଅଭିନୟ ଶ୍ରୀଅଙ୍ଗ ଚରଣ, ଆଲିଶା ଶିରୋଙ୍କ ଦ୍ୱାରା ଅଭିନୟ (ଚମ୍ପୁ) ଲୀଳା ନିଧି ହେ ଲାଜେ ମୁ ଗଲିଟି ମରି, ସୁଚିସ୍ମିତା ସାହୁଙ୍କ ଦ୍ୱାରା ଅଭିନୟ ଦେଖିବ ପରା ଆସରେ ପ୍ରାଣ ସଙ୍ଗିନୀ ଶ୍ରୀ ବଂଶୀଧର ବେଶକୁ ଓ ସମ୍ୟ ସୁଚରିତା ପାଲଙ୍କ ଦ୍ୱାରା ଅଭିନୟ ନାଚନ୍ତି ରଙ୍ଗେ ଶ୍ରୀହରି ପରିବେସିତ ହୋଇଥିଲା। ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଶୁଭାଙ୍ଗିନୀ ସ୍ୱାଇଁ ଓ ଅସ୍ମିତା ଦାସଙ୍କ ଦ୍ୱାରା ଅଭିନୟ ନାଚନ୍ତି ରଙ୍ଗେ ଶ୍ରୀହରୀ କୁଞ୍ଜେ ବିହରି ଏବଂ ସୁସ୍ମିତା ରାୟ ଓ ମୌମିତା ରାୟଙ୍କ ଦ୍ୱାରା ବଲ୍ଲବୀ ପରିବେସିତ ହୋଇଥିଲା। ଶେଷରେ ଦଳଗତ ନୃତ୍ୟ ପର୍ଯ୍ୟାୟରେ ଓଡ଼ିଶୀ ଡ୍ୟାନ୍ସ କ୍ରୀୟସନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନୃତ୍ୟ ମଞ୍ଜରୀ ପରିବେସିତ ହୋଇଥିଲା। ସଂଧ୍ୟା ଅଧିବେସନର ପ୍ରଥମ ପ୍ରସ୍ତୁତି ଥିଲା ଜାହ୍ନବୀ ବେହେରାଙ୍କ ଦ୍ୱାରା ଏକକ ନୃତ୍ୟ ପର୍ଯ୍ୟାୟରେ ଅଭିନୟ ଗଣେଶ ବନ୍ଦନା-ଗଉରୀ ନନ୍ଦନ ବିଘ୍ନ ବିନାଶନ ପରେ ପରେ ସୁମନଜିତ୍ ଚକ୍ରବର୍ତୀଙ୍କ ଦ୍ୱାରା ଅଭିନୟ ଶିବସ୍ତୁତି-ମଧୁବନ ଏବଂ ଶ୍ରୀରାଧା ପଲଙ୍କ ଦ୍ୱାରା ଅଭିନୟ ମୋହନ ମୁରତୀ ଛଇଲୋ ଯାହା ରାଗ ଭୈରବୀ ଓ ତାଳ ରୂପକ ଉପରେ ନିବଦ୍ଧ ଥିଲା। ପରବର୍ତୀ ପ୍ରସ୍ତୁତିଟି ଥିଲା ଐଶାନୀ ଭଟ୍ଟାଚାର୍ଯ୍ୟ ଓ ପ୍ରଚେତା ରାୟଙ୍କ ଦ୍ୱାରା ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ଗଣେଶ ବନ୍ଦନା-ଗଉରୀ ନନ୍ଦନ ବିଘ୍ନ ବିନାଶନ ପରେ ପରେ ରାଜେଶ ପଲ୍ଲାଇଙ୍କ ଦ୍ୱାରା ଅଭିନୟ ଆହେ ନୀଳ ଶଇଳ ପରିବେସିତ ହୋଇଥିଲା। ତାଙ୍କ ପରେ ଏକକ ପର୍ଯ୍ୟାୟରେ ପଦ୍ମଜା ପ୍ରୀୟମ୍ବଦା, ବ୍ରୀନ୍ଦା ଚଢା, ବିଜୟ କୁମାର ଦାଶ ନୃତ୍ୟ ପରିବେଶଣ କରିଥିଲେ। ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ସନ୍ତୋଷ ରାମ ଓ ସମୀର କୁମାର ପାଣିଗ୍ରାହୀ ଓ ଶେଷରେ ଉତ୍କଳ ନୃତ୍ୟ ଓ ଗବେଷଣା ଏକାଡ଼େମୀର କଳାକାରମାନଙ୍କ ଦ୍ୱାରା ଦଳଗତ ନୃତ୍ୟ ପରିବେଶଣ ହୋଇଥିଲା।

# ସେବାଦଳ ସଦ୍‌ଭାବନା ସମାବେଶରେ କଂଗ୍ରେସ ନେତୃବୃନ୍ଦ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୮/୧୨ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଗତକାଲି ଅନୁଷ୍ଠିତ ସଦ୍‌ଭାବନା ସମାବେଶରେ ଉପସ୍ଥିତ ହୋଇଥିବା ଓ ସହଯୋଗ କରିଥିବା ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ ସେବାଦଳ କର୍ମୀ ଏବଂ ଗଣମାଧମର ପ୍ରତିନିଧିମାନଙ୍କୁ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। କାର୍ଯ୍ୟକ୍ରମରେ ସଦୟ ଉପସ୍ଥିତ ରହି ସେବାଦଳ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିବା ଡ. ଏ. ଚେଲାକୁମାର, ଜି. ରୁଦ୍ରରାଜୁ, ନିରଞ୍ଜନ ପଟ୍ଟନାୟକ, ଶରତ ରାଉତ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ ରାଉତରାୟ, ଶିବାନନ୍ଦ ରାୟ, ଅନନ୍ତ ପ୍ରସାଦ ସେଠୀ, ଗଣେଶ୍ୱର ବେହେରା, ସସ୍ମିତା ବେହେରା, ୟାସୀର ନୱାଜ ପ୍ରମୁଖଙ୍କୁ ଡଃ ଜ୍ଞାନେନ୍ଦ୍ର ଉ ରୀୟ ଓ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଡ. ଚେଲାକୁମାରଜୀ କଂଗ୍ରେସ ସେବାଦଳର କର୍ମକର୍ତା ମଞ୍ଜୁ ମହାନ୍ତି, ଅଶୋକ ସିଂହ, ମନୋଜ କୁମାର ସାହୁ, କୁଳମଣି ସାହୁ, ବୀର ମାହନ୍ତ, ଦିଲ୍ଲୀପ ପଣ୍ଡା, ମହମ୍ମଦ ଶାହାଦୁଲ୍ଲା, ସୁଶାନ୍ତ ମହରଣା, ରମେଶ ବରାଳ, ବରୁଣ ରାଜ ଓ ସୁଶାନ୍ତ କୁମାର ପଣ୍ଡାଙ୍କୁ ସ୍ମୃତିଫଳକ ଓ ଉତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ।

# ୫୮ତମ ପଶ୍ଚିମାଂଚଳ ବିକାଶ ପରିଷଦ ବୈଠକ

## ପରିଷଦ କାମ କରୁଥିବା ୧୧ ଜିଲ୍ଲାରେ କାର୍ଯ୍ୟକ୍ଷମ ହେଲା କ୍ଷେତ୍ର କାର୍ଯ୍ୟାଳୟ

ଭୁବନେଶ୍ୱର,୨୮/୧୨ (ନି.ପ୍ର): ପଶ୍ଚିମାଂଚଳ ବିକାଶ ପରିଷଦର ୫୮ତମ ପରିଷଦ ବୈଠକ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୫୭ତମ ବୈଠକର ବିବରଣୀକୁ ଅନୁମୋଦନ କରାଯାଇଥିଲା। ପରିଷଦ କାର୍ଯ୍ୟ କରୁଥିବା ସମସ୍ତ ୧୧ ଗୋଟି ଜିଲ୍ଲାରେ ତା'ର କ୍ଷେତ୍ର କାର୍ଯ୍ୟାଳୟ କାର୍ଯ୍ୟାରମ୍ଭ କରିଛି। ଏଗୁଡ଼ିକୁ ଅଧିକ ମାନବସମ୍ବଳ ଯୋଗାଇ କିପରି ତା'ର କାର୍ଯ୍ୟଧାରାକୁ ଅଧିକ ଗତିଶୀଳ କରାଯିବ, ସେ ନେଇ ଆଲୋଚନା କରାଯାଇଥିଲା। ଏଥି ସହିତ ଯେଉଁ ଜିଲ୍ଲାପାଳମାନେ ଆଂଚଳିକ କାର୍ଯ୍ୟାଳୟ ଦାୟିତ୍ୱରେ ରହିଛନ୍ତି ସେମାନେ ଅନ୍ତତଃ ପ୍ରତି ସପ୍ତାହରେ ଥରେ କାର୍ଯ୍ୟାଳୟକୁ ଯିବାକୁ ପ୍ରସ୍ତାବ ରଖାଯାଇଥିଲା। ପଶ୍ଚିମାଂଚଳର ଜିଲ୍ଲାଗୁଡ଼ିକରେ ସଂପୂର୍ଣ୍ଣ ହୋଇନଥିବା ପ୍ରକଳ୍ପର ତାଲିକା ସଂପୃକ୍ତ ସାଂସଦ ଓ ବିଧାୟକମାନଙ୍କୁ ଦେବାକୁ ବୈଠକରେ କୁହାଯାଇଥିଲା। କେତେକ ପ୍ରମୁଖ ସହରରେ ପରିଷଦର ପାଣ୍ଠିରୁ ଆଧୁନିକ ପ୍ରେକ୍ଷାଳୟ ନିର୍ମାଣ ସକାଶେ ନିଷ୍ପତି ଗ୍ରହଣ କରାଯାଇଥିଲା। ଆସୁଥିବା ପ୍ରକଳ୍ପ ପ୍ରସ୍ତାବଗୁଡ଼ିକର ଫିଜିବଲ୍ ରିପୋର୍ଟ ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ କୁହାଯାଇଛି। ଝାରସୁଗୁଡ଼ା ବିଧାୟକ ହୀରାକୁଦଠାରେ ଏକ ଚିଲିଂ ପ୍ଲାଂଟ ନିର୍ମାଣ ସକାଶେ ପ୍ରସ୍ତାବ ଦେଇଥିଲେ। ସେହିପରି ଦେବଗଡ଼ ବିଧାୟକ ଦେବଗଡ଼ରେ ଇକୋ-ଟୁରିଜିମ୍ କୁ ପ୍ରାଧାନ୍ୟ ଦେବାକୁ କହିଥିଲେ। ଇନ୍ଦ୍ରାବତୀ ଜଳଭଣ୍ଡାରଠାରେ କେଜ୍ କଲଚର୍ ଯୋଗେ ମାଛଚାଷ କରିବାକୁ ଲାଞ୍ଜିଗଡ଼ ବିଧାୟକ ପ୍ରସ୍ତାବ ରଖିଥିଲେ। ଖରିଆର ବିଧାୟକ ମହେନ୍ଦ୍ରତନୟାଠାରେ ପର୍ଯ୍ୟଟନର ବିକାଶ କରିବାକୁ ଅନୁରୋଧ ରଖିଥିଲେ। ବରଗଡ଼ ସାଂସଦ ବରଗଡ଼ଠାରେ କ୍ରୀଡ଼ା ଭିତିଭୂମିର ବିକାଶ ନିମନ୍ତେ ଖେଲୋଇଣ୍ଡିଆର ପାଣ୍ଠିକୁ ବିନିଯୋଗ ପାଇଁ ପ୍ରସ୍ତାବ ରଖିଥିଲେ।

ପୂର୍ବାପେକ୍ଷା ଏଣିକି ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ ଭିତିଭୂମି ସୃଷ୍ଟି ଭଳି କେତେକ ଜଟିଳ ମାନଦଣ୍ଡର ପ୍ରକୃତ ମୂଲ୍ୟାଙ୍କନ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଥିବା ବୈଠକରେ ପ୍ରକାଶ କରାଯାଇଥିଲା। ଏହାକୁ ନେଇ ଏକ ଭିଜନ ଡକ୍ୟୁମେଂଟ ୨୦୨୫ ପ୍ରସ୍ତୁତ କରାଯାଉଛି, ଯାହାକୁ ଆସନ୍ତା ୨/୩ ମାସ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନାବରଣ କରାଯିବ। ପରେ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀଙ୍କ ଦ୍ୱାରା ପରିଷଦର ଅର୍ଥ ମଞ୍ଜୁରୀ, ବ୍ୟୟ ଓ ଭିଜନ ଡକ୍ୟୁମେଣ୍ଟର କେତେକ ପ୍ରମୁଖ ତଥ୍ୟାବଳୀ ଉପସ୍ଥାପନ କରାଯାଇଥିଲା। ସେ ପରିଷଦର ବଜେଟ୍ ୨୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ଦର୍ଶାଇ କୋଭିଡ୍-୧୯ ମହାମାରୀର ମୁକାବିଲା ସକାଶେ ଅତ୍ୟାବଶ୍ୟକୀୟ ଭିତିଭୂମି ସୃଷ୍ଟି ପାଇଁ ଅତିରିକ୍ତ ଭାବେ ୨୫ କୋଟି ଟଙ୍କା ସରକାର ପ୍ରଦାନ କରିଥିବା ଦର୍ଶାଇଥିଲେ। ବରଗଡ଼ ସାଂସଦ ଭିଜନ ଡକ୍ୟୁମେଂଟ-୨୦୨୫ ଏକ ଅଭିନବ ଏବଂ ଆବଶ୍ୟକୀୟ ଦସ୍ତାବିଜ୍ ବୋଲି କହିବା ସହ ଏହା ନିର୍ଦ୍ଧାରିତ ଲକ୍ଷ୍ୟରେ ପହଂଚିବା ପାଇଁ ସହଯୋଗ ପ୍ରଦାନ କରିବ ବୋଲି କହିଥିଲେ।

# ଆଶୀର୍ବାଦରେ ସାମିଲ ହେବେ ବାଦ ପଡ଼ିଥିବା ପିଲା

ଭୁବନେଶ୍ୱର ,୨୮/୧୨ (ନି.ପ୍ର): ଆଶୀର୍ବାଦ ଯୋଜନାରେ ସାମିଲ ହେବେ ବାଦ୍ ପଡ଼ିଥିବା ପିଲା। ଏନେଇ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ଲାଗି ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ। ଶିଶୁ ସୁରକ୍ଷା ବିଭାଗ, ଅଙ୍ଗନବାଡ଼ି କର୍ମୀ, ଏସଏଚଜି ଏବଂ ସାମାଜିକ ସଙ୍ଗଠନ ଜରିଆରେ ଏହି କାର୍ଯ୍ୟ କରିବାକୁ କୁହାଯାଇଛି। ଜାନୁଆରି ୧୫ ତାରିଖ ସୁଦ୍ଧା ଏ ସଂକ୍ରାନ୍ତରେ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ ପାଇଁ କୁହାଯାଇଛି।

ସୂଚନା ଅନୁଯାୟୀ, ୨୦୨୦ ଏପ୍ରିଲ ୧ ତାରିଖରୁ ୨୦୨୧ ସେପଟ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ କୋଭିଡ୍ କିମ୍ବା ଅଣକୋଭିଡ୍ ଯୋଗୁଁ ଉଭୟ କିମ୍ବା ଉପାର୍ଜନକ୍ଷମ ଜଣେ ଅଭିଭାବକ ଛେଉଣ୍ଡ ପିଲାଙ୍କ ଥଇଥାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଶୀର୍ବାଦ ଯୋଜନା ପ୍ରଣୟନ କରାଯାଇଥିଲା। ଏଥିନିମନ୍ତେ ୩୪ ହଜାରରୁ ଅଧିକ ଆବେଦନ କରିଛନ୍ତି। ଏବେ ଏହି ଯୋଜନା ବନ୍ଦ ହୋଇଯାଇଥିବା ବେଳେ ବାଦ ପଡ଼ିଥିବା ପିଲାଙ୍କୁ ସାମିଲ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଲାଗି ନିଷ୍ପତ୍ତି ନିଆଯାଇଛି।

# ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାରସ୍ୱତ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮/୧୨ (ନି.ପ୍ର): କଳା, ସାହିତ୍ୟ ତଥା ଅନ୍ୟାନ୍ୟ ସୃଜନର ଯଥାର୍ଥ ଗ୍ରାହକମାନେ ସେସବୁର ପ୍ରସାରରେ ସାହାଯ୍ୟ କରିଥାନ୍ତି। ସାହିତ୍ୟର ଗ୍ରାହକ ବୃଦ୍ଧିରେ ପୁସ୍ତକମେଳା, ବିପଣନ ଓ ସରକାରୀ-ବେସରକାରୀ ପ୍ରୋତ୍ସାହନ ମଧ ଆବଶ୍ୟକ ହୋଇଥାଏ ବୋଲି ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାରସ୍ୱତ କାର୍ଯ୍ୟକ୍ରମରେ ବକ୍ତାମାନେ ମତପ୍ରଦାନ କରିଥାନ୍ତି। ଜୟଦେବ ଭବନ ପ୍ରଦର୍ଶନୀ ଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ତମ୍ଭକାର ତଥା ଗବେଷକ ଭାଗୀରଥି ମହାସୁଆର ଯୋଗଦେଇ 'ସାହିତ୍ୟର ଗ୍ରାହକ' ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ସାହିତ୍ୟର ଗ୍ରାହକମାନଙ୍କୁ ନିରୁତା, ପସନ୍ଦସଂପନ୍ନ ଓ ପ୍ରଲୋଭିତ ଗ୍ରାହକ ଭାବେ ଶ୍ରେଣୀଭୁକ୍ତ କରି ଆଲୋଚକମାନେ କହିଥିଲେ ଯେ ବ୍ୟାପକ ଗ୍ରାହକତ୍ୱ ବିନା ସାହିତ୍ୟର ପ୍ରସାର ଓ ପ୍ରତିଷ୍ଠା ଅସମ୍ଭବ। ବିଭିନ୍ନ ପ୍ରଦର୍ଶନ କଳା, ପାଲା, ତାମ୍‌ସା ଏପରି କି ଚଳଚ୍ଚିତ୍ରର ମଧ ଉପଯୁକ୍ତ ଗ୍ରାହକ ଥିବାରୁ ସେସବୁର ପ୍ରସାର ହୋଇପାରୁଛି। ସାହିତ୍ୟର ଗ୍ରାହକ ବୃଦ୍ଧି ହେଲେ ଭାଷା ଓ ସଂସ୍କୃତିର ବିଶେଷ ବିକାଶ ହୋଇପାରିବ ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପିକା ଇପ୍‌ସିତା ଷଡଙ୍ଗୀ 'ଏ ମାସର କବି' ଭାବରେ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ। ଉପସଭାପତି ମିନତି ଦାଶ ଓ ନିରୁପମା କରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପର୍ବରେ ରକ୍ଷକ ନାୟକ, ଯୋଗାନନ୍ଦ ସାହୁ, ଅଶୋକ ସିଂହ, ମୌସୁମୀ ଦାସ, ଇତିଶ୍ରୀ ପତି, କୁମୁଦିନୀ ଜୀ, ଅକ୍ଷୟ ନାରାୟଣ ନାୟକ ଓ ଶୁଭ୍ରଜିତ୍ ଲେଙ୍କା ପ୍ରମୁଖ ନିଜ ନିଜର ଲେଖା ପାଠ କରିଥିଲେ।

# ପ୍ରଥମେ ଓବିସିଙ୍କୁ ସଂରକ୍ଷଣ, ପରେ ନିର୍ବାଚନ : କଂଗ୍ରେସ

ଭୁବନେଶ୍ୱର,୨୮/୧୨ (ନି.ପ୍ର): ଓବିସି ମାନଙ୍କ ପାଇଁ ପ୍ରଥମେ ସଂରକ୍ଷଣ କରି ତା'ପରେ ନିର୍ବଚାନ କର। ରାଜ୍ୟର ୫୦ ଭାଗରୁ ଅଧିକ ଜନସଂଖ୍ୟ ଥିବା ଏହି ବର୍ଗପ୍ରତି ଅବିଚାରକୁ ମୁଣ୍ଡପାତି ସହିନେବା ସମ୍ଭବ ନୁହେଁ। ସଂରକ୍ଷଣ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଓ ପୌର ନିର୍ବାଚନରେ ଓବିସି ପାଇଁ ଆସନ ସଂରକ୍ଷ କରି ନିର୍ବାଚନ କରାଯାଉ। ବ୍ୟତିକ୍ରମ ହେଲେ କଂଗ୍ରେସ ବିଚରାଳୟକୁ ଯିବ ଓ ଲୋକଙ୍କ ପାଖକୁ ଯିବ। ଏ ସଂପର୍କରେ ରାଜ୍ୟ ସରକାର ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେସନ ଡାକିବାକୁ କଂଗ୍ରେସ ଦାବି କରିଛି। ପଛୁଆବର୍ଗ ସଂରକ୍ଷଣ ସଂକ୍ରାନ୍ତରେ ସାମ୍ବାଦିକ ସମ୍ମିଳନୀରେ ମିଡ଼ିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା କହିଛନ୍ତି ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ଓବିସିର ସ୍ୱାର୍ଥପ୍ରତି ଅଣଦେଖା କରିଚାଲିଛନ୍ତି।

କେନ୍ଦ୍ର ମୋଦି ସରକାର ଜାତି ଭିତିକ ଜନଗଣନା କରିବାକୁ କରିଦେଲେ, ଦ୍ୱିତୀୟରେ, ଉପା- ସରକାର ଅମଳରେ ୨୦୧୧ ରେ ଯେଉଁ ସାମାଜିକ, ଅର୍ଥନିତୀକ ଓ ଜାତି (ଏସ୍‌ଇସିସି) ଗଣନା ହୋଇଥିଲା। ତାହା ରିପୋର୍ଟ ପ୍ରକାଶ କଲେ ନାହିଁ। ଆଳ ଦେଖାଇଲେ ଯେ ଏସ୍‌ଇସିସି ରିପୋର୍ଟ ୨୦୧୧ ତୃଟିପୂର୍ଣ୍ଣ। କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ଷ୍ଟାଣ୍ଡିଂ କମିଟି ଲୋକସଭା ବାଚସ୍ପତିଙ୍କୁ ଜୁଲାଇ ୩୧,୨୦୧୬ରେ ଉଲ୍ଲେଖ୍ୟ କରିଥିଲେ ଯେ ଉପରୋକ୍ତ ଏସ୍‌ଇସିସି ସର୍ଭେରେ ୯୮.୮୭ ତଥ୍ୟ ତ୍ରୁଟିଶୂନ୍ୟ। ଏହା ସାଂଗକୁ ଭାରତ ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲ ମଧ ଅନୁରୂପ ମତ ଦେଇ କହିଲେ ଯେ ଏହି ସର୍ଭେରେ ମାତ୍ର ୧ ଭାଗରୁ କମ ତ୍ରୁଟି ଅଛି। ସେହିପରି ରାଜ୍ୟ ସରକାର ମଧ ପଛୁଆବର୍ଗଙ୍କ ପ୍ରତି ନ୍ୟାୟ ପ୍ରଦାନ କ୍ଷେତ୍ରରେ ଚରମ ଅବହେଳା ପ୍ରଦର୍ଶନ କରିଚାଲିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ୨୦୧୦ ରୁ କେ. କୃଷ୍ଣମୂର୍ତୀ ବନାମ ଭାରତ ସରକାର ରାୟରେ ନିର୍ଦ୍ଦେଶ ଜାରି କରିଥିଲେ ଯେ ତିନିଗୋଟି ସର୍ତପୂରଣ କଲାପରେ ଯାଇ ଓବିସି ମାନଙ୍କ ପାଇଁ ରାଜନୈତିକ ସଂରକ୍ଷଣ କରିପାରିବ। ମାତ୍ର ଦୀର୍ଘ ୧୧ବର୍ଷ ଧରି ସରକାର ଶୋଇ ରହିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଲେ ଯେ ବିଜେଡ଼ି ଦଳୀୟ ଟିକେଟରେ ୪୦ ଭାଗ ପଛୁଆ ବର୍ଗଙ୍କୁ ଦେବାର ଘୋଷଣା ହାସ୍ୟାସ୍ପଦ। ଏହି ଘୋଷଣା ହୁଏତ ଦଳୀୟ କର୍ମୀଙ୍କ ଅସନ୍ତୋଷ ହ୍ରାସ କରିପାରେ କିନ୍ତୁ ରାଜ୍ୟବାସୀଙ୍କ କ୍ରୋଧ ବଢ଼ାଇବ। ବିଜେଡ଼ି ସରକାରରେ ଅଛି ତେଣୁ ରାଜ୍ୟ ଓ ରାଜ୍ୟବାସୀଙ୍କ କଥା ଚିନ୍ତା ନକରି ନିଜର ଦଳ କଥା ଚିନ୍ତା କରିବା ଦୁଃଭାଗ୍ୟଜନକ। ଯଦି ବିଜେଡ଼ି ଓବିସି ସଂରକ୍ଷଣ ଦେବାର ଅଛି ତାହାହେଲେ ମୁଖ୍ୟମନ୍ତ୍ରୀ, ବିଜେଡ଼ି ରାଜ୍ୟ ସଭାପତି ଓ ସଂଗଠନ ସଂପାଦକ ପଦବୀରୁ ଅତିକମରେ ଓବିସି ବର୍ଗରୁ ଜଣଙ୍କୁ ଦେଉ ବୋଲି ଆହ୍ୱାନ ଦେଇଥିଲେ। ପିସିସି ଲିଗାଲସେଲ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ କର ସମ୍ବୋଧନ କରି କହିଲେ ଯେ ଆଇନର ଅନୁପାଳନ ଗଣତନ୍ତ୍ରର ଅପରିହାର୍ଯ୍ୟ। ଯେଉଁଠି ଆଇନ ଉପହାସିତ ସେଠି ନ୍ୟାୟ ବିଳମ୍ବିତ। ଓବିସି ସଂରକ୍ଷଣ ପ୍ରସଙ୍ଗରେ ରାଜ୍ୟ ସରକାର ମାନ୍ୟବର ସର୍ବୋଚ୍ଚ ଅଦାଲତର ନିର୍ଦ୍ଦେଶକୁ ଅଣଦେଖା କରିବା ଓ ପରିଣତି ଅର୍ଦ୍ଧେକ ଜନସଂଖ୍ୟା ବିଶିଷ୍ଟ ପଛୁଆ ବର୍ଗକୁ ସଂରକ୍ଷଣହୀନ କରିବା ଅକ୍ଷମଣୀୟ। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ସଂପାଦକ ତଥା ଆଇନଜୀବି ଶମ୍ଭୁନାଥ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ରାଜ୍ୟରେ ଉଭୟ ଡୋଜ୍ ଟିକାକରଣ ୨କୋଟି ଟପିଲା

ଭୁବନେଶ୍ୱର ,୨୮/୧୨ (ନି.ପ୍ର): ରାଜ୍ୟରେ ଉଭୟ ଡୋଜ୍ ଟିକାକରଣ ୨କୋଟି ଟପିଛି। ସୋମବାର ଦିନ ରାଜ୍ୟରେ ୨ଲକ୍ଷ ୪୪ହଜାର ୮୭୭ଜଣଙ୍କୁ କରୋନା ଟିକା ଦିଆଯିବା ପରେ ରାଜ୍ୟ ଏହି ସଫଳତା ହାସଲ କରିଛି। ବର୍ତମାନ ସୁଦ୍ଧା ରାଜ୍ୟରେ ୨.୮୯ କୋଟିର ଅଧିକ ପ୍ରଥମ ଡୋଜ୍ ଟିକା ଦିଆଗଲାଣି। ସମୁଦାୟଭାବେ ୪କୋଟି ୯୦ଲକ୍ଷ ୩୧ହଜାର ୪୫୨ ହିତାଧିକାରୀ ଟିକା ନେଇ ସାରିଲେଣି।

ଅପରପକ୍ଷରେ ରାଜ୍ୟରେ ଏବେ ଟିକାର ଅଭାବ ନାହିଁ। ମୋବାଇଲ ଭ୍ୟାନ୍ ଜରିଆରେ ଟିକାକରଣ କରାଯାଉଛି। ଏହାସତ୍ତ୍ୱେ ରାଜ୍ୟରେ ୬୦ବର୍ଷରୁ ଅଧିକ ଲୋକଙ୍କ ପ୍ରଥମ ଡୋଜ୍ ଟିକାକରଣ ଶତ ପ୍ରତିଶତ ଛୁଇଁନାହିଁ। ଏହି ବର୍ଗରେ ୫୨ଲକ୍ଷରୁ ଅଧିକ ଲୋକ ଥିବା ବେଳେ ତହିଁରୁ ୧୦ ପ୍ରତିଶତ ନିଜର ପ୍ରଥମ ଡୋଜ୍ ନେଇ ନାହାନ୍ତି। ଏହାସହ ଯେତିକି ସଂଖ୍ୟକ ଲୋକ ପ୍ରଥମ ଡୋଜ୍ ନେଇଛନ୍ତି ତହିଁରୁ ୮୫ ପ୍ରତିଶତ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଆସନ୍ତାମାସ ୧୦ତାରିଖରୁ ଦେଶବ୍ୟାପୀ ପ୍ରିକସନ୍(ବୁଷ୍ଟର) ଡୋଜ୍ ଟିକାକରଣ ଆରମ୍ଭ ହେବାକୁ ଯାଉଛି। ଯେହେତୁ ୧୦ପ୍ରତିଶତରୁ ଅଧିକ ବୟସ୍କ ଏ ପର୍ଯ୍ୟନ୍ତ ନିଜର ଉଭୟ ଡୋଜ୍ ଟିକା ନେଇ ନାହାନ୍ତି ସେମାନେ ପ୍ରିକସନ୍ ଡୋଜ୍ ନେବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ। ଗୋଟିଏ ପଟେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ଆହୁରି ୫ଲକ୍ଷରୁ ଅଧିକ ବୟସ୍କ ପ୍ରଥମ ଡୋଜ୍ ଟିକା ନେଇ ନ ଥିବା କାରଣରୁ ସେମାନଙ୍କ ପ୍ରତି ବିପଦ ବୃଦ୍ଧି ପାଇଛି।

ଆସନ୍ତାମାସ ୧୦ତାରିଖରୁ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା, ୬୦ବର୍ଷରୁ ଅଧିକ ଓ ଜଟିଳ ରୋଗ ଥିବା ବୟସ୍କମାନଙ୍କୁ ପ୍ରିକସନ୍ ଡୋଜ୍ ଟିକା ଦିଆଯିବ। ଜଟିଳ ରୋଗରେ ପୀଡ଼ିତ ବ୍ୟକ୍ତି ଡାକ୍ତରଙ୍କ ପାଖରୁ ପରାମର୍ଶ ନେଇ ଏହି ଟିକା ନେଇ ପାରିବେ ବୋଲି କୁହାଯାଇଛି। ରାଜ୍ୟରେ ସମୁଦାୟ ୩.୨୫କୋଟି ହିତାଧିକାରୀଙ୍କୁ ଟିକା ଦିଆଯିବ। ଆସନ୍ତାମାସ ୧୫ତାରିଖ ସୁଦ୍ଧା ରାଜ୍ୟ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଅତିକମ୍‌ରେ ପ୍ରଥମ ଡୋଜ୍ ଟିକା ଦେବାକୁ ଲକ୍ଷ୍ୟ ରଖିଛନ୍ତି। ଶତ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ନିଜର ପ୍ରଥମ ଡୋଜ୍ ନେଇ ସାରିଥିବା ବେଳେ ବୟସ୍କଙ୍କ ପାଇଁ ପ୍ରିକସନ୍ ଡୋଜ୍ ଆହୁରି ବିଳମ୍ବ ହୋଇପାରେ ବୋଲି ଆଶଙ୍କା ଦେଖା ଦେଇଛି। ବିଶେଷକରି ଗ୍ରାମାଞ୍ଚଳରେ ଏହି ହାର ଅଧିକ ରହିଛି। ତେବେ ଟିକାକରଣ ହାର ବଢ଼ାଇବା ଲାଗି ପ୍ରତି ବ୍ଲକ୍‌ରେ ୮ଟି ମୋବାଇଲ ଭ୍ୟାନ୍ ଟିକାକରଣରେ ସାମିଲ ଅଛନ୍ତି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଟିକାକାଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ।

ଡା.ପାଣିଗ୍ରାହୀଙ୍କ କହିବା କଥା ରାଜ୍ୟରେ ଏବେ ବି ୨୯ଲକ୍ଷ ଲୋକ ନିଜର ପ୍ରଥମ ଡୋଜ୍ ଟିକା ନେଇ ନାହାନ୍ତି। ଦ୍ୱିତୀୟ ଡୋଜ୍ ଟିକା ନେବାକୁ ଆହୁରି ୩୦ଲକ୍ଷ ଲୋକ ରହିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରିକସନ୍ ଡୋଜ୍ ପାଇଁ ଘୋଷଣା କରାଯାଇଛି, ମାତ୍ର କୌଣସି ନିର୍ଦ୍ଦେଶନାମା ଆସିନାହିଁ। ଆସନ୍ତାକାଲି କେନ୍ଦ୍ର ସରକାରଙ୍କ ସହିତ ରାଜ୍ୟମାନଙ୍କ ବୈଠକ ହେବ। ଏଥିରେ ପ୍ରିକସନ୍ ଡୋଜ୍ ନେଇ ଆଲୋଚନା ହେବ ବୋଲି ଆଶା କରାଯାଉଛି। ୧୫-୧୮ବର୍ଷ ବୟସର ପିଲାଙ୍କୁ ଟିକା ନେବାକୁ ହେଲେ ପଞ୍ଜୀକରଣ କରିବାକୁ ପଡ଼ିବ। ଆବଶ୍ୟକ ହେଲେ ସ୍କୁଲ ଓ କଲେଜରେ ଟିକା ଦେବାର ବ୍ୟବସ୍ଥା କରାଯିବ।

# ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୧୫୬ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୮/୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୫୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୬୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୨୦ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୮୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୬ ଜଣ, ଭଦ୍ରକରୁ ୩ ଜଣ, କଟକରୁ ୬ ଜଣ, ଢେଙ୍କାନାଳରୁ ୨ ଜଣ, ଗଞ୍ଜାମରୁ ୩ ଜଣ, ଜଗତସିଂହପୁରରୁ ୨ ଜଣ, ଯାଜପୁରରୁ ୫ ଜଣ, ଝାରସୁଗୁଡ଼ାରୁ ୫ ଜଣ, କେନ୍ଦୁଝରରୁ ୪ ଜଣ, ଖୋର୍ଦ୍ଧାରୁ ୮୩ ଜଣ, କୋରାପୁଟରୁ ୧ ଜଣ, ମୟୂରଭଞ୍ଜରୁ ୨ ଜଣ, ନୟାଗଡ଼ରୁ ୧ ଜଣ, ପୁରୀରୁ ୫ ଜଣ, ସମ୍ବଲପୁରରୁ ୩ ଜଣ, ସୁନ୍ଦରଗଡ଼ରୁ ୫ ଜଣ, ଓ ଷ୍ଟେଟ ପୁଲରୁ ୨୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

# କାକଟପୁରରେ ଓମିକ୍ରୋନ ମୁକାବିଲା ପାଇଁ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର,୨୮/୧୨ (ନି.ପ୍ର): କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରି ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଓମିକ୍ରୋନ ମୁକାବିଲା ନେଇ ସଚେତନତା କାର୍ଯ୍ୟକ୍ରମ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ବେହେରା ଓମିକ୍ରୋନ ସମ୍ପର୍କରେ ଜ୍ଞାନ ଆହୋରଣ ସହ ଏହାର ପ୍ରଭାବ, ପୂର୍ବ ପ୍ରସ୍ତୁତି ଏବଂ ସଫଳ ମୁକାବିଲା ନେଇ ସଜାଗ ରହିବାକୁ ସମସ୍ତ ସ୍ୱାସ୍ଥ୍ୟକର୍ମୀ ଏବଂ ଆଶାକର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ସରକାରଙ୍କ କୋଭିଡ ମାର୍ଗଦର୍ଶିକା ଯଥା ସାମାଜିକ ଦୂରତା, ମାସ୍କ ପରିଧାନ ଏବଂ ନିୟମିତ ଅନ୍ତରରେ ସାବୁନ ବା ସାନିଟାଇଜରରେ ହାତ ପରିଷ୍କାର ନେଇ ଲୋକଙ୍କୁ ସଚେତନ କରିବାକୁ ସେ ଆଶାକର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଟେଷ୍ଟିଙ୍ଗ ବଢାଇବା, ସଚେତନ ହେବା ଏବଂ କୋଭିଡ ମାର୍ଗଦର୍ଶିକାର ସଠିକ ଅନୁପାଳନ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଯେଉଁ ବାର୍ତା ଦେଇଛନ୍ତି ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ମନ୍ତ୍ରୀ ସମସ୍ତଙ୍କୁ କହିଥିଲେ। ଦୁଇ ବର୍ଷ ଧରି ଆମେ କୋଭିଡ ମହାମାରୀର ମୁକାବିଲା କରି ଆସିଥିବାବେଳେ ଆଗକୁ ମଧ କରିପାରିବା, ଏଇ ଭାବନା ନେଇ ସମସ୍ତଙ୍କୁ କାମ କରିବାକୁ ପଡିବ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ନିଜ ବିଧାୟକ ପାଣ୍ଠିରୁ ଆଶାକର୍ମୀମାନଙ୍କୁ ପଲସ-ଅକ୍ସିମିଟର ଏବଂ ଡିଜିଟାଲ-ଥର୍ମୋମିଟର ପ୍ରଦାନ କରିଥିଲେ। ଏହା ଦ୍ୱାରା କୋଭିଡ ପରୀକ୍ଷଣ ଓ ଚିହ୍ନଟ ଅଧିକ ସହଜ ହେବା ସହ ଆମେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସହ ସଂକ୍ରମଣ ହାରକୁ ରୋକି ପରିବା। ଆମ ରାଜ୍ୟରେ ସଂକ୍ରମଣ ଅଧିକ ବ୍ୟାପକ ହୋଇ ନଥିଲେ ମଧ ଅନ୍ୟ ଦେଶକୁ ଦେଖି ଆମକୁ ପୂର୍ବପ୍ରସ୍ତୁତି କରିବାକୁ ପଡିବ। ଫଳରେ ଏହି ମହାମାରୀ ବିରୋଧ ଲଢେଇରେ ଆମେ ଜିତିପାରିବା ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ। ଏହି କାର୍ଯ୍ୟକ୍ରମରେ ବାଙ୍ଗୁରି ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ, ସ୍ଥାନୀୟ ନେତୃବୃନ୍ଦ, ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ବୃନ୍ଦ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ର ଛାତ୍ରୀ ସଂଘର ବାର୍ଷିକ ସମ୍ମିଳନୀ ଓ ପଲ୍ଲୀପ୍ରଦୀପ ଻ ଅନ୍ତର୍ଯ୍ୟାମୀ ବେହେରାଙ୍କ ୧୦୪ତମ ଜୟନ୍ତୀ ପାଳିତ



ଉଦଳା, ୨୮/୧୨ (ନି.ପ୍ର): କୁଶଳଦା ହାଇସ୍କୁଲର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ଻ ଅନ୍ତର୍ଯ୍ୟାମୀ ବେହେରାଙ୍କ ୧୦୪ତମ ଜୟନ୍ତୀ ଏବଂ ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ସଂଘର ବାର୍ଷିକ ସମ୍ମିଳନୀ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ସଂଘର ସଭାପତି ତଥା ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ମୋହନ ଶତପଥୀ ଅଧ୍ୟକ୍ଷତା କରିଥିବା ବେଳେ ଏଥିରେ ଗୋପବନ୍ଧୁନଗର ବ୍ଲକର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତି ମୁଖ୍ୟଅତିଥି, ବିଦ୍ୟାଳୟର ପୁରାତନ ଛାତ୍ର ତଥା ପ୍ରାକ୍ତନ ମନ୍ତ୍ରୀ ବିରଭଦ୍ର ସିଂ, ବିଶିଷ୍ଟ ଅତିଥି, ବିଦ୍ୟାଳୟର ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ସୁନାମଧନ୍ୟ ଉପ ବନସଂରକ୍ଷକ ବଟକୃଷ୍ଣ ପାଢ଼ୀ ମୁଖ୍ୟବକ୍ତା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶୀଧର ବାରିକ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ହୋଇ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ପଲ୍ଲୀପ୍ରଦୀପ ଻ ଅନ୍ତର୍ଯ୍ୟାମୀ ବେହେରାଙ୍କୁ ଜଣେ ମହାନ ଶିକ୍ଷାବିତ ଓ ସମ୍ପୂର୍ଣ୍ଣ ମଣିଷ ଭାବରେ ବର୍ଣ୍ଣନା କରିବା ସହ କୁଶଳଦା ହାଇସ୍କୁଲର ପୁରାତନ ଛାତ୍ର ଛାତ୍ରୀ ସଂଘର ସମସ୍ତ କାର୍ଯ୍ୟକ୍ରମକୁ ସମଗ୍ର ରାଜ୍ୟରେ ଅନନ୍ୟ ଓ ଅସାଧାରଣ ବୋଲି ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥିଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟନ ପରେ ବେଦ ପାଠ ଓ ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆବହସଂଗୀତ ଗାନ କରାଯାଇଥିଲା । ସଭାର ପ୍ରାରମ୍ଭରେ ପ୍ରବୀଣ ଶିକ୍ଷକ ପ୍ରିୟବ୍ରତ ବାରିକ ଅତିଥି ମାନଙ୍କୁ ମଞ୍ଚାସୀନ ହେବା ପାଇଁ ଆମନ୍ତ୍ରଣ କରିଥିବା ବେଳେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ତଥା ବାଗ୍ମୀ ଶିକ୍ଷକ ନେତା ସନାତନ ଜେନା ଅତିଥି ମାନଙ୍କର ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ରଖିଥିଲେ । ସ୍ୱାଗତ ଭାଷଣ ପରେ ଅବସରପ୍ରାପ୍ତ କୃତୀ ପ୍ରଧାନ ଶିକ୍ଷକ ତଥା ପୁରାତନ ଛାତ୍ର ଚାତ୍ରୀ ସଂଘର ସଂପାଦକ ରବିକାନ୍ତ ମହାପାତ୍ର ସଂଘର ବାର୍ଷିକ ବିବରଣୀ ପାଠ କରି ଏହାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପାଦକଙ୍କ ବିବରଣୀ ପାଠ ପରେ ବିଦ୍ୟାଳୟର ସାହିତ୍ୟ ପତ୍ରିକା 'ମଶାଲ'ର ମୁଖ୍ୟ ସମ୍ପାଦକ ଅଧ୍ୟାପକ କରୁଣାକର ମହାପାତ୍ର ଏହି ପତ୍ରୀକାର ସ୍ୱାତନ୍ତ୍ର୍ୟ ଓ ଏହାର ପ୍ରକାଶନ ସମ୍ପର୍କରେ ସୂଚନା ଦେଇଥିବା ବେଳେ ସଭା ଶେଷରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ମାନେ ବିଦ୍ୟାଳୟର ମୋଟ ୩୪ ଜଣ ଛାତ୍ର ଛାତ୍ରୀଙ୍କୁ ସ୍ମାରକୀ ପୁରସ୍କାର ଓ ୬୬ ଜଣଙ୍କୁ ଅନ୍ୟାନ୍ୟ ପୁରସ୍କାର ମାନ ପ୍ରଦାନ କରିଥିଲେ । ଚଳିତ ବର୍ଷ ବରିଷ୍ଠ ବର୍ଗରେ ସର୍ବଶ୍ରେଷ୍ଠ ପ୍ରବନ୍ଧ ପାଇଁ ଶିକ୍ଷାବିତ ଭଗବାନ ନାୟକ, ଻ ଦାମୋଦର ମହାପାତ୍ର 'ମଶାଲ' ପୁରସ୍କାର ପାଇଥିବା ବେଳେ ଛାତ୍ର ଛାତ୍ରୀ ମାନଙ୍କୁ ତିନିଗୋଟି ଭଗବାନ ମହାପାତ୍ର ମଶାଲ ପୁରସ୍କାରକୁ ସର୍ବଶ୍ରେଷ୍ଠ କ୍ଷୁଦ୍ର ଗଳ୍ପ ପାଇଁ ସେଣ୍ଟ ଯୋଶେଫ ପବ୍ଲିକ ସ୍କୁଲ, ଉଦଳାର ୧୦ମ ଶ୍ରେଣୀର ଛାତ୍ରୀ ଦେବାଂଶୀ ପଟ୍ଟନାୟକ, ସର୍ବଶ୍ରେଷ୍ଠ ପ୍ରବନ୍ଧ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜୁଆଳିଆର ୧୦ମ ଶ୍ରେଣୀର ଛାତ୍ରୀ ଦିବ୍ୟଶ୍ରୀ ପ୍ରଧାନ ଓ ସର୍ବଶ୍ରେଷ୍ଠ କବିତା ପାଇଁ କୁଶଳଦା ହାଇସ୍କୁଲର ୧୦ମ ଶ୍ରେଣୀର ଛାତ୍ରୀ ବର୍ଷାପ୍ରିୟଦର୍ଶିନୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା । ସଭା ଶେଷରେ ଶିକ୍ଷକ ସର୍ବେଶ୍ୱର ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ପୁରାତନ ଛାତ୍ର-ଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକ ତଥା ଶିକ୍ଷିକା ମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨୦୨୧ରେ ୭୦ ପ୍ରତିଶତରୁ ....

ଅପରାଧୀମାନେ ଭୁବନେଶ୍ୱରବାସୀଙ୍କୁ ଅଣନିଶ୍ୱାସୀ କରି ଦେଇଥିବା ବେଳେ ୩ ହଜାରରୁ ଅଧିକ ମାମଲାର ତଦନ୍ତ ସରିପାରୁନି । ବର୍ଷ ବର୍ଷ ଧରି କମିଶନରେଟ ପୁଲିସରେ ଗାଦି ମାଡିବସିଥିବା ଅଫିସରଙ୍କ ଯୋଗୁଁ ଅପରାଧ ବଢୁଛି ଓ ରାଜଧାନୀବାସୀ ଦିନକୁ ଦିନ ଅସୁରକ୍ଷିତ ମନେକରୁଥିବା କୁହାଯାଉଛି । ରିପୋର୍ଟ ଅନୁସାରେ, ୩୨ ହତ୍ୟା ମାମଲାରୁ ମାତ୍ର ୯ଟିର ତଦନ୍ତ ଶେଷ ହୋଇଛି । ଅର୍ଥାତ୍, ହତ୍ୟା ମାମଲାରେ ପୁଲିସ ଅପରାଧୀ ନିକଟରେ ପହଁଚିବାରେ ବିଫଳ । ୧୦୮ ଧର୍ଷଣ ମାମଲାରୁ ୭୭ଟି ତଦନ୍ତ ସରିଛି । ଏହି ଦୁଇ ଅପରାଧର ଶ୍ରେଣୀରେ ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନ ଉଠୁଛି । କାରଣ, ଅପରାଧ ଭିଆଇ ଅପରାଧୀ ଜେଲ ଯିବା ବଦଳରେ ବେଧଡକ୍ ଭାବେ ବୁଲୁଛି । ଆଉ ବିଭାଗୀୟ ଅଧିକାରୀ ଫାଇଲ୍ ବନ୍ଦ କରିବା ବଦଳରେ ସେମିତି ଖୋଲା ରଖୁଛନ୍ତି । ରିପୋର୍ଟ ଅନୁସାରେ, ୨୩ ଥାନାରୁ ୧୦ଟି ଥାନାରେ ତଦନ୍ତ ପ୍ରକ୍ରିୟା ଧିମା ଅଛି । ସାମଗ୍ରିକ ଭାବେ କହିବାକୁ ଗଲେ ରାଜଧାନୀରେ ଅପରାଧ ଓ ଅପରାଧୀ ଉପରମୁହାଁ ହୋଇଛନ୍ତି, ଯାହା ରାଜଧାନୀବାସୀଙ୍କ ଚିନ୍ତା ବଢାଇଦେଇଛି ।

### ୧୧୮ ବର୍ଷ ପରେ ସୂର୍ଯ୍ୟମନ୍ଦିର....

ଆକଳନ ହେବ । ଗୋଟିଏ ଶତାବ୍ଦୀରୁ ଅଧିକ ସମୟ ଧରି ଯେଉଁ ଧାରା ବଳରେ କୋଣାର୍କର ମୁଖଶାଳାକୁ ସୁରକ୍ଷିତ ରଖାଯାଇଥିଲା, ତାକୁ ଯଦି ହଟାଯାଉଛି, ତାହେଲେ କିଭଳି ଏହାର ସ୍ଥାୟୀତ୍ୱ ବଜାୟ ରହିପାରିବ, ସେନେଇ ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି । ୧୯୦୩ ରୁ ୧୯୦୯ ପର୍ଯ୍ୟନ୍ତ କୋଣାର୍କର ମୁଖଶାଳାରେ ବାଲି ଭର୍ତି କରାଯାଇଥିଲା, ପରେ ଏହାକୁ ସବୁଦିନ ପାଇଁ ସିଲ୍ କରି ଦିଆଯାଇଥିଲା । ହେଲେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗତବର୍ଷ କୋଣାର୍କରୁ ବାଲି ହଟାଇବା ଅନୁମତି ପ୍ରଦାନ କରିଥିଲେ । ଏହାପରେ ଏଏସଆଇ ପକ୍ଷରୁ ଏକ ୪ ଜଣିଆ କମିଟି ଗଠନ କରାଯାଇଥିଲା । କମିଟି ପକ୍ଷରୁ କୁହାଯାଇଥିଲା, ଯେହେତୁ ବାଲିର ସ୍ତର ଏବଂ ଜଗମୋହନର ଶୀର୍ଷ ମଧ୍ୟରେ ଦୂରତା ଥିଲା, ତେଣୁ କୁହାଯାଇ ପାରିବ, ମୁଖଶାଳା ଭଲ ସ୍ଥିତିରେ ରହିଛି । ବିନା କୌଣସି ସମର୍ଥନ ପ୍ରଣାଳୀ ବିନା ଉପର ଅଂଶ ଦୃଢ ଥିବାରୁ ବାଲି ବାହାର କରିବାକୁ ପଦକ୍ଷେପ ନିଆଯାଇପାରେ । ହେଲେ ଥରକେ ବଦଳରେ ଏକାଧିକ ଥରରେ ପ୍ରକ୍ରିୟା ସାରିବାକୁ ସୁପାରିଶ କରାଯାଇଥିଲା । ପୁରା ପ୍ରକ୍ରିୟା ପାଇଁ ଖୁବଶୀଘ୍ର ଟେଣ୍ଡର ଆହ୍ୱାଉନ କରାଯିବ ବୋଲି ଜଣାପଡିଛି । ୪ ରୁ ୫ ବର୍ଷ ଯାଏଁ ଏହି କାମ ଚାଲିପାରେ । ନିକଟରେ କୋଣାର୍କରେ ହୋଇଥିବା ଏକ କର୍ମଶାଳାରେ ଏଏସଆଇ ପକ୍ଷରୁ ଏନେଇ ବିଶଦ ରିପୋର୍ଟ ଉପସ୍ଥାପନ କରାଯାଇଥିଲା ।

### ଜାନୁଆରୀ ୩ରୁ ଖୋଲିବ....

ତା ସହିତ ସ୍କଲକୁ ପ୍ରତିଦିନ ସଫା ରଖିବା, ସ୍କୁଲ ଆସବାବ ପତ୍ର ସଫା ଏବଂ ପାଣିଟାଙ୍କିକୁ ମଧ ସଫା ରଖିବାକୁ ଏସଓପିରେ ଉଲ୍ଲେଖ କରାଯାଇଛି । ସ୍କୁଲରେ ହ୍ୟାଣ୍ଡୱାଶ ପାଇଁ ମଧ ବ୍ୟବସ୍ଥା କରିବାକୁ କୁହାଯାଇଛି । ସ୍କୁଲ ମଧ୍ୟରେ ପିଲାମାନେ ପରସ୍ପରଠାରୁ ୬ ଫୁଟ୍ ଦୂରତା ରଖି ବସିବେ । ଯଦି ସମ୍ଭବ ହୁଏ ତେବେ ଗୋଟିଏ ବେଂଚରେ ଗୋଟିଏ ପିଲା ବସିବାକୁ ବ୍ୟବସ୍ଥା କରିବାକୁ ଏସଓପିରେ କୁହାଯାଇଛି । ବିଦ୍ୟାଳୟର ସବୁ ସ୍ଥାନରେ ସାମାଜିକ ଦୂରତା ରକ୍ଷା କରିବା ସହିତ ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ବି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଗୋଟିଏ କ୍ଲାସରେ କେବଳ ୨୦ରୁ ୨୫ ଜଣ ପିଲା ବସିପାରିବେ । ସରକାର ଯେଉଁ ଅନୁସାରେ ସମୟ ଧାର୍ଯ୍ୟ କରିଛନ୍ତି ସେହି ଅନୁସାରେ ସ୍କୁଲ ଖୋଲାରହିବ । ସ୍କୁଲରେ କୌଣସି ପ୍ରକାର ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଦିଆଯିବ ନାହିଁ ବୋଲି ଏସଓପିରେ ଉଲ୍ଲେଖ କରାଯାଇଛି ।

## ଆରମ୍ଭ ହେଲା ଶିଶିର ସରସ ମେଳା

ଭୁବନେଶ୍ୱର, ୨୮/୧୨ (ନି.ପ୍ର): ରାଜ୍ୟ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଭୁବନେଶ୍ୱର ୟୁନିଟ-୩ ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଶିଶିର ସରସ ମେଳା ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଏଥର ମାଟ୍ ୩୦୦ଟି ଷ୍ଟଲ ଖୋଲାଯାଇଛି, । ରାଜ୍ୟ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲା ଏବଂ ୨୦ରୁ ଅଧିକ ଅନ୍ୟ ରାଜ୍ୟର ଗ୍ରାମୀଣ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ବିକ୍ରିବଟା କରାଯିବ । ଏହି ମେଳାରେ ୪୦୦ରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀ ବା ଉତ୍ପାଦକ ଗୋଷ୍ଠୀ ଭାଗ ନେଇଥିବା ବେଳେ ୫୦୦ରୁ ଅଧିକ କାରିଗର ତଥା ବିକ୍ରେତା ଅଂଶଗ୍ରହଣ କରୁଅଛନ୍ତି । ଏହି ମେଳା ୨୦୨୨ ଜାନୁଆରି ୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଜିଲ୍ଲା ସମ୍ମିଳନୀରେ ଆଶା ଓ ସରପଞ୍ଚ ସମ୍ବର୍ଦ୍ଧିତ



ଖଇରା, ୨୮/୧୨ (ନି.ପ୍ର): ଖଇରା ବ୍ଲକ ଅଧୀନ କୁରୁଣ୍ଡା ପଞ୍ଚାୟତର ସରପଞ୍ଚ ଦମୟନ୍ତୀ ପଣ୍ଡା ଓ ତୁଡିଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ କାର୍ଯ୍ୟରତ ଆଶାକର୍ମୀ ଅନୁସୂୟା ଜେନାଙ୍କୁ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ସମ୍ବର୍ଦ୍ଧୀତ କରିଛନ୍ତି । ଗାନ୍ଧୀସ୍ମୃତିଭବନ ପରିସରରେ ଜିଲାସ୍ତରୀୟ ଆଶା ଓ ଗାଁକଲ୍ୟାଣ ସମିତି ସମ୍ମିଳନୀରେ ଆୟୋଜିତ ସମାରୋହରେ କୋଭିଡର ସଠିକ ପରିଚାଳନା ପାଇଁ ବିଭିନ୍ନ ବ୍ଲକରୁ ଆଶା ଓ ସରପଞ୍ଚ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଖଇରା ବ୍ଲକ ପାଇଁ ଏହି ୨ଜଣ ଗୌରବ ଆଣି ଦେଇଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲସେନ ଜଗଦେବ ଓ ପ୍ରକଳ୍ପ ନିର୍ଦ୍ଦେଶକ ରବିନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ସଂଘ ତରଫରୁ ସ୍ମୃତିସଭା

ଖଇରା, ୨୮/୧୨ (ନି.ପ୍ର): ଖଇରା ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ବରିଷ୍ଠ ସଭ୍ୟ କୃଷ୍ଣଚନ୍ଦ୍ର ହାତୀଙ୍କ ବିୟୋଗରେ ଏକ ସ୍ମୃତିସଭା ଶୁକ୍ରବାର ଦିନ କୁପାରୀଠାରେ ଅନୁଷ୍ଠିତ ହୋଇ ଯାଇଛି । ଶରତ କୁମାର ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ । ମଞ୍ଚର ସଦସ୍ୟ କରୁଣାକର ମହାପାତ୍ର, ଭଗବାନ ସାହୁ, ରତ୍ନାକର ସେଣ୍ଠ, ବିରେନ୍ଦ୍ର ଜେନା, ଡା ଉମେଶ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ମାଝୀ, ଗଙ୍ଗାଧର ଦାସ, ରାମଚନ୍ଦ୍ର ମାଝି, ସୁଦର୍ଶନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ କର୍ମଚାରୀଙ୍କ ସରଳ ଜିବନୀ ଉପରେ ଆଲୋକପାତ କରିଥିଲେ ।

## ଲୁଧିଆନା ବମ୍ ବିସ୍ଫୋରଣର ଷଡ଼ଯନ୍ତ୍ରକାରୀ ମୁଲ୍‌ତାନୀ ଗିରଫ

ଚଣ୍ଡୀଗଡ଼, ୨୮/୧୨ (ନି.ପ୍ର): ଜର୍ମାନୀରେ ପୋଲିସ୍ ଲୁଧିଆନା ବମ୍ ବିସ୍ଫୋରଣ ଘଟଣାରେ ଜସବିନ୍ଦର ସିଂହ ମୁଲ୍ଲାନୀ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ମୁଲ୍‌ତାନୀକୁ ପ୍ରତିବନ୍ଧିତ ସଂଗଠନ ଶିଖ୍ସ ଫର୍ ଜଷ୍ଟିସ୍ ସହିତ ଯୋଡ଼ାହୋଇଛି ବୋଲି କୁହାଯାଉଛି । କୁହାଯାଉଛି ଯେ ସରକାରୀ ସ୍ତରରେ ଚେଷ୍ଟା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତରଫରୁ ମଧ ଜର୍ମାନୀରୁ ମୁଲ୍‌ତାନୀର ଗିରଫ ପାଇଁ ଅନୁରୋଧ କରାଯାଇଥିଲା । ମଧ ଜର୍ମାନୀର ଏୟାରପୋର୍ଟରେ ସନ୍ଦିଗ୍ଧ ପୋଲିସ ମୁଲ୍‌ତାନୀଙ୍କୁ ଗିରଫ କରିଛି । ତାକୁ ଲୁଧିୟାନା ବମ୍ ବିସ୍ଫୋରଣର ମାଷ୍ଟରମାଇଣ୍ଡ ମାନାଯାଉଛି । ସୂଚନା ମୁତାବକ ସେ ଦିଲ୍ଲୀ ଏବଂ ମୁମ୍ବାରେ ଅନ୍ୟ ବିସ୍ଫୋରଣ ଘଟାଇବାର ଦେବାର ଯୋଜନା ପ୍ରସ୍ତୁତ କରୁଥିଲା ।

## ଜେଏସଡବ୍ଲ୍ୟୁ ପାଇଁ ଶେଷ ହେଲା ଗୋବିନ୍ଦପୁର ଗାଁରେ ପାନବରଜ ମାପଚୁପ

ପାରାଦ୍ୱୀପ, ୨୮/୧୨ (ନି.ପ୍ର): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍‌ର ଢ଼ିଙ୍କିଆ ଅଂଚଳରେ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଆଜି ଢ଼ିଙ୍କିଆ ପଂଚାୟତର ଗୋବିନ୍ଦପୁର ଗାଁରେ ପାନ ବରଜ ଅଧିଗ୍ରହଣ କାର୍ଯ୍ୟ ଶେଷ କରାଯାଇଛି । ଏହି ଗାଁରେ ଆଜି ୬ ଟି ପାନବରଜ ମାପଚୁପ କରାଯାଇଥିଲା ବେଳେ ସମୁଦାୟ ଏହି ଗାଁରେ ଥିବା ୬୦ ଟି ପାନବରଜ ସମ୍ପୂର୍ଣ୍ଣ ଭାବେ ମାପଚୁପ ଶେଷ କରାଯାଇଛି ।ଏଥ ମଧ୍ୟରୁ ୧୨ ଜଣ ଲୋକଙ୍କୁ ସେମାନଙ୍କର କ୍ଷତିପୂରଣ ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥି ସହିତ ଗତକାଲି ଠାରୁ ଢ଼ିଙ୍କିଆ ପଂଚାୟତର ପାଟଣା ଗାଁରେ ପାନବରଜ ମାପଚୁପ ଆରମ୍ଭ ହୋଇଥିଲା ବେଳେ ଆଜି ସେହି ଗାଁର ଚନ୍ଦନ ମହାନ୍ତି, ରବି ସାହୁଙ୍କ ପାନବରଜ କରାଯାଇଛି । ବିଗତ ଦିନରେ ପୋସ୍କୋ କମ୍ପାନୀ ପାଇଁ ଚନ୍ଦନ ମହାନ୍ତି ପ୍ରମୁଖ କିଛି ପରିବାର ବିସ୍ଥାପିତ ହୋଇଥିଲା ବେଳେ ଦୀର୍ଘ ଦିନ ଧରି ଗାଁ ବାହାରେ ଅସ୍ଥାୟୀ ଶିବିରରେ ରହିଥିଲେ । ଜେ ଏସ ଡଃ ବ୍ଲୁ କମ୍ପାନୀ ପାଇଁ ଜମି ଅଧିଗ୍ରହଣ ପୂର୍ବରୁ ଗତ ୨୧ ତାରିଖରୁ ପ୍ରସ୍ତାବିତ ଅଂଚଳରେ ପାନବରଜ ମାପଚୁପ ଓ ଭଙ୍ଗା କାର୍ଯ୍ୟ ଜାରି ରହିଛି । ଆଜି ଏରସମା ତହସିଲଦାରଙ୍କ ସହିତ ଅତିରିକ୍ତ ତହସିଲଦାରଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ତହସିଲଦାର ବିରିଡ଼ି, ରଘୁନାଥପୁର ଓ ଜଗତସିଂହପୁର,, ସ୍ଥାନୀୟ ଅଭୟଚାନ୍ଦପୁର ଥାନା ଅଧିକାରୀଙ୍କ ସହିତ କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ କରାଯାଇଥିଲା । ଆଗାମୀ ଦିନରେ ମଧ ଏହି କାର୍ଯ୍ୟ ଜାରି ରହିବ ବୋଲି ସୂଚନା ମିଳିଛି । ଅପରପକ୍ଷରେ କମ୍ପାନୀ ପକ୍ଷରୁ ପାନବରଜ କ୍ଷତିପୂରଣ ଓ ସହାୟତା ରାଶି ସମ୍ପର୍କରେ ଏକ ଜରୁରୀ ଘୋଷଣା କରାଯାଇଛି । ପାନବରଜ ଭଙ୍ଗା ହେବା ତାରିଖ ଗତ ୨୨ତାରିଖରୁ ପନ୍ଦର ଦିନ କାର୍ଯ୍ୟ ଦିବସ ମଧ୍ୟରେ ଅର୍ଥାତ ଜାନୁଆରୀ ମାସ ୭ ତାରିଖ ମଧ୍ୟରେ ଯେଉଁ ମାନେ ନିଜେ ନିଜର ପାନବରଜ ଭାଙ୍ଗି ଦେ଼େ ସେମାନଙ୍କୁ କମ୍ପାନୀ ପକ୍ଷରୁ ୫୦ ହଜାର ଟଙ୍କାର ଅଧିକ ବୋନସ ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି । ସାଧାରଣତଃ ପ୍ରସ୍ତାବିତ ଅଂଚଳରେ ପାନବରଜ ଦେବା ପାଇଁ ଲୋକଙ୍କ ସହମତି ଦେଖା ଯାଉଥିବା ବେଳେ ଆଗ୍ରହ ପ୍ରକାଶ ପାଉଥିବାର ଦେଖାଯାଇଛି ।

## ଖୋର୍ଦ୍ଧା ସହର ସବୁ ମୂଖ୍ୟ ରାସ୍ତା ଓ ନାଳ ଅଧା

ଖୋର୍ଦ୍ଧା, ୨୮/୧୨ (ନି.ପ୍ର): ଖୋର୍ଦ୍ଧାସହର ସବୁ ମୂଖ୍ୟ ରାସ୍ତା ଓ ପାଣି ନିଷ୍କାସନ ପାଇଁ ନାଳ ସବୁ ଅଧା । ପ୍ରାୟ ୭୫ ଭାଗ ରାସ୍ତା ଓ ନାଳ କାମ ସରିଥିଲେ ମଧ ଅଳ୍ପକିଛି ଘରୋଇଜମି ଅଧିଗ୍ରହଣ ହୋଇ ନ ପାରିବାରୁ ସେହି ଜାଗାରେ ରାସ୍ତାକାମ ଓ ନାଳକାମ ବନ୍ଦହୋଇ ରହିଅଛି । ଉଦାହରଣ ହେଉଛି ନୂଆ ଅଗ୍ନିସମ ସମ୍ମୁଖ ଓ ଜିଲ୍ଲାପାଳ ଅଫିସ ଠାରୁ ରାସ୍ତା, କ୍ଷୁଦ୍ର ଜଳସେଚନ ନିର୍ବାହୀ ଅଧିକାରୀ ଅଫିସକୁ ଲାଗି ଗଡଖୋରୋଧା, ପହିଲି ପ୍ରଧାନ ଓ ତାଙ୍କ ଭାଇ ମାନଙ୍କ କୋବଲା ଯାଗା, ନୂଆ ଓ ପୁରୁଣା ବସଷ୍ଟାଣ୍ଡ ମୂଖ୍ୟ ସହର ରାସ୍ତା କାମ ଓ ନାଳ ସଂପୂର୍ଣ୍ଣ ହୋଇ ପାରୁନାହିଁ । ଗୋଟେ ଗୋଟେ ଜାଗାରେ ପୂର୍ବବତ ସଙ୍କୁଚିତ ହୋଇ ରହିଅଛି । ଏହି ରାସ୍ତା ଜବର ଦଖଲ କରି ଦୋକାନୀ ମାନେ ମାଡ଼ି ବସିଛନ୍ତି । ଏହି ଘର ଉଚ୍ଛେଦ ହେବ ହେବ ହୋଇ ପ୍ରାୟ ୧୦ ବର୍ଷ ହେଲାଣି କେତେ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀ ଗଲେଣି ମାତ୍ର କାର୍ଯ୍ୟ ନାହିଁ । ପାଣି ନିଷ୍କାସନ ପାଇଁ ନାଳ ହୋଇଛି ଖଣ୍ଡେ ଖଣ୍ଡେ ଯାଗାରେ ଭାଙ୍ଗିଗଲାନି ଓ ଏହା ଉପରେ ଉଠାଦୋକନି ଓ ବଡ ବଡ ଶୋରୁମ୍ ମାଲିକ କରିଥିବା ଦୋକାନୀ ମାଡିଆସି ତାଙ୍କ ଜିନିଷ ରଖୁଛନ୍ତି । ଏଥି ଯୋଗୁ ବାଟୋଇ ଚାଲି ଯିବାରେ ଅସୁବିଧା ହେଉଛି ବହୁଲୋକ ଦୁର୍ଘଟଣାରେ ମଲେଣି ଓ ଆହତ ହେଉଛନ୍ତି । ଏଥିପାଇଁ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ ।

## ଅବକାରୀ ଚଢାଉ : ୪ ଗିରଫ

ପୁରୀ,୨୮/୧୨ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ପୃଥକ ସ୍ଥାନରେ ଚଢାଉ କରାଯାଇ ୧୦ କେଜି ଭାଙ୍ଗ ଓ ୨୧ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇଛି । ଏହି ଚୋରାମାଦକଦ୍ରବ୍ୟ କାରବାରରେ ବ୍ୟବହୃତ ଓଡ଼ି୧୩ଏଲ୍ ୯୦୩୫ ନମ୍ବର ବିଶିଷ୍ଟ ୟାମା ଫସ୍କିଓ ସ୍କୁଟି ଜବତ କରାଯାଇଛି । ଘଟଣାରେ ସମ୍ପୃକ୍ତ ତାଳବଣିଆ ଥାନା ଅନ୍ତର୍ଗତ ସେନାପତି ବଗିଚାର ପ୍ରଭାତ ଦାସ(୩୬), ସମୁଦ୍ରକୂଳ ଥାନା ଅନ୍ତର୍ଗତ ଚକ୍ରତୀର୍ଥ ନୂଆସାହିର ଆଙ୍କା ଜୟେ (୪୫) ଓ ବାଡ଼ି ତୁଳସୀ(୪୦)କୁ ଗିରଫ କରାଯାଇଛି । ସେହିପରି ସାତପଡ଼ା ଅବକାରୀ ବିଭାଗ ପକ୍ଷରୁ ଗୋଡ଼ିଶାଗଦା ଗ୍ରାମରେ ଚଢାଉବେଳେ ୫.୧କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଚୋରା ଗଞ୍ଜେଇ କାରବାରରେ ସମ୍ପୃକ୍ତ ଗୋଡ଼ିଶାଗଦା ଗ୍ରାମର ସନ୍ତୋଷ ସେଠୀ(୨୦)କୁ ଗିରଫ କରାଯାଇଛି । ସାତପଡ଼ା ଅବକାରୀ ଥାନାରେ ଏସଂକ୍ରାନ୍ତରେ ୮୯/୨୧ମାମଲା ରୁଜୁକରି ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି ।

## 'ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୮/୧୨ (ନି.ପ୍ର): ବଲେଶ୍ୱରର ସ୍ୱେଚ୍ଛାସେବୀ ସଂଗଠନ ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ରେବତୀ ପତ୍ରିକାର ସମ୍ପାଦିକା ସମାଜସେବୀ ସୁବାସିନୀ ଜେନା ଏହି ଶିବିରକୁ ମିଳିତ ଭାବେ ଉଦଘାଟନ କରିଥିଲେ । ଜିଲାରେ ରକ୍ତର ଅଭାବ ପୂରଣରେ ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନର ଏହିଭଳି ଶିବିର ଆୟୋଜନ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଜିଲା ସଂଯୋଜକ ସାହିରୁଲ ହକ୍ ଓ ଜିଲା ରକ୍ତଭଣ୍ଡାର ଅଧିକାରୀ ବସନ୍ତ କୁମାର ଉପାଧ୍ୟାୟ ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ । ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନର ସଭାନେତ୍ରୀ ସଂଯୁକ୍ତାରାଣୀ ବେହେରା ଏଥରେ ପୌରହିତ୍ୱ କରିଥିଲେ । ସଂଗଠନର ବହୁ ସଦସ୍ୟ ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ।

## ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ଏକବିଂଶତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ



ବସ୍ତା, ୨୮/୧୨(ନିପ୍ର) ଆଜକୁ ଠିକ କୋଡିଏ ବର୍ଷ ପୂର୍ବେ ମୟୁରଭଞ୍ଜ ଜିଲାର ଆଦିବାସୀ ବହୁଳ ରାସଗୋବିନ୍ଦପୁର ବ୍ଲକର ରଙ୍ଗାମାଟିଆ ଠାରେ ସ୍ଥାପିତ ହୋଇଥିବା ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ୨୧ ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଯୁବ ସମାଜସେବୀ ଇଂ ପ୍ରତୀକ ପଟ୍ଟନାୟକଙ୍କ ମଞ୍ଚ ପରିଚାଳନାରେ ତଥା ଅନ୍ତ୍ୟୋଦୟ ଚେତନା ମଣ୍ଡଳର ଉପ ସଭାପତି ପ୍ରଫେସର ଡ଼ଃ ସୁଧୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା,ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନ ମୁଖ୍ୟ ଡ଼ଃ ଆଦିତ୍ୟ ପଟ୍ଟନାୟକ ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ପ୍ରସନ୍ନ କୁମାର ମହାନ୍ତି, ଡାକ୍ତର ସୌମିତ୍ର କୁମାର ଦାସ, ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ,ମୟୁରଭଞ୍ଜ ସାମ୍ବାଦିକ ସଂଘର ସଭାପତି ତଥା ବିକାଶ ମଞ୍ଚର ସଂଯୋଜକ ଅରୁଣ କୁମାର ଓତା, ବିକାଶ ମଞ୍ଚର ଆବାହକ ତଥା ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ପ୍ରମେୟ ଖବର କାଗଜର ଜିଲା ପ୍ରତିନିଧି ସାମ୍ବାଦିକ ସଞ୍ଜୟ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଅଥିତି ଭାବେ ଯୋଗ ଦେଇଥିଲେ ।ପ୍ରାରମ୍ଭରେ ଅତିଥି ମାନେ ଅନୁଷ୍ଠାନ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଅନୁଷ୍ଠାନର ବରିଷ୍ଠ କର୍ମୀ ସର୍ବେଶ୍ୱର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ।ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ତଥା ଅନ୍ତ୍ୟୋଦୟ ଚେତନା ମଣ୍ଡଳର ସମ୍ପାଦକ ଡ଼ଃ ଆଦିତ୍ୟ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିବା ସହିତ ଅନୁଷ୍ଠାନର କାର୍ଯ୍ୟ ଦକ୍ଷତା ଏବଂ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।ଚକ୍ଷୁ ଚିକିତ୍ସାଳୟ ନିର୍ମାଣ ହେବା ପର ଠାରୁ ଗୋଷ୍ଠିଭିତ୍ତିକ ଅଧିକାର କାର୍ଯ୍ୟକ୍ରମ ମାଧ୍ୟମରେ ଦୃଷ୍ଟିହୀନଙ୍କୁ ସୁଦୃଷ୍ଟି ଯୋଗାଇ ଦେବାରେ ଏହି ଚିକିତ୍ସାଳୟ ଏକ ରେକର୍ଡ ସୃଷ୍ଟି କରିଛି । ଉତ୍ତର ଓଡିଶା ସମେତ ପଡୋଶୀ ପଶ୍ଚିମବଙ୍ଗ, ଝାରଖଣ୍ଡ ଅନ୍ଧତ୍ୱ ପୀଡିତ ଆର୍ଥିକ ଅନଗ୍ରସର ପାଞ୍ଚ ଲକ୍ଷ ସତଷଟି ହଜାର ଅଡ଼ଷଠି ଜଣଙ୍କୁ ନବ ଦୃଷ୍ଟି ଦେବାରେ ସଫଳତା ହାସଲ କରିପାରିଛି । ଦୃଷ୍ଟିବାଧିତ ସମାଜ ଗଠନରେ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ଭୂମିକା ବାସ୍ତବିକ ଅବର୍ଣ୍ଣନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରତିବର୍ଷ ପରି ସମାଜସେବା ପାଇଁ ପ୍ରଫେସର କିଶୋର କୁମାର ବସା, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ପ୍ରସନ୍ନ କୁମାର ମହାନ୍ତି, ସାମ୍ବାଦିକତା କ୍ଷେତ୍ରରେ ସମାଜ ସାମ୍ବାଦିକ ଅଶୋକ କୁମାର ମହାନ୍ତି, ରଣଜିତ କୁମାର ସାହୁଙ୍କୁ ' ଗାନ୍ଧୀ ପ୍ରେରଣା ସମ୍ମାନ - ୨୦୨୧'ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଏତଦ ବ୍ୟତୀତ ଅନୁଷ୍ଠାନରେ ପ୍ରସଂସନୀୟ କାର୍ଯ୍ୟ କରିଥିବା କର୍ମୀ ମାନଙ୍କୁ ମଧ ଗାନ୍ଧୀ ପ୍ରେରଣା ସାମ୍ମାନରେ ସମ୍ମାନୀତ କରାଯାଇଥିଲା । ଶେଷରେ ଅନୁଷ୍ଠାନର ପରିଚାଳନା ଦାୟିତ୍ୱରେ ଥିବା ଜ୍ୟୋତିରେଖା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ଅନୁଷ୍ଠାନର ଯାଜ୍ଞସେନୀ ପଟ୍ଟନାୟକ, ପୁଷ୍ପାଞ୍ଜଳୀ ମହାପାତ୍ର, ଅଦିତି ପଟ୍ଟନାୟକ, ଅଲିଭା ମହାନ୍ତି, ସ୍ୱାତି ପ୍ରଭା ଦାଶ, ହୈମପ୍ରଭା ନାୟକ, ମଳୟ ମଞ୍ଜରୀ ରଥ, ପ୍ରଶାନ୍ତ ଲେଙ୍କା, ସର୍ବେଶ୍ୱର ଦାସ, ଲକ୍ଷ୍ମଣ ଭାଇ, ସଞ୍ଜୟ ଭାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## 'କଳା ଦର୍ପଣ'ର ଜାତୀୟ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ଉଦ୍‌ଘାଟିତ

ବାଲେଶ୍ୱର,୨୮/୧୨ (ନି.ପ୍ର): ବାଲେଶ୍ୱରର ଚିତ୍ରଶିଳ୍ପୀଙ୍କୁ ନେଇ ଗଠିତ 'କଳା ଦର୍ପଣ' ସଙ୍ଗଠନ ପକ୍ଷରୁ ଜାତୀୟସ୍ତରୀୟ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ପ୍ରକୃତି ପ୍ରତି ଲୋକଙ୍କୁ ଅକର୍ଷିତ କରିବା ତଥା ପରିବେଶ ସୁରକ୍ଷା ଦିଗରେ ସମସ୍ତଙ୍କୁ ସଚେତନ କରିବା ପାଇଁ ବାଲେଶ୍ୱରରେ କଳା ଦର୍ପଣର ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି କହିଥିଲେ । ଚନ୍ଦ୍ରଭାଗା ଅନୁଷ୍ଠାନର ମୁଖ୍ୟ କବି ଶ୍ରୀଦେବ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହିଭଳି କର୍ମଶାଳା ଜନ ସଚେତନତା ସୃଷ୍ଟିରେ ବିଶେଷ ସହାୟକ ହୋଇପାରିବ ବୋଲି ଆଶାପ୍ରକାଶ କରିଥିଲେ । ଚିତ୍ରଶିଳ୍ପୀ ପ୍ରଶାନ୍ତ କୁମାର ଦାସ ଉଦଘାଟନୀ ଉତ୍ସବରେ ପୌରହିତ୍ୱ କରିଥିଲେ । ଚିତ୍ରଶିଳ୍ପୀ ଅରୁଣ କୁମାର ଜେନା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କଳାଦର୍ପଣର ସମ୍ପାଦକ ବିଶ୍ୱଜିତ ପରମାଣିକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରୁ ୩୨ ଜଣ ଚିତ୍ରଶିଳ୍ପୀ ଭୂ-ଚିତ୍ର ଓ ପ୍ରକୃତି ଚିତ୍ର ଅଙ୍କନ କରିଥିଲେ । ଏଥି ସହିତ ଚିତ୍ରକଳା ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପ୍ରଶିକ୍ଷଣ କର୍ମଶାଳା ଦୁଇଦିନ ଧରି ଚାଲିବ । ଆସନ୍ତାକାଲି କର୍ମଶାଳର ଉଦଯାପନୀ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ଚିତ୍ରକଳା ପାଇଁ ଶ୍ରେଷ୍ଠ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା କରାଯିବ ବୋଲି କଳା ଦର୍ପଣର କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ । କଳା ଦର୍ପଣର କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ସାହୁ ଓ କାର୍ଯ୍ୟକ୍ରମ ସଂଯୋଜକ ବିରଜା ପ୍ରସାଦ ନାୟକଙ୍କ ସମେତ ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗୋଟିଏ ଦିନରେ ୧୫୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮/୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୪୧୬୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୪ ହଜାର ୦୯୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୫୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୫୬ ଜଣଙ୍କ ମଧ୍ୟରୁ ୯୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୮୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଭଦ୍ରକଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାରୁ ୧ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୦ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସେହିପରି ଗଂଜାମ ଜିଲ୍ଲାରେ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# 'କଳାକାର'ନାଟ୍ୟାନୁଷ୍ଠାନର ବାର୍ଷିକ ଉତ୍ସବ : ମନମୋହିଲା ନାଟକ'ସୁଅ'




ବାଲେଶ୍ୱର,୨୮/୧୨ (ନି.ପ୍ର): ବାଲେଶ୍ୱରର ଅଗ୍ରଣୀ ନାଟ୍ୟାନୁଷ୍ଠାନ କଳାକାରର ୩୧ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସୁରଞ୍ଜନ ଦାସମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଜିଲା ଶିକ୍ଷା ଅଧିକାରୀ ବିଷ୍ଣୁ ଚରଣ ସୁତାର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କଳାକାର ସମାଜ ପରିବର୍ତ୍ତନର କର୍ଣ୍ଣଧାର ସାଜିଥାଏ ବୋଲି ମତପ୍ରକାଶ କରିଥିଲେ । ଜଣେ ପ୍ରକୃତ କଳାକାର କେବେ ବିପଥଗାମୀ ହୁଏନି କିମ୍ବା ହାତରେ ବନ୍ଧୁକ ଧରେନି ବୋଲି ଶ୍ରୀ ସୁତାର କହିଥିଲେ । ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଇଂ. ହୃଷିକେଶ ସାହୁ, ନାଟ୍ୟ ନିର୍ଦ୍ଦେଶକ ରାମଚନ୍ଦ୍ର ମହାପାତ୍ର, କଳାକାର ଉପଦେଷ୍ଟା ରାଜେନ୍ଦ୍ର କିଶୋର ରାୟ, ନାଟ୍ୟକାର ଇଂ ଚିନ୍ମୟ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ସଭ୍ୟ ସୁଶାନ୍ତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କୁମାର ଗୋପାଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଗୁରୁ ଗଙ୍ଗାଧର କଳା ସଂସ୍କୃତି ପରିଷଦର ମୁଖ୍ୟ ଗଙ୍ଗାଧର ସେଠୀଙ୍କ ଲିଖିତ ନାଟ୍ୟ ପୁସ୍ତକ 'ଦିନିଆ ଭଣ୍ଡାରୀର ଆଦିଅନ୍ତ', 'ତିନୋଟି ଗିତିନାଟ୍ୟ', 'ସଚିତ୍ର ପ୍ରାରମ୍ଭିକ ଯୋଗାଭ୍ୟାସ ଏବଂ ନିୟମାବଳୀ' ଶୀର୍ଷକ ପୁସ୍ତକଗୁଡ଼ିକ ଉନ୍ମୋଚିତ ହୋଇଥିଲା । ପରେ ଦିଲେଶ୍ୱର ମହାରଣାଙ୍କ ରଚିତ ନାଟକ 'ସୁଅ' ମଞ୍ଚସ୍ଥ ହୋଇଥିଲା । କଳାକାର ନାଟ୍ୟାନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ଏଥିରେ ଅଭିନୟ କରିଥିଲେ ।

# ଜିଲ୍ଲାସ୍ତରୀୟ ଆଶା ଓ ଗାଁ'କଲ୍ୟାଣ ସମିତି ସମ୍ମିଳନୀ

ବାଲେଶ୍ୱର,୨୮/୧୨ (ନି.ପ୍ର): ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ସାମ୍ପ୍ରତିକ ସମାଜରେ ମାତୃ ଓ ଶିଶୁ ମୃତ୍ୟୁହାର ହ୍ରାସ କରିବା ଏବଂ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାରେ ଆଶାକର୍ମୀ ଓ ଗାଁ କଲ୍ୟାଣ ସମିତିର ମହତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେ ଆଲୋକପାତ କରିଥିଲେ । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଏଡିପିଏଚଓ ଡା. ଶଶାଙ୍କ ଶେଖର ଚୌଧୁରୀ, ଡା. ରଞ୍ଜନ କୁମାର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନା ସଫଳ ରୂପାୟନରେ ଆଶା ଓ ଗାଁ କଲ୍ୟାଣ ସମିତିର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏଥି ସହିତ "ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା" ଶୀର୍ଷକ ଉପରେ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ । ଜିଲାର ସମସ୍ତ ଆଶା, ଗାଁ କଲ୍ୟାଣ ସମିତିର ସଦସ୍ୟବୃନ୍ଦ (ଅଙ୍ଗନୱାଡି, ୱାର୍ଡମେମ୍ବର) ଓ ସରପଞ୍ଚ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରେଷ୍ଠ ଆଶା , ସୁସ୍ଥ ଗାଁ ଏବଂ ସୁସ୍ଥ ପଂଚାୟତକୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଡିପିଏମ ଅନୀଲ କୁମାର ମହାନ୍ତି, ଡିଏମଆରସିଏଚ ଏଲିନା ସାମଲ, ଜାତୀୟ ସ୍ୱାସ୍ଥ୍ୟ ମିଶନର ସୁରେନ୍ଦ୍ର ସାହୁ, ସୂର୍ଯ୍ୟଜିତ ରାୟ, ବିଶ୍ୱରଞ୍ଜନ ନାୟକ,ଜିଲା ଡାଟା ମ୍ୟାନେଜର ହରେକୃଷ୍ଣ ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ସ୍ୱଚ୍ଛତା ଅଭିଯାନ ଲାଗି ନିଯୁକ୍ତ ହେଲେ ବ୍ରାଣ୍ଡ ଆମ୍ବାସଡ଼ର, ପୃଷ୍ଠପୋଷକ

ପୁରୀ,୨୮/୧୨ (ନି.ପ୍ର): ସ୍ୱଚ୍ଛତା ଅଭିଯାନରେ ପୁରୀ ସହରକୁ ଏକ ନମ୍ବର କରିବା ପାଇଁ ପ୍ରଶାସନ ଅଣ୍ଟାଭିଡ଼ିଛି । ସହରର ସବୁ ବର୍ଗର ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ବ୍ରାଣ୍ଡ ଆମ୍ବାସଡ଼ର ଓ ପୃଷ୍ଟପୋଷକଙ୍କ ନାମ ଆଜି ସ୍ଥାନୀୟ ହେଲ୍‌ଥ ଅଫିସ୍ କନ୍‌ଫରାନ୍ସ ହଲ୍‌ଠାରେ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଘୋଷଣା କରିଛନ୍ତି । ଜାତୀୟ ପୁରସ୍କାରପ୍ରାପ୍ତ ଚଳଚିତ୍ର ତାରକା ଆଶୁତୋଷ ପଟ୍ଟନାୟକ ଓ ପ୍ରସିଦ୍ଧ ଓଡ଼ିଶୀ ନୃତ୍ୟଶିଳ୍ପୀ ରୂପଶ୍ରୀମହାପାତ୍ରଙ୍କୁ ବ୍ରାଣ୍ଡ ଆମ୍ବାସଡ଼ର ନିଯୁକ୍ତ କରାଯାଇଛି । ସେହିପରି ପଦ୍ମବିଭୂଷଣ ଶିଳ୍ପୀ ସୁଦର୍ଶନ ସାହୁ ଓ ଆର୍ନ୍ତଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କୁ ପୃଷ୍ଟପୋଷକ ଘୋଷଣା କରାଯାଇଛି । ଏଭଳି ପଦକ୍ଷେପ ସ୍ୱଚ୍ଛତା କ୍ଷେତ୍ରରେ ପ୍ରଶାସନିକ ଓ ସାଧାରଣ ସ୍ତରରେ ଉପଯୁକ୍ତ ସମନ୍ୱୟ ରକ୍ଷା କରିବା ସହିତ ସହରର ସ୍ୱଚ୍ଛତା କ୍ଷେତ୍ରରେ ଅଧିକ ସହାୟକ ହୋଇପାରବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଆମ୍ବାସଡ଼ର ଓ ପୃଷ୍ଟପୋଷକଙ୍କ ସମର୍ଥନ ତଥା ସହରବାସୀଙ୍କ ସହଯୋଗ ହିଁ ସହରକୁ ସଫା ରଖିବାର ପୁଞ୍ଜି । ସହରକୁ ସ୍ୱଚ୍ଛ ରଖିବାରେ ପୌରସଂସ୍ଥା ସହିତ ସଧାରଣଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀସ୍ୱାଇଁ ଉଲ୍ଲେଖ କରିଥିଲେ । ସ୍ୱଚ୍ଛ ସର୍ବେକ୍ଷଣ ୨୦୨୦ରେ ପୁରୀସହର ୨୫୬ ତମସ୍ଥାନରେ ଥିବାବେଳେ ୨୦୨୧ରେ ୧୨୫ତମ ସ୍ଥାନରେ ରହିଛି । ଅସନ୍ତାବର୍ଷ ସହରକୁ ଏକ ନମ୍ବର କରିବାକୁ ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ସ୍ୱାଇଁ କହିଥିଲେ । ସ୍ୱଚ୍ଛତା ନିମନ୍ତେ ଆମ୍ବାସଡ଼ର ଚୟନ କରାଯାଇଥିବାରୁ ଆଶୁତୋଷ ପଟ୍ଟନାୟକ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ୍ ଜଣାଇଥିଲେ । ଏହିଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୌରସଂସ୍ଥା ପରିମଳ ବିଶେଷଜ୍ଞ ବିଷ୍ଣୁ ପ୍ରସାଦ ମିଶ୍ର,ରିସଭ ଦାଶ,ପରାମର୍ଶଦାତା ଜ୍ୟୋତି ପ୍ରକାଶ ଓ ଆଶିଷ କୁମାର ସାହୁ ପ୍ରମୁଖ ଉପସ୍ଥିତଥିଲେ ।

## ରମେଶ ଚନ୍ଦ୍ର ନାୟକ ସ୍ମୃତି କମିଟି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୮/୧୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଜୟଦେବକସବା ପଞ୍ଚାୟତର ଟିକିରାପଡ଼ା ଗ୍ରାମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରମେଶ ଚନ୍ଦ୍ର ନାୟକ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଶିବିରକୁ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଉଦଘାଟନ କରିବା ସହ ସାମ୍ପ୍ରତିକ ସ୍ଥିତିରେ ଜିଲାରେ ରକ୍ତର ଅଭାବ ପୂରଣ ନେଇ ଏହିଭଳି ଶିବିର ବେଶ ସହାୟକ ହୋଇପାରିଛି ବୋଲି କହିଥିଲେ । କମିଟିର କାର୍ଯ୍ୟକର୍ତ୍ତାଙ୍କୁ ସେ ସାଧୁବାଦ ଜଣାଇଥିଲେ । ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଅଧ୍ୟାପକ ଗୌରୀ ପ୍ରସାଦ ରଥ, ସ୍ମୃତି କମିଟି ସଭାପତି ପଞ୍ଚାବ କେଶରୀ ପାଢ଼ୀ, ସମ୍ପାଦକ ସମର ବଲଭ ନାୟକ, କାର୍ଯ୍ୟକାରୀ ସଭାପତି ଆଇନଜୀବୀ ଶିବଶଙ୍କର ପଣ୍ଡା ପ୍ରମୁଖ ଏଥିରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅଜିତ କୁମାର ଜେନା, ଶୁଭେନ୍ଦୁ କୁମାର ଦେ, ଶରତ କୁମାର ଦାସ, କମଳାକାନ୍ତ ଦାସ, ଉମାକାନ୍ତ ଦାସ, ସଞ୍ଜୟ ଦାସ, ଦୁଷ୍ମନ୍ତ ପ୍ରଧାନ, ଚିତ୍ତରଞ୍ଜନ ଦାସ, ଶତ୍ରୁଘ୍ନ ମହାଲିକପାଗଲା ବଳ ପ୍ରମୁଖଙ୍କ ସମେତ କମିଟିର ବହୁ ସଦସ୍ୟ ଏଥିରେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ । ଜିଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ ।

# ଅପେକ୍ଷାର ଅନ୍ତ, ମଣିଷ ବଦଳରେ ଗଣ୍ଠିଲିରୁ ବାହାରିଲା ମୂଷା



ଖଇରା, ୨୮/୧୨ (ନି.ପ୍ର): ମଙ୍ଗଳବାର ଦିନ ୨ଟା ସମୟରେ ବାଲେଶ୍ୱର ଜିଲା ଖଇରା ଥାନା ବାରଭାଗିଆ ଗ୍ରାମର ପରିତ୍ୟକ୍ତ ଯାଗାକୁ ଲୋକଙ୍କ ସୁଅ ଛୁଟିଥିଲା । କେହି ଦୁର୍ବୃର୍ତ୍ତ ପିଲାକୁ ହତ୍ୟା କରି ଲୁଗା ଗଣ୍ଠିଲେ ଗୁଡାଇ ବୁଦା ମୂଳକୁ ଫିଙ୍ଗି ଦେଇଥିବା ନେଇ କୁହାକୁହି ହେଉଥିଲେ । କଥା କାନକୁ କାନ ବାଜି ଯେତେ ଆଗକୁ ଯାଉଥିଲା,ଲୋକଙ୍କ ସଂଖ୍ୟା ମଧ୍ୟ ସେହି ଅନୁପାତରେ ବଢୁଥିଲା । ଲୋକମାନେ ମଧ୍ୟ ହତ୍ୟା ରହସ୍ୟର ଉନ୍ମୋଚନ ପାଇଁ ପୋଲିସକୁ ଫୋନ କରିଥିଲେ । ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ ଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ଘଟଣାର ଅନୁସନ୍ଧାନ କରିଥିଲେ । ଗଣ୍ଠିଲି ଭିତରୁ ପଚା ଗନ୍ଧ ଆସୁଥିବାରୁ ନିଶ୍ଚୟ ଏହା ଏକ ଶବ ବୋଲି ଉପସ୍ଥିତ ଗ୍ରାମବାସୀଙ୍କର ଦୃଢ ବିଶ୍ୱାସ ମଧ୍ୟ ଥିଲା । ହେଲେ ଗଣ୍ଠିଲି ଖୋଲିବା ପରେ ଛୋଡ ଛୋଟ ଖଣ୍ଡ ଲୁଗା ଭିତରେ ଏକ ଚୁଟିଆ ମୂଷା ଥିବାର ଦେଖିବାକୁ ମିଳିଥିଲା । ଶେଷରେ ଉପସ୍ଥିତ ଥିବା ହଜାରେ ପାଖାପାଖି ଗ୍ରାମବାସୀ ମୁହଁରେ ହାତ ଧରି ହସି ହସି ଘରକୁ ଫେରିଥିଲେ । ସମଗ୍ର ଖଇରା ଅଞ୍ଚଳରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଫଟୋ-ଖଇରା୧-ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଲୁଗା ଗଣ୍ଠିଲି ଖୋଲା ଯାଉଛି ।

# ବି.ବି. ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର




ବାରିପଦା, ୨୮/୧୨ (ନି.ପ୍ର): ବାଇଗଣବାଡିଆସ୍ଥିତ ବି.ବି. ମହାବିଦ୍ୟାଳୟରେ ଉଭିଦ ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ମଙ୍ଗଳବାରଦିନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । "ବିପର୍ଯ୍ୟୟ ପରିଚାଳନାରେ ଛାତ୍ରଛାତ୍ରୀଙ୍କର ଭୂମିକା" ଶୀର୍ଷକ ଆଲୋଚନାଚକ୍ରକୁ ଅଧ୍ୟକ୍ଷ ଡ. ଯତିନ୍ଦ୍ରନାଥ ସିଂ ଦେବ ସଚ୍ଚାନ ଉଦ୍‌ଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟଚକ୍ରର ଗୁରୁତ୍ୱ ଏବଂ କାର୍ଯ୍ୟକାରିତା ଉପରେ ଉପଦେଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶ୍ରୀ ଆଶିଷକୁମାର ବେହେରା ସ୍ୱାଗତଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ସୁଇଟି ମୁର୍ମୁ ପାଠ୍ୟଚକ୍ରର ଶୀର୍ଷକ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଝାରପୋଖରିଆ ସ୍ଥିତ ସୀମାନ୍ତ ମହାବିଦ୍ୟାଳୟର ପ୍ରଧ୍ୟାପକ ଡ.ଅଶୋକ କୁମାର ଶର୍ମା, ପାୱାର ପଏଣ୍ଟ ମାଧ୍ୟମରେ ବିପର୍ଯ୍ୟୟ ପରିଚାଳନାରେ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ସୁନ୍ଦର ସାରଗର୍ଭକ ସୂଚନା ପ୍ରଦାନ କରିଥିଲେ । କେଶବ ରତିକାନ୍ତ ବେହେରା, ସିନିଗୋ ହାଁସଦା, ରୂପସ୍ମିତା ଧିର, ଚମ୍ପାମଣୀ ମୁର୍ମୁ, ଦୀପିକା ମହାନ୍ତି, ଚିନ୍ମୟିସିଂ, ବିରୁବାଲି ମୁର୍ମୁ ନିଜ ନିଜର ସନ୍ଦର୍ଭ ପାଠକରିଥିଲେ । ଶେଷରେ ଉଭିଦ ବିଜ୍ଞାନ ବିଭାଗରଶ୍ରୀ ଦିଲ୍ଲୀପ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ । ଅନୁସୟା ସିଂ, ପିଜୁସକାନ୍ତି ଘୋଷ, ଶୁକଦେବ ଗିରି, ସୁକଦେବ ଘୋଷ ତଥା ବିଭାଗର ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

## ସମାଜସେବୀ ପ୍ରଭାତ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ଶୋକ

ବାଲେଶ୍ୱର,୨୮/୧୨ (ନି.ପ୍ର): ସମାଜସେବୀ ପ୍ରଭାତ ଚନ୍ଦ୍ର ମହାନ୍ତିଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ବୟସାଧିକ ରୋଗରେ ପୀଡ଼ିତ ଥାଇ ମଙ୍ଗଳବାର ସକାଳେ ୮୭ ବର୍ଷ ବୟସରେ ରାଣୀପାଟଣାସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ପତ୍ନୀଙ୍କ ସମେତ ଦୁଇପୁଅ ପଲ୍ଲବ ଓ ପ୍ରସନ୍ନ, ପୁତ୍ରବଧୂଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁ ସମ୍ପର୍କରେ ପ୍ରଚାର ହୋଇଯିବା ପରେ ବନ୍ଧୁବାନ୍ଧବ, ଜ୍ଞାତି କୁଟୁମ୍ବ ଓ ସମ୍ପର୍କୀୟମାନେ ରାଣୀପାଟଣାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଇଂ. ବନମାଳି ନାୟକ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା, ବସନ୍ତ କୁମାର ନାୟକ, ଅଭିରାମ ଦାସ, ହାରାଧନ ଗିରି, ବରେନ୍ଦ୍ର ବର ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ସ୍ୱର୍ଗତ ମହାନ୍ତିଙ୍କୁ ଶେଷଦର୍ଶନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ମଧ୍ୟାହ୍ନରେ ସ୍ଥାନୀୟ ମୁକ୍ତିଦ୍ୱାର ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା । ସ୍ୱର୍ଗତ ମହାନ୍ତି ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗରୁ ଗତ ୧୯୯୫ ମସିହାରେ ଅବସର ଗ୍ରହଣ ପରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ଜଣେ ସକ୍ରିୟ ସଦସ୍ୟ ଭାବେ ସମସ୍ତ କାର୍ଯ୍ୟରେ ସହଯୋଗ କରି ଆସୁଥିଲେ । ୨୦୦୫ ମସିହାରୁ ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ଓ ଆନ୍ଦୋଳନରେ ସେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ । ବାଲେଶ୍ୱରର ବହୁ ସାମାଜିକ ସଂଗଠନ ସହ ମଧ ସେ ଜଡ଼ିତ ଥିଲେ । ସ୍ୱଳ୍ପଭାଷୀ, ସମୟାନୁବର୍ତ୍ତିତା, ସଙ୍କୋଚତା ପ୍ରକୃତିର ବ୍ୟକ୍ତିତ୍ୱ ଭାବେ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ।

# ଭଞ୍ଜଭୂମି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍‌ଯାପିତ



ଉଦଳା, ୨୮/୧୨ (ନି.ପ୍ର): ଖୁଣ୍ଟା ବ୍ଲକ ସ୍ଥିତ ଭଞ୍ଜଭୂମୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡୁକୁରାସ୍ଥିତ ବାଳକ ଓ ବାଳିକା ବିଭାଗର ଶୀତ କାଳୀନ ଜାତୀୟ ସେବା ଶିବିର ଉଦ୍‌ଯାପ୍ଣଛ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଶୁଶାନ୍ତ ଶେଖର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୁଣା ବାରିପଦା ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀଯୁକ୍ତ ମନୋଜ କୁମାର ସାହୁ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବୀ ଓ ପ୍ରେଗ୍ରାମ ଅଫିସର ମାନଙ୍କ ସହ ଆଲୋଚନା କରିଥିଲେ । ଶିବିରାର୍ଥି ମାନେ ୭ ଦିନ ଧରି ପୁଷ୍ୟ ଗ୍ରାମ ଡୁକୁରାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ବଜାର ସଫେଇ, ମନ୍ଦିର ସଫେଇ, ହସପିଟାଲ ଓ ପଞ୍ଚାୟତ ଅଫିସ ସଫେଇ ଗ୍ରାମ ରାସ୍ତା ଏବଂ ଲୋକ ମାନଙ୍କ ସହ ମିଶି ଅନ୍ଧ ବିଶ୍ୱାସ ଦୁରିକରଣ, କରୋନା ଟିକା କାର୍ଯ୍ୟକ୍ରମ ହାତକୁ ନେଇଥିଲେ । କରୋନା ଭାଇରସ ସଚେତନତା, ମାସ୍କ ବ୍ୟବହାର ଏବଂ ହେଲମେଟ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଦୁଇ ବିଭାଗର ପ୍ରୋଗ୍ରାମ ଅଫିସର ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜେନା ଏବଂ ଜଫର ଖାଁ ତତ୍ୱାବଧାନରେ ଜିଲ୍ଲା ସହ ସଂଯୋଜକ ଚନ୍ଦ୍ର ଶେଖର ମହାନ୍ତ ଏହି କାର୍ଯ୍ୟ ପରିଦର୍ଶନ କରି ସ୍ୱେଚ୍ଛାସେବୀ ମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଇଂରାଜୀ ଅଧାପକ ଶ୍ରୀଯୁକ୍ତ ରଜତ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ନାଗରିକ ମଞ୍ଚର ସ୍ୱତନ୍ତ୍ର ଅଧିବେଶନ



ବସ୍ତା, ୨୮/୧୨ (ନି.ପ୍ର): ଗାନ୍ଧିଛକ-ବସ୍ତା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଆଜି ବସ୍ତାରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି ।ଅବସର ପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ପ୍ରଦୀପ କୁମାର ମିଶ୍ର ପୌରହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବରେ ସମାଜସେବୀ ଶ୍ୟାମା ପ୍ରସାଦ ବେହେରା , ମୁଖ୍ୟ ବକ୍ତା ଭାବରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ସେଲ ର ଅଧିକାରୀ ସଞ୍ଜୟ କୁମାର ବେହେରା ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କର ସମସ୍ୟା ଓ ପରିଣତ ବୟସରେ ସେମାନଙ୍କର ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ବିଷୟରେ ଆଲୋକପାତ କରିଥିଲେ । ସଂଗଠନ ର ସମ୍ପାଦକ କୁମୁଦ ରଂଜନ ଗିରି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପୋଲିନ ବିହାରୀ ସେଠୀ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ପାଣି,ଇଂ ଜଗନ୍ନାଥ ମାଝୀ , ସୁଧାଂଶୁ କୁମାର ରାଉଳ, ଦେବ କୁମାର ଗିରି, ଅନନ୍ତ ମୁଖୀ, ସନା କିସ୍କୁ, କୁନୁ ଦାସ, ବିଜୟ କୁମାର ପାଣି, ଅମର କୁମାର ପାଳ , ଚନ୍ଦ୍ର ମୋହନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ପୁଲିସ୍ ପଞ୍ଝାରୁ ଖସିଲା ବ୍ରାଉନ୍‌ସୁଗର ମାଫିଆ : ପୁଅ ଅଟକ

ଜଳେଶ୍ୱର, ୨୮/୧୨(ନିପ୍ର): ଧଳାଜହର କାରବାରରେ ଉତ୍ତର ଓଡିଶାର ଜଳେଶ୍ୱର ଏକ ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ଏହାର ମୂଳପୋଛ କରିବାଲାଗି ଏସ୍‌ଟିଏଫ, ଅବକାରୀ ଓ ପୋଲିସ ବିଭାଗର ପ୍ରୟାସ ଜାରି ରହିଛି । କେତେକ ଛୋଟ ଛୋଟ ଧଳାଜହର ବେପାରୀକୁ ଧରାଯାଉଥିବା ବେଳେ ଏହାର ମୁଖ୍ୟ ମାଫିଆ ମାନଙ୍କୁ ଧରିବାରେ ବିଫଳ ହେଉଥିବାରୁ ଏହାକୁ ମୂଳପୋଛ କରାଯାଇ ପାରୁନାହିଁ । ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜଳେଶ୍ୱର ଆଇଆଇସି ରୋଜାଲିନ ବେହେରା ଆଜି ପ୍ରଥମଥର ଲାଗି ଏହି ଧଳାଜହର ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆରମ୍ଭ କରିଛନ୍ତି । ଧଳଜହର କାରବାରରେ ଝାଡେଶ୍ୱରପୁର ଗ୍ରାମର ଅଭିଯୁକ୍ତ ସେକ୍ ଏକଲାକକୁ ପୁଲିସ୍ ବହୁଦିନ ଧରି ଖୋଜୁଥିଲା । ଆଜି ତାର ଘର ଉପରେ ପୁଲିସ୍ ପକ୍ଷରୁ ଚଢାଉ କରିବାକୁ ଗଲାବେଳେ ଗ୍ୟାରେଜ ଛକ ନିକଟରେ ତାକୁ ଦେଖି ପୁଲିସ୍ ବାହିନୀ ଘେରି ଯାଇଥିଲା । ଏହି ସମୟରେ ତାର ବଡପୁଅ ଆସି ପୁଲିସ୍ ସହିତ ଧସ୍ତାଧସ୍ତି କରିବାରୁ ସେକ୍ ଏକଲାକ ସେଠାରୁ ଖସିଯାଇଥିଲା । ଜଳେଶ୍ୱର ପୁଲିସ୍ ତାର ବଡପୁଅକୁ ଅଟକ ରଖି ତଦନ୍ତ ଜାରି ରଖିଛି ।

# ଜଳେଶ୍ୱର ପଂଚାୟତ ସମିତି ଆସନ ସଂରକ୍ଷଣ ତାଲିକା ପ୍ରକାଶ

ଜଳେଶ୍ୱର ୨୮/୧୨(ନିପ୍ର): ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଜଳେଶ୍ୱର ପଂଚାୟତ ସମିତି ଆସନ ସଂରକ୍ଷଣ ଚୁଡାନ୍ତ ତାଲିକା ପ୍ରକାଶ ପାଇଛି । ବ୍ଲକ ଅକ୍ଷ୍ୟକ୍ଷ ପଦବି ଅଣସଂରକ୍ଷିତ ଥିବା ବେଳେ ୩୫ଟି ପଂଚାୟତଲାଗି ସଂରକ୍ଷଣ ତାଲିକା ପ୍ରକାଶ ପାଇଛି । ଏଥିରୁ ସରପଂଚ ଆସନ ପାଇଁ ମହିଳାଙ୍କୁ ୧୪, ଅନୁସୂଚୀତ ଜାତି ମହିଳାଙ୍କୁ ୪, ଅଣସଂରକ୍ଷିତଙ୍କ ଲାଗି ୧୩, ଅନୁସୂଚିତ ଜାତି ପ୍ରାର୍ଥୀଙ୍କ ଲାଗି ୪ ଓ ଅଣସଂରକ୍ଷିତ ମହିଳାଙ୍କ ଲାଗି ଗୋଟିଏ ଆସନ ରହିଥିବା ଜଣାଯାଇଛି । ସେହିପରି ସମିତି ସଦସ୍ୟ ପଦବୀ ଲାଗି ମହିଳାଙ୍କୁ ୧୦, ଅନୁସୂଚୀତ ଜାତି ମହିଳା ୪, ଅଣ ସଂରକ୍ଷଣ ୧୧, ଅନୁସୂଚିତ ଜାତି ୩, ଅନୁସୂଚିତ ଜନଜାତି ୩, ଅନୁସୂଚୀତ ଜନଜାତି ମହିଳା ୪ଟି ପଦବୀ ସଂରକ୍ଷିତ ରହିଛି । ପ୍ରାପ୍ତ ସୂଚନା ଅନୁଯାୟୀ ସରପଂଚ ମହିଳା ସଂରକ୍ଷଣ ଲାଗି ଆରୁହା, କଳମା, କାଳିକ, କୋଟସାହି, ଖାଲିନା, ଖୁଆଡ, ଗୋପିମୋହନପୁର, ଗୋବରଘଟା, ନାମ୍ପୋ, ବର୍ଡ୍ଡନା, ମାକିଡିଆ, ରାଜପୁର, ସର୍ଦ୍ଦାରବନ୍ଧ ଓ ସୁଗୋ ପଂଚାୟତ ରହିଥିବା ଜଣାଯାଇଛି । ଅନୁସୂଚୀତ ଜାତି ମହିଳାଙ୍କ ଲାଗି ଓଲମରା, ଖୁଦିଆ ମାଝିସାହି, ଦକ୍ଷିଣ ପ୍ରହରାଜପୁର, ପାଇକସିଦା ପଂଚାୟତକୁ ସଂରକ୍ଷଣ କରାଯାଇଛି । ଅଣ ସଂରକ୍ଷଣଭାବେ ଖୁଲୁଡା, ଝାଡପିପଳ, ନଚ୍ଛିମପୁର, ବରଡିହା, ବାଇଗଣବାଡିଆ, ମହମ୍ମଦନଗରପାଟଣା, ରାଇବଣିଆ, ରାୟାଁରାମଚନ୍ଦ୍ରପୁର, ଶ୍ୟାମନଗର, ଶ୍ରୀରାମପୁର, ସମ୍ପଡିଆ, ଲକ୍ଷ୍ମଣନାଥ, ଗଡସାହିବାଲିଆପାଳ ପଂଚାୟତ ରହିଛି । ଅନୁସୂଚିତ ଜାତି ଲାଗି ଚମାରଗାଁ, ନେତୁଆ, ପଶ୍ଚିମବାଡ ଓ ପାଇକସୀଦା ରହିଥିବା ବିଜ୍ଞାପନରୁ ପ୍ରକାଶ । ସମିତି ସଦସ୍ୟରେ ମହିଳା ଆସନଭାବେ ଆରୁହା, ଖାଲିନା, ଗୋପିମୋହନପୁର, ନାମ୍ପୋ, ବାଇଗଣବାଡିଆ, ମହମ୍ମଦନଗରପାଟଣା, ମାକିଡିଆ, ରାଜପୁର, ସୁଗୋ, ସମ୍ପଡିଆ ପଂଚାୟତ ରହିଛି । ଅନୁସୂଚିତ ଜାତି ମହିଳା ଆସନଲାଗି ଓଲମରା, ଚମାର ଗାଁ, ନେତୁଆ, ପାଇକସିଦା ପଂଚାୟତ ରହିଛି । ଅଣ ସଂରକ୍ଷଣ ଆସନ ତାଲିକାରେ କଳମା, କୋଟସାହି, ଖୁଲୁଡା, ଗଡସାହିବାଲିଆପାଳ, ଝାଡପିପଳ, ଦକ୍ଷିଣ ପ୍ରହରାଜପୁର, ନଚ୍ଛିମପୁର, ବର୍ଡ୍ଡନା, ରାୟାଁରାମଚନ୍ଦ୍ରପୁର, ଶ୍ରୀରାମପୁର ଓ ଲକ୍ଷ୍ମଣନାଥ ପଂଚାୟତ ରହିଥିବା ଜଣାଯାଇଛି । ଅନୁସୂଚିତ ଜାତି ପଦବୀ ତାଲିକାରେ ଖୁଦିଆ ମାଝିସାହି, ପଶ୍ଚିମବାର୍ଡ, ଶିଖରପୁର ରହିଥିବା ବେଳେ ଅନୁସୂଚିତ ଜନଜାତି ତାଲିକାରେ ସର୍ଦ୍ଦାରବନ୍ଧ, ଗୋବରଘଟା ଓ ବରଡିହା ପଂଚାୟତ ରହିଛି । ଅନୁସୂଚିତ ଜନଜାତି ମହିଳା ତାଲିକାରେ ଶ୍ୟାମନଗର, ରାଇବଣିଆ, ଖୁଆଡ ଓ କାଳିକ ପଂଚାୟତ ରହିଥିବାର ପ୍ରକାଶିତ ବିଜ୍ଞପ୍ତିରୁ ଜଣାଯାଇଛି । ଆଜି ଏହି ସଂରକ୍ଷଣ ତାଲିକା ପ୍ରକାଶ ପାଇବାପରେ ଆଶାୟୀ ସରପଂଚ, ସମିତି ସଦସ୍ୟ ପଦବୀ ଲାଗି ପାଗ ଭିଡିଥିବା ବହୁ ନେତୃସ୍ଥାନୀୟ ବ୍ୟକ୍ତି ଚଳିତ ପଂଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିନପାରିବା ଜଣାଯିବାପରେ ସେମାନଙ୍କ ମନରେ ନୈରାଶ୍ୟତା ପ୍ରକାଶ ପାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo